# ଟୋକନ୍ ଅବା ସେହି ଚିହ୍ନ

…ବାକ୍ୟର ପାଠ କରାଯିବା । ସମାପ୍ତି ସେବା ପାଇଁ, ସେହି କାରଣ ଯେଉଁଥି ଯୋଗୁଁ ମୁଁ ଆପଣମାନଙ୍କୁ ଛିଡା ହେବା ପାଇଁ କହିଲି…ଯେତେବେଳେ ସେମାନେ ସେହି ଗୀତ *ଷ୍ଟାର୍-ସ୍ପାଙ୍ଗେଲଡ୍ ବ୍ୟାନର* ବଜାନ୍ତି, ଆପଣମାନେ ଛିଡା ହୁଅନ୍ତୁ । ଆପଣ ହେବେ ନାହିଁ କି? [ମଣ୍ଡଳୀ କୁହନ୍ତି, "ହଁ ।"—ଅନୁ ।] ତାହାହେଲେ ପରମେଶ୍ୱରଙ୍କ ବାକ୍ୟ ପାଇଁ କାହିଁକି ନୁହେଁ? ଏହା ଏକ ସମ୍ମାନ ଅଟେ । ତେବେ ଯାତ୍ରାପୁସ୍ତକ, ତାହାର 12ଶ ପର୍ବରେ, 12ଶ ପଦରୁ ଆରମ୍ଭ କରି, ମୁଁ ଶାସ୍ତ୍ରର ଏକ ଅଂଶ, 12ଶ ଏବଂ 13ଶ ପଦ ପାଠ କରିବାକୁ ଇଚ୍ଛା କରେ ।

> *ଯେହେତୁ ଆମ୍ଭେ ଆଜି ରାତ୍ରି ମିସର ଦେଶର ମଧ୍ୟ ଦେଇ ଯାଇ, ମିସର ଦେଶସ୍ଥ—ସ୍ଥ ମନୁଷ୍ୟ ଓ ପଶୁର…ପ୍ରଥମଜାତକୁ ସଂହାର କରିବା, ପୁଣି… ବିଚାର କରି; ଦଣ୍ଡ ଦେବା: ଆମ୍ଭେ ସଦାପ୍ରଭୁ ।*
>
> *ଏଣୁକରି ତୁମ୍ଭେମାନେ ଯେଉଁ ଯେଉଁ ଗୃହରେ ଥାଅ, ସେହି ସେହି ଗୃହରେ ସେହି ରକ୍ତ ଚିହ୍ନ ସ୍ୱରୂପେ ରହିବ; ଆଉ ଆମ୍ଭେ ମିସର ଦେଶକୁ ଦଣ୍ଡ ଦେବା ସମୟରେ, ସେହି ରକ୍ତ ଦେଖିଲେ, ତୁମ୍ଭମାନଙ୍କୁ ଛାଡ଼ି ଆଗକୁ ଯିବା, ସଂହାରକ ଆଘାତ ତୁମ୍ଭମାନଙ୍କ ପ୍ରତି ଘଟିବ ନାହିଁ ।*

2 ମୋର ବିଷୟ ହେଉଛି: *ଟୋକନ୍ ବା ସେହି ଚିହ୍ନ ।*

3 ଆସନ୍ତୁ ଆମେମାନେ ବର୍ତ୍ତମାନ ନିଜର ମୁଣ୍ଡଗୁଡ଼ିକୁ ନୁଆଁଇବା । ଏବଂ ଏହି ପବିତ୍ର ମୁହୂର୍ତ୍ତର ସ୍ଥିରତାରେ, ପ୍ରାର୍ଥନାରେ ତାଙ୍କ ନିକଟକୁ ଯିବା ପୂର୍ବରୁ, କଅଣ ଏପରି କିଛି ନିବେଦନ ଅଛି ଯାହାକି ପରମେଶ୍ୱର ଆଜି ଅପରାହ୍ନରେ ଉତ୍ତର ଦିଅନ୍ତୁ ବୋଲି ଆପଣ ଚାହୁଁଛନ୍ତି? ଯଦି ଆପଣ ଚାହୁଁଛନ୍ତି ତେବେ କେବଳ ନିଜର ହାତଗୁଡିକୁ ଉପରକୁ ଉଠାନ୍ତୁ, ଏବଂ ନିଜ ହୃଦୟରେ ତାହା ଚିନ୍ତା କରନ୍ତୁ ଯାହା ସେ କରନ୍ତୁ ବୋଲି ଆପଣ ଚାହାଁନ୍ତି । ଭବନରେ ଯେକୌଣସି ସ୍ଥାନରେ, କେବଳ ତାହା ଚିନ୍ତା କରନ୍ତୁ ଯାହା ସେ କରନ୍ତୁ ବୋଲି ଆପଣ ଚାହାଁନ୍ତି ।

4 ଆମର ସ୍ୱର୍ଗୀୟ ପିତା, ତୁମେ ଅପରିବର୍ତ୍ତନୀୟ ପରମେଶ୍ୱର ଅଟ, ଏବଂ ଆମେ ପ୍ରାର୍ଥନା କରୁଛୁ ଯେ ତୁମେ ଆମର ପ୍ରାର୍ଥନାଗୁଡିକୁ ଆଜି ଅପରାହ୍ନରେ, ଉତ୍ତର ଦେବ, ଯେତେବେଳେକି—ଯେତେବେଳେକି ଆମେ ଆମର ହାତଗୁଡିକୁ ଧରିଅଛୁ । ଏବଂ ତୁମେ ଦେଖୁଛ ଯେ ମୋର ହାତଗୁଡିକ ମଧ୍ୟ, ଉପରକୁ ଉଠିଅଛି । ଏବଂ ମୋର ଅନୁରୋଧ, ମୁଁ ଏହାକୁ ସର୍ବସାଧାରଣରେ ଜଣାଇବି, ଅର୍ଥାତ୍, ପ୍ରଭୁ, ଯେ ତୁମେ ଆଜି ଏଠାରେ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ସୁସ୍ଥ କରିବ, ପ୍ରତ୍ୟେକ ହଜିଯାଇଥିବା ବ୍ୟକ୍ତିଙ୍କୁ ରକ୍ଷା କରିବ । ବର୍ତ୍ତମାନ, ତୁମେ କହିଲ, "ଯଦି ତୁମେ ପିତାଙ୍କୁ, ମୋ ନାମରେ କିଛି ମାଗିବ, ମୁଁ ତାହା କରିବି ।" ତେବେ, ପ୍ରଭୁ, ବିଶ୍ୱାସୀ ପିଲାମାନଙ୍କର, ଏକ ଏକକ ଭାବରେ ବିଶ୍ୱାସ କରିବାକୁ ଆମକୁ ଏକାଠି ସାହାଯ୍ୟ କର । ହେ

ପ୍ରଭୁ, ତୁମ ବାକ୍ୟ ମାଧ୍ୟମରେ କଥା କୁହ । ତୁମର ବାକ୍ୟ ସତ୍ୟ ଅଟେ । ଆମ ହୃଦୟଗୁଡିକୁ ଆଶୀର୍ବାଦ କର ।

5 ଏହି ସଭା ପାଇଁ ଆମେ ତୁମକୁ ଧନ୍ୟବାଦ ଦେଉଅଛୁ । ଭାଇ ଗ୍ରାଣ୍ଟ, ଏବଂ ତାଙ୍କର ସମସ୍ତ କର୍ମକର୍ତ୍ତା, ଆଉ ସମସ୍ତ ମଣ୍ଡଳୀ ଓ ଲୋକମାନଙ୍କ ପାଇଁ ଆମେ ତୁମକୁ ଧନ୍ୟବାଦ ଦେଉଅଛୁ । ଏବଂ ପ୍ରଭୁ, ସେସମସ୍ତ ବିଷୟ ପାଇଁ ଯାହା ତୁମେ ଆମ ପାଇଁ କରିଛ, ଆମେ ତୁମଠାରେ କୃତଜ୍ଞ ଅଟୁ । ପିତା, ତେବେ ଏଠାରେ ଆମମାନଙ୍କ ମଧ୍ୟରୁ ଅନେକ ଥାଇପାରନ୍ତି ଯେଉଁମାନେକି ପରସ୍ପର ଜଣେ ଅନ୍ୟକୁ ଆଉ କଦାପି ଦେଖିବେ ନାହିଁ, ଯେପର୍ଯ୍ୟନ୍ତକି ଆମେ ଅନ୍ୟ ପାର୍ଶ୍ୱରେ ନ ଦେଖୁ । ଏହା ହୁଏତ ଶେଷ ସେବା ହୋଇପାରେ ଯାହାକି ଆମେ ଏହି ପୃଥିବୀରେ ଏକାଠି ବସିବା । ପବିତ୍ରଆତ୍ମା ଆସି ଆମକୁ ଏକାଠି ଆଶୀର୍ବାଦ କରନ୍ତୁ, ଆମର ଆବଶ୍ୟକତାଗୁଡିକୁ ଯୋଗାନ୍ତୁ । ଯୀଶୁଙ୍କ ନାମରେ ଆମେ ପ୍ରାର୍ଥନା କରୁଛୁ । ଆମେନ୍ ।

ବସି ଯାଇପାରନ୍ତି ।

6 ମୋର ଏଠାରେ କାଗଜର ଏକ ଛୋଟ ଟ୍ୟାବଲେଟ୍ ଅଛି, ମୁଁ କିଛି ଶାସ୍ତ୍ରାଂଶ ଏବଂ ଛୋଟ ଛୋଟ ବିଷୟମାନ ଲେଖିଥାଏ । ପୂର୍ବରୁ ଏପରି ଥିଲା ଯେ ମୁଁ ଏହାକୁ ନିଜ ମସ୍ତିଷ୍କରେ ମନେ ରଖିପାରୁଥିଲି, ମାତ୍ର ମୁଁ ଏବେ ହେଁ ପଚି-ଶ ବର୍ଷ ଅତିକ୍ରମ କରିଅଛି, ଆପଣ ଜାଣନ୍ତି, ଅର୍ଥାତ୍, ଦ୍ୱିତୀୟ ଥର । ଆଉ ତେବେ ମୋର ସେହିପରି ମନେ ରହୁ ନାହିଁ ଯେପରି ମୋର ପୂର୍ବରେ ରହୁଥିଲା, ଏବଂ ଅନେକ ସଭାମାନ ଏବଂ ବିଷୟମାନ ହେଉଅଛି, ଏବଂ ବହୁତ କିଛି କରିବାକୁ ପଡୁଛି ।

7 ଏହି ଅପରାହ୍ନରେ ଆମର ବିଷୟ ହେଉଛି: *ଟୋକନ୍ ଅବା ସେହି ଚିହ୍ନ ।* ଆମର ଦୃଶ୍ୟ ମିସରରେ ଉନ୍ମୋଚିତ ହୁଏ । ଏହା ବର୍ତ୍ତମାନ ଏଠାରେ ଏକ ବହୁତ ବଡ ଚିତ୍ର ଅଟେ, ମୁଁ ଚାହେଁ ଯେ ଆପଣମାନେ ସମସ୍ତେ ଏହାକୁ ଦେଖନ୍ତୁ ଓ ଆପଣ ଯେତେ ପାରନ୍ତି ସେତେ ଭକ୍ତି ସହକାରେ ରୁହନ୍ତୁ । ମିସର ହେଉଛି ଦୃଶ୍ୟର ସ୍ଥାନ, ଏବଂ ଦୃଶ୍ୟର ସମୟ ହେଉଛି ଯାତ୍ରାପୁସ୍ତକର ଠିକ୍ ଆରମ୍ଭ ।

8 ଆଉ, ତେବେ, ଏହା ଆଜିର ଏକ ପ୍ରତିଚିତ୍ରଣ ଅଟେ, ପ୍ରଦର୍ଶିତ ହୋଇଅଛି, ଯେହେତୁ ଆମେମାନେ ମଧ୍ୟ ଆଉ ଏକ ନିର୍ଗମନର ସମ୍ମୁଖୀନ ହେଉଅଛୁ । ପରମେଶ୍ୱର ଇସ୍ରାଏଲକୁ ମିସରରୁ ବାହାର କରି, ପ୍ରତିଜ୍ଞାତ ଦେଶକୁ ଆଣିବା, ତାହା ଖ୍ରୀଷ୍ଟଙ୍କର ସେହି କନ୍ୟାକୁ ମଣ୍ଡଳୀରୁ ବାହାର କରି, ପ୍ରତିଜ୍ଞାତ ଦେଶକୁ ଆଣିବାର ଏକ ପ୍ରତିରୂପ ଥିଲା । ଆମେମାନେ ଅନ୍ୟ ଏକ ନିର୍ଗମନରେ ଅଛୁ । ବର୍ତ୍ତମାନ ଯଦି ଆପଣମାନେ ଶାସ୍ତ୍ର ଅଧ୍ୟୟନ କରିବେ, ଆମ ପାଖରେ କେବଳ ସେହି ମୁଖ୍ୟ ବିନ୍ଦୁଗୁଡିକୁ ସ୍ପର୍ଶ କରିବାର ସମୟ ଅଛି, ତାହା ସତ ଅଟେ । ଆମେମାନେ...ଯେପରି ପରମେଶ୍ୱର ଏକ ରାଷ୍ଟ୍ରରୁ ଆଉ ଏକ ରାଷ୍ଟ୍ରକୁ ବାହାର କରି ଆଣିଲେ, ସେହିପରି ପରମେଶ୍ୱର ସେହି କନ୍ୟାକୁ ଏକ ମଣ୍ଡଳୀରୁ ବାହାର କରି ଆଣିବେ । ସେହି କନ୍ୟା ସମସ୍ତ ମଣ୍ଡଳୀରୁ ଡକାଯିବ । ଏହା ପରମେଶ୍ୱରଙ୍କ ମନୋନୀତ ହେବ, ଯାହାକି ବାହାର କରି

ଅଣାଯିବ । ଏବଂ ଆମେମାନେ ବର୍ତ୍ତମାନ ଠିକ୍ ସେହି ନିର୍ଗମନର ସମୟରେ ଅଛୁ, କାରଣ ଆମ ପାଖରେ ପ୍ରତ୍ୟେକ ସେହି ଶାସ୍ତ୍ରର ପ୍ରମାଣ ଅଛି ଯେ ଆମେ ସେଠାରେ ଛିଡ଼ା ହୋଇଅଛୁ । ବର୍ତ୍ତମାନ, ମୁଁ ଜାଣେ ଯେ ତାହା ଅନେକ ଥର କୁହାଯାଇଅଛି, ମାତ୍ର, ମୋର ବନ୍ଧୁ, ଥରେ ଏହାକୁ ଶେଷ ଥର ପାଇଁ କୁହାଯିବ । ସମୟ ଅନନ୍ତତାରେ ବିଲୀନ ହୋଇଯିବ । ସେ ଏକ ମଣ୍ଡଳୀରୁ ଗୋଟିଏ କନ୍ୟାକୁ ନେବା ପାଇଁ ଆସୁଛନ୍ତି ।

9 ସେହି ଚିହ୍ନ ହିଁ ସେହି ବିଷୟ ଥିଲା ଯାହାକି ସେହି ଦୁଇ ରାଷ୍ଟ୍ର, ମିସର ଏବଂ ଇସ୍ରାଏଲ ମଧ୍ୟରେ ପାର୍ଥକ୍ୟ ସୃଷ୍ଟି କରିଥିଲା । ସେମାନେ ସମସ୍ତେ ମଣିଷ ଥିଲେ, ମାତ୍ର ସମସ୍ତେ ପରମେଶ୍ୱର-ସୃଷ୍ଟ, ସମସ୍ତେ ପରମେଶ୍ୱରଙ୍କ ହସ୍ତକୃତ କର୍ମ ଥିଲେ, କିନ୍ତୁ, ସେହି ପାର୍ଥକ୍ୟ ଯେତେବେଳେ ମୃତ୍ୟୁଦଣ୍ଡ ଘୋଷଣା କରାଗଲା, ଜୀବନ ଏବଂ ମୃତ୍ୟୁ ମଧ୍ୟରେ ପାର୍ଥକ୍ୟ ସେହି ଚିହ୍ନ ହିଁ ଥିଲା ।

10 ଆଉ ପରମେଶ୍ୱରଙ୍କ ପୁତ୍ରଙ୍କ ଆଗମନରେ ଠିକ୍ ତାହାହିଁ ହେବ, ଯେତେବେଳେ ସେ କନ୍ୟାକୁ ମଣ୍ଡଳୀରୁ ବାହାର କରି ଆଣନ୍ତି, ପାର୍ଥକ୍ୟ ସେହି ଚିହ୍ନ ହିଁ ହେବ । ତେବେ, ଆପଣ ଆଜି ଅପରାହ୍ନରେ ଧ୍ୟାନ ସହକାରେ ଶୁଣନ୍ତୁ, ଏବଂ ଦେଖନ୍ତୁ ଯେ ତାହା ସତ କି ନୁହେଁ । ସେହି ଚିହ୍ନ ହିଁ ପାର୍ଥକ୍ୟ ହେବ । ସେଠାରେ ଏକ ପାର୍ଥକ୍ୟ ହେବାକୁ ହିଁ ଅଛି ।

11 କୌଣସି ଦିନେ, ପରମେଶ୍ୱର ଜଗତର ବିଚାର କରିବାକୁ ଯାଉଛନ୍ତି । ଯଦି ମୁଁ କ୍ୟାଥୋଲିକ୍ ଲୋକଙ୍କୁ ପଚାରେ, "ସେ କାହାକୁ ବିଚାର କରିବେ, ସେ ଜଗତକୁ କେଉଁ ବିଷୟ ଦ୍ୱାରା ବିଚାର କରିବେ?" ସେମାନେ କହିବେ, "ମଣ୍ଡଳୀ ।" କେଉଁ ମଣ୍ଡଳୀ? "କ୍ୟାଥୋଲିକ୍ ମଣ୍ଡଳୀ ।" କେଉଁ କ୍ୟାଥୋଲିକ୍ ମଣ୍ଡଳୀ? ସେମାନଙ୍କ ମଧ୍ୟରୁ ଅନେକ ଅଛନ୍ତି । ମେଥୋଡିଷ୍ଟମାନେ କହିବେ, "ମେଥୋଡିଷ୍ଟ ଦ୍ୱାରା," ତାହାହେଲେ ବାପ୍ଟିଷ୍ଟମାନେ ଏଥିରୁ ବାହାର ଅଟନ୍ତି । ତାହାପରେ, ଯଦି ଆପଣ ଏହାକୁ ବାପ୍ଟିଷ୍ଟ ମଣ୍ଡଳୀ ଦ୍ୱାରା ବିଚାର କରନ୍ତି, ତେବେ ବାକି ସମସ୍ତେ ବାହାର ଅଟନ୍ତି । ପେଣ୍ଟିକଷ୍ଟାଲମାନେ କୁହନ୍ତି, "ପେଣ୍ଟିକଷ୍ଟ ଦ୍ୱାରା," ତାହାହେଲେ ବାକି ସମସ୍ତେ ବାହାର ଅଟନ୍ତି । ଦେଖନ୍ତୁ, ଏପରି ଏକ କଥା ଭାବିବା, ଦ୍ୱନ୍ଦ ଉତ୍ପନ୍ନ କରେ, ଅତ୍ୟଧିକ ଦ୍ୱନ୍ଦାତ୍ମକ ହୁଏ, ମନକୁ ଅତ୍ୟଧିକ ଦ୍ୱନ୍ଦପୂର୍ଣ୍ଣ କରେ ।

12 ମାତ୍ର ପରମେଶ୍ୱରଙ୍କର ଏଠାରେ ଏକ ଉପାୟ ଥିଲା ଯେ ସେ ତାହା କହିଥିଲେ ଯେ ସେ ପୃଥିବୀର ବିଚାର କରିବାକୁ ଯାଉଛନ୍ତି, କ୍ୟାଥୋଲିକ୍ ମଣ୍ଡଳୀ ଦ୍ୱାରା ନୁହେଁ, ପ୍ରୋଟେଷ୍ଟାଣ୍ଟ ମଣ୍ଡଳୀ ଦ୍ୱାରା ନୁହେଁ । କିନ୍ତୁ ସେ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଜଗତର ବିଚାର କରିବାକୁ ଯାଉଛନ୍ତି, ଏବଂ ଯୀଶୁ ହେଉଛନ୍ତି ସେହି ବାକ୍ୟ, ତେଣୁ ସେଠାରେ ଏହା ପୁଣିଥରେ ବାଇବଲ ନିକଟକୁ ଫେରି ଆସେ । ଦେଖନ୍ତୁ? ସେ ବାଇବଲ ଦ୍ୱାରା ଜଗତର ବିଚାର କରିବେ । ଏବଂ ବାଇବଲ ହେଉଛି ପରମେଶ୍ୱରଙ୍କ ବିଚାର ପୁସ୍ତକ, ଯାହାକି ଯୀଶୁ ଖ୍ରୀଷ୍ଟଙ୍କର ସମ୍ପୂର୍ଣ୍ଣ ପ୍ରକାଶନ ଅଟେ, ଯେ ଏଥିରେ ଅନ୍ୟ କିଛି ଯୋଗ କରାଯାଇପାରେ ନାହିଁ କିମ୍ବା ଏଥିରୁ କିଛି ନିଆଯାଇପାରେ ନାହିଁ; ଏହାକୁ କରିବାର ଦଣ୍ଡ ହେଲା, ଜୀବନ ପୁସ୍ତକରୁ ଆପଣଙ୍କର ନାମକୁ କାଢିନେବା । ଠିକ୍ ସେହି

ପୁସ୍ତକରେ କେବଳ ରହିଥାଆନ୍ତୁ, ଏବଂ ପରମେଶ୍ୱରଙ୍କୁ ପ୍ରାର୍ଥନା କରନ୍ତୁ ଯେ ଆମକୁ ତାହାର ଅଂଶ କରନ୍ତୁ ।

13 ବର୍ତ୍ତମାନ ଆମେ ପାଉ, ଏକ ଟୋକନ୍ ବା ଚିହ୍ନ, ଗୋଟିଏ ଚିହ୍ନ କଅଣ ଅଟେ? ଗୋଟିଏ ଚିହ୍ନ ହେଉଛି ଏକ ଦେୟ ମୂଲ୍ୟର ସଙ୍କେତ, ସେହି ଚିହ୍ନ ଅଟେ । ଠିକ ଯେପରିକି ଆମର ରେଳପଥ ଏବଂ ବସ୍ ପଥମାନ ଥାଏ, ଆମେ ଆମର ଟଙ୍କା ନେଉ ଏବଂ ଏକ ଷ୍ଟେସନକୁ ଯାଉ । ବର୍ତ୍ତମାନ, ଦେଖନ୍ତୁ, ବସ୍ ଯାତ୍ରାରେ ଅନୁମତି ନାହିଁ, ସେହି ସ୍ଥାନମାନଙ୍କରେ ଯେଉଁଠାରେକି ଟୋକନ୍ ଅର୍ଥାତ ସେହି ଚିହ୍ନ ବ୍ୟବହାର କରାଯାଏ, ସେମାନଙ୍କୁ ଟଙ୍କା ନେବାକୁ ଅନୁମତି ନ ଥାଏ । ସେମାନେ ଟଙ୍କା ନେଇପାରନ୍ତି ନାହିଁ, ଏହା ତ ସେହି ଚିହ୍ନକୁ ନିଏ; ଯଥା, ବିମାନଗୁଡ଼ିକ, ଆଉ ଯାହାକିଛି ବି ଥାଏ । ଆପଣ ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ଯାଆନ୍ତି, କିଣିବା କାଉଣ୍ଟରକୁ, ଏବଂ ନିଜ ଟଙ୍କାରୁ, ଅନେକ ଟୋକନ୍ ବା ଚିହ୍ନମାନ ରହିଥାଏ, ସେଥିରୁ ଏହି ନିର୍ଦ୍ଦିଷ୍ଟ ଚିହ୍ନକୁ, କିଣନ୍ତି । ଏବଂ ଏହି ଟୋକନ୍ ହେଉଛି ଏକ ସଙ୍କେତ ଯେ ଆପଣଙ୍କର ଭଡା ଦିଆଯାଇ ସାରିଛି । ଆପଣଙ୍କର ଜାହାଜରେ ବସିବାର, ବିମାନରେ ବସିବାର, ବସ୍‌ରେ ବସିବାର ଏକ ଅଧିକାର ଅଛି, କିମ୍ବା ଯାହାକିଛି ବି ଏହା ଅଟେ, ଯେପର୍ଯ୍ୟନ୍ତକି ଆପଣ ସେହି ଚିହ୍ନକୁ ଏହା ଦେଖାଇବା ପାଇଁ ଧରିଥାନ୍ତି ଯେ ଆପଣଙ୍କର—ଯେ ଆପଣଙ୍କର ଯାତ୍ରା ପାଇଁ ଦେୟ ଦିଆଯାଇ ସାରିଛି । ତେବେ ତାହା ମନେରଖନ୍ତୁ । ଏହାକୁ ଭୁଲନ୍ତୁ ନାହିଁ ।

14 ଇସ୍ରାଏଲର ହତ ମେଷଶାବକ…ପରମେଶ୍ୱରଙ୍କର ପ୍ରୟୋଜନ ଥିଲା । ସଦାପ୍ରଭୁ ଏକ ହତ ମେଷଶାବକ, ଏକ ନିରୀହ ପ୍ରତିକଳ୍ପକୁ ଆବଶ୍ୟକ କରିଥିଲେ । ଯେପରିକି ଆମେ ବର୍ତ୍ତମାନ ଅତିକ୍ରମ କରିଥିବା ଏହି ବିଗତ ସପ୍ତାହ ମଧ୍ୟରେ ଦେଖିଛୁ, ଯେ ପରମେଶ୍ୱର, ଯେତେବେଳେ ସେ ଏକ ନିଷ୍ପତ୍ତି ନିଅନ୍ତି, ସେ ଏହାକୁ କଦାପି ପରିବର୍ତ୍ତନ କରନ୍ତି ନାହିଁ । ଏବଂ ସେ ଏକ ମାର୍ଗ ପ୍ରସ୍ତୁତ କଲେ, ତାହାଙ୍କର ପ୍ରଥମ କାର୍ଯ୍ୟ ଯାହା ସେ କରିଥିଲେ ଯେତେବେଳେ ମନୁଷ୍ୟ ପତିତ ହୋଇଥିଲା, ତାହାଙ୍କୁ ତାହାର ଫେରିଆସିବା ପାଇଁ ଏକ ମାର୍ଗ ପ୍ରସ୍ତୁତ କରିବାକୁ ପଡିଥିଲା, ଯଦି ସେ କେବେ ତାଙ୍କୁ ମୁକ୍ତ କରିବାକୁ ଚାହୁଁଥିଲେ, ଏବଂ ସେ ଏକ ନିଷ୍ପତ୍ତି ନେଲେ ଯେ ସେ ଜଣେ ନିର୍ଦ୍ଦୋଷର ରକ୍ତ ଦ୍ୱାରା ମନୁଷ୍ୟକୁ ଉଦ୍ଧାର କରିବେ । ଏବଂ ସେ ଚିରଦିନ ପାଇଁ ସେହି ସମାନ କାର୍ଯ୍ୟ କରିଛନ୍ତି । ସେ ଏହାକୁ କଦାପି ପରିବର୍ତ୍ତନ କରିନାହାଁନ୍ତି । ସେହିପରମେଶ୍ୱର କଦାପି କୌଣସି ଉପାସକଙ୍କୁ ଅନ୍ୟ କୌଣସି ସ୍ଥାନରେ ଭେଟିବେ ନାହିଁ, କେବଳ ରକ୍ତ ତଳେ ଭେଟିବେ । ତାହାହିଁ ହେଉଛି ତାହାଙ୍କର ଏକମାତ୍ର ସ୍ଥାନ ।

15 ଆମେ ତାହାଙ୍କୁ ଆମର ପରମାର୍ଥ ଶିକ୍ଷା ଅଧୀନରେ, ଆମର ନାମଧାରୀ ସଂସ୍ଥା ଅଧିନରେ, ଆମର ଶିକ୍ଷାଗତ କାର୍ଯ୍ୟକ୍ରମଗୁଡିକ ଅଧୀନରେ ଭେଟିବାକୁ ଚେଷ୍ଟା କରୁ । କେତେକେ ଗଡ଼ ନିର୍ମାଣ କରିଛନ୍ତି ଏବଂ କେତେକେ ସହର ନିର୍ମାଣ କରିଛନ୍ତି, ବାବିଲ ଏବଂ—ଏବଂ ବାବିଲର ଗଡ, ଏବଂ ବିଭିନ୍ନ ପ୍ରକାରର ବିଷୟ ସବୁ । ମାତ୍ର ତଥାପି ଏହା ରହିଥାଏ, ପରମେଶ୍ୱର ସେହି ପ୍ରକୃତ ଉପାସକଙ୍କୁ କେବଳ ରକ୍ତ ତଳେ ଭେଟିଥାନ୍ତି । ସେ ଏହାକୁ

କେବେ ପରିବର୍ତ୍ତନ କରନ୍ତି ନାହିଁ । ଆମେ ସମସ୍ତେ ମେଥୋଡିଷ୍ଟ ହୋଇପାରିବା ନାହିଁ, ଆମେ ସମସ୍ତେ ପେଣ୍ଟିକଷ୍ଟାଲ୍ ହୋଇପାରିବା ନାହିଁ, ଆମେ ସମସ୍ତେ *ଏହା, ତାହା,* କିମ୍ବା *ଅନ୍ୟକିଛି* ହୋଇପାରିବା ନାହିଁ, ଆମେ ସହମତ ହେବୁ ନାହିଁ । କିନ୍ତୁ ଯେତେବେଳେ ମୁଁ ଜଣେ ବ୍ୟକ୍ତିଙ୍କ ନିକଟକୁ ଆସେ, ସେ କ୍ୟାଥୋଲିକ୍ ପୁରୋହିତ ହୋଇଥାନ୍ତୁ କିମ୍ବା ସେ ଯାହାକିଛି ହୋଇଥାନ୍ତୁ, ଯେତେବେଳେ ସେ ସେହି ରକ୍ତ ତଳେ ଥାଆନ୍ତି ଆମେମାନେ ଭାଇ ଅଟୁ, ଏଥିରେ କିଛି ଫରକ୍ ପଡେ ନାହିଁ ଯେ ସେ କେଉଁଠାରେ ଅଛନ୍ତି, ଯେପର୍ଯ୍ୟନ୍ତ ସେ ସେହି ରକ୍ତ ତଳେ ଅଛନ୍ତି ।

16 ତେବେ, ଇସ୍ରାଏଲର ହତ ମେଷଶାବକ ଯିହୋବାଙ୍କର ଆବଶ୍ୟକତା ଥିଲା, ଏବଂ ସେହି ରକ୍ତ ସେହି ଚିହ୍ନ ଥିଲା ଯେ କାମ ହୋଇସାରିଛି । ମିସରରୁ, ପ୍ରତିଜ୍ଞାତ ଦେଶକୁ ଯିବା ପାଇଁ, ପରମେଶ୍ୱର ମୁକ୍ତି ନିମନ୍ତେ ଆବଶ୍ୟକ କରିଥିଲେ, ସେ ଏକ ହତ ପଶୁ ଆବଶ୍ୟକ କରିଥିଲେ । ଏବଂ ସେହି ପଶୁଟି ନିଶ୍ଚୟ ହେବା ଉଚିତ୍...ସେହି ମୃତ ପଶୁର ରକ୍ତକୁ ଦ୍ୱାରର ବାଜୁବନ୍ଧ ଏବଂ କପାଳୀ ଉପରେ ଲଗାଯିବା ଉଚିତ୍, ଆଉ ତାହା ଏକ ଚିହ୍ନ ପାଇଁ ରହିଥିଲା ଯେ ଯିହୋବା ଯାହା ଆବଶ୍ୟକ କରିଥିଲେ ତାହା ପୂରଣ ହୋଇଥିଲା । ବୁଝିଲେ? ତେବେ, ସେହି ମେଷଶାବକଟି ଚିହ୍ନ ନ ଥିଲେ, ସେହି ରକ୍ତଟି ଚିହ୍ନ ଥିଲା । ତେବେ, ବଳିଦାନରୁ ଜୀବନ ଚାଲିଯାଇଥିଲା, ଏବଂ ବର୍ତ୍ତମାନ ରକ୍ତ ସେହି ଚିହ୍ନ ଥିଲା । ତାହାଙ୍କର ଆଦେଶ ପାଳନ କରାଯାଇଥିଲା । ସେହି ରକ୍ତ ଚିହ୍ନ ନିମନ୍ତେ ଥିଲା, ସେହି ସଙ୍କେତ ଯେ ଏହି ବିଶ୍ୱାସୀଜଣକ ଅବିକଳ ଠିକ ତାହାହିଁ କରିଥିଲା ଯାହା ଆବଶ୍ୟକ ଥିଲା । ତାହା ସେହି ଚିହ୍ନ ଥିଲା । ଠିକ୍ ଅଛି, ଏହା ଦେଖି ଯେ ସେହି ବିଶ୍ୱାସୀ, ଉପାସନା, ତେବେ ତାଙ୍କର ବଳିଦାନ ସହିତ ଚିହ୍ନଟ ହୋଇଥିଲା । ବୁଝିଲେ?

17 *ଏଠାରେ* ସେହି ଘର, ଏବଂ ସେହି ଉପାସକ ଅଛନ୍ତି, ପ୍ରୟୋଜନ କ'ଣ ଥିଲା? "ଗୋଟିଏ ମେଷଶାବକକୁ ବଧ କର । ଏହାକୁ ବନ୍ଦ ରଖାଯିବା ପରେ ଚତୁର୍ଦ୍ଦଶ ଦିନରେ, ଏକ—ଏକ ନିର୍ଦ୍ଦୋଷ ପୁଂଶାବକ, ସମଗ୍ର ଇସ୍ରାଏଲ ଏହାକୁ ବଧ କରିବେ, ଏବଂ ସେହି ରକ୍ତ ଏସୋବ୍ ରେ ଘେନାଯିବ ଏବଂ ଦ୍ୱାରର ବାଜୁବନ୍ଧରେ ଲଗାଯିବ ।"

18 ଆଉ, ଅବଶ୍ୟ, ସେହି ଏସୋବ୍ କେବଳ ଏକ ସାଧାରଣ ତୃଣ ଥିଲା । *ଏସୋବ୍* ଅର୍ଥ "ଆପଣଙ୍କର ବିଶ୍ୱାସ ।" କେହି କେହି ଅଲୌକିକ ବିଶ୍ୱାସ ରଖିବାକୁ ଚେଷ୍ଟା କରନ୍ତି, ସେହି କାରଣରୁ ହିଁ ଆପଣ ନିଜର ଆରୋଗ୍ୟତାକୁ ପାଇବାରେ ହରାଇଥାନ୍ତି । ବିଶ୍ୱାସ କେବଳ ଏକ ସାଧାରଣ ବିଷୟ ଅଟେ । ଆପଣଙ୍କ ପାଖରେ ମଣ୍ଡଳୀକୁ ଆସିବା ପାଇଁ ବିଶ୍ୱାସ ଅଛି । ଆପଣଙ୍କ ପାଖରେ ସେଠାକୁ ଯିବା ପାଇଁ ବିଶ୍ୱାସ ଅଛି । ଆପଣଙ୍କ ପାଖରେ ନିଜର କାରକୁ ଆରମ୍ଭ କରିବା ପାଇଁ ବିଶ୍ୱାସ ଅଛି । ଆପଣଙ୍କ ପାଖରେ ନିଜ ରାତ୍ରୀ ଭୋଜନ କରିବାକୁ ବିଶ୍ୱାସ ଅଛି । ତାହା ଠିକ୍ ସେହି ପ୍ରକାରେ ହିଁ ଅଟେ, କେବଳ ସାଧାରଣ ବିଶ୍ୱାସ । ତେବେ ରକ୍ତକୁ ଲଗାଇବା ପାଇଁ, ଏସୋବ୍ ଦ୍ୱାରା ଲଗାଯାଇଥିଲା, ଯାହାକି କେବଳ ସାଧାରଣ ତୃଣ ଅଟେ ଯାହା ପାଲେଷ୍ଟାଇନର ଯେକୌଣସି ସ୍ଥାନରେ ବଢିଥାଏ, ଏହା ଦର୍ଶାଏ ଯେ ସେହି ବିଶ୍ୱାସ ଯାହା ଦ୍ୱାରା ରକ୍ତକୁ ଲଗାଯିବାକୁ ଅଛି ତାହା କୌଣସି ଏପରି ସର୍ବୋତ୍କୃଷ୍ଟ ବିଷୟ

ନୁହେଁ ଯେ ତାହା କରିବା ପାଇଁ ଆପଣଙ୍କୁ ସମସ୍ତ ପ୍ରକାରର ଡାକ୍ତର ଡିଗ୍ରୀ ରଖିବାର ଆବଶ୍ୟକ ଅଟେ। ପରମେଶ୍ୱରଙ୍କୁ ବିଶ୍ୱାସ କରିବା, ଏହା କେବଳ ସାଧାରଣ, ଦୈନନ୍ଦିନ ବିଶ୍ୱାସ ଅଟେ। ବୁଝିଲେ? "ରକ୍ତକୁ ଲଗାନ୍ତୁ," ବିଶ୍ୱାସ ଦ୍ୱାରା, "ଏସୋବ୍ ଜରିଆରେ।"

19 ବର୍ତ୍ତମାନ, ସେହି ଉପାସକ, ତେବେ, ଏହି ରକ୍ତ ତଳେ ଦେଖାଯିବାର ଅର୍ଥ, ଏହା ଦର୍ଶାଉଥିଲା ଯେ ସେ ଯିହୋବାଙ୍କ ଅନୁରୋଧ ପାଳନ କରିଥିଲେ, ଏବଂ ସେ ଚିହ୍ନିତ କରା ଯାଇଥିଲେ। ସେହି ଚିହ୍ନ ଏହା ଦର୍ଶାଉଥିଲା ଯେ ସେ ସେହି ହତ ମେଷଶାବକ ସହିତ ଚିହ୍ନିତ ହୋଇଥିଲେ ଯାହାକି ଯିହୋବା ପ୍ରୟୋଜନ କରିଥିଲେ। କାମ ସମ୍ପନ୍ନ ହୋଇ ସାରିଥିଲା। ତାହା ଆଜିର କି ଏକ, ଖ୍ରୀଷ୍ଟ ଏବଂ ସେହି ବିଶ୍ୱାସୀର ସିଦ୍ଧ ପ୍ରତିଚିତ୍ରଣ ଅଟେ। ଯେତେବେଳେ ସେହି ଚିହ୍ନ ବିଶ୍ୱାସୀକୁ ପ୍ରଦର୍ଶିତ କରାଯାଏ, ସେତେବେଳେ ତାହା ଏହା ଦର୍ଶାଏ ଯେ ଏହା ଗ୍ରହଣ କରାଯାଇଅଛି ଏବଂ କାର୍ଯ୍ୟଟି ସମ୍ପନ୍ନ ହୋଇଅଛି।

20 ତାହାପରେ, ରକ୍ତ ପରିଚୟର ଏକ ଚିହ୍ନ ଥିଲା, ସେହି ରକ୍ତ ନିଜେ। ସେହି ପଶୁର ରକ୍ତ ଝରିଥିଲା, ସେ ମରିଗଲା ଏବଂ ତା'ର ରକ୍ତ କାଛରେ ଥିଲା। ତେବେ, ପଶୁ ଜୀବନ, ଯାହାକି ରକ୍ତରେ ଥିଲା। ଆଉ ରକ୍ତରେ ଜୀବନ ଅଛି, ଆମେ ତାହା ଜାଣୁ। ବାଇବଲ ଏହା ବ୍ୟକ୍ତ କରେ, ଏବଂ ବିଜ୍ଞାନ ଏହାକୁ ପ୍ରମାଣ କରେ, ରକ୍ତରେ ଜୀବନ ଅଛି। ତେଣୁକରି ଅତଏବ, ଯେତେବେଳେ ସେହି ପଶୁକୁ ହତ୍ୟା କରାଗଲା, ଏବଂ ପଶୁଠାରୁ ସେହି ଜୀବନ ବିଛିନ୍ନ ହେଲା, ସେହି ଚିହ୍ନ ନିମନ୍ତେ ରହିବା ପାଇଁ, ସେହି ରକ୍ତକୁ ରକ୍ତର ରସାୟନ ହେବା ଆବଶ୍ୟକ ଥିଲା। କାରଣ, ରକ୍ତରେ ଥିବା ଜୀବନଟି ବିଶ୍ୱାସୀଙ୍କ ଉପରକୁ ଆସିପାରେ ନାହିଁ, କାରଣ ଏହା ଏକ ପଶୁର ଜୀବନ ଥିଲା।

21 ଏବଂ ଗୋଟିଏ ପଶୁ ଜୀବନ ଏବଂ ଏକ ମାନବ ଜୀବନ ସମ୍ପୂର୍ଣ୍ଣ ଭିନ୍ନ ଅଟେ। ନା, ଏଥିରେ ଆଦୌ କିଛି ହେଲେ ନାହିଁ। ଆପଣ ନିଅନ୍ତୁ, ଗୋଟିଏ ପଶୁର ରକ୍ତ ନେଇ ନିଜ ଉପରେ ଲଗାନ୍ତୁ, ଆପଣ ମରିଯିବେ। ଏଣୁ ଆପଣ ଦେଖନ୍ତୁ, ଆମେ, ପଶୁର ରକ୍ତରେ ଏହା ଏକ—ଏହା ଏକ ତାହାଠାରୁ ଭିନ୍ନ ପ୍ରକାରର ଜୀବନ ଥାଏ ଯାହାକି ମନୁଷ୍ୟର ରକ୍ତରେ ଥାଏ, କାରଣ ମନୁଷ୍ୟଠାରେ ଏକ ପ୍ରାଣ ଥାଏ। ପଶୁଠାରେ କୌଣସି ପ୍ରାଣ ନାହିଁ।

22 ଆଉ ତେବେ, ତେଣୁକରି, ସେହି ରକ୍ତ ନିଜେ, ବର୍ତ୍ତମାନ ବୁଝନ୍ତୁ, ସେହି ଲାଲ ରସାୟନ, ରକ୍ତର ରାସାୟନିକ ପଦାର୍ଥମାନଙ୍କୁ, ମେଷଶାବକ ମରିଯାଇଥିବାର ଏକ ଚିହ୍ନ ଭାବରେ, ବର୍ତ୍ତମାନ, ସେହି ଦ୍ୱାର ପାଖରେ ରହିବାକୁ ପଡ଼ିଥିଲା, କାରଣ ମେଷଶାବକଙ୍କ ଜୀବନ ମନୁଷ୍ୟ ଉପାସକଙ୍କ ନିକଟକୁ ଫେରି ଆସିପାରେ ନାହିଁ। ମାତ୍ର ଆଜି...ଏହା କେବଳ ଏକ ପ୍ରତିରୂପରେ ଥିଲା।

23 ଆଜି ଏହା ଆମର ମେଷଶାବକ, ପ୍ରଭୁ ଯୀଶୁଙ୍କ ରାସାୟନିକ ରକ୍ତ ନୁହେଁ, ମାତ୍ର ଏହା ତ ସେହି ଜୀବନ ଅଟେ ଯାହାକି ରକ୍ତରେ ଥିଲା, ଯାହା ହେଉଛନ୍ତି ପବିତ୍ରଆତ୍ମା। ଏହା ଫେରି ଆସେ ଏବଂ ସେହି ଚିହ୍ନ ଅଟେ ଯେ ଆମେ ତାହାକୁ ଗ୍ରହଣ କରିଅଛୁ ଏବଂ ପରମେଶ୍ୱର

ଆମକୁ ଯାହା କରିବାକୁ କହିଛନ୍ତି ଠିକ୍ ତାହାହିଁ କରିଅଛୁ । ଏବଂ ତାହାପରେ, ସେହି ଚିହ୍ନ ରଖିଥିବା ଯୋଗୁ, ଆମେ ଆମର ବଳିଦାନ ସହିତ ଚିହ୍ନିତ କରାଯାଇଥାଉ । ସିଦ୍ଧ ଭାବରେ । ମୁଁ ଦେଖେ ନାହିଁ ଯେ ଅନ୍ୟ କୌଣସି ବିଷୟ ତାହାଠୁ ଆହୁରି ଅଧିକ ସରଳ କିପରି ବା ହୋଇପାରେ । ବୁଝିଲେ?

24 କେବଳ ମାତ୍ର ଉପାୟ ଯେ କେହି କହିପାରିବେ ଯେ ସେହି ଘରଟି ମଧ୍ୟ, କାହାର ଅଟେ, ସେହି ରକ୍ତ ତଳେ, କାରଣ ସେହି ରକ୍ତର ରସାୟନ ଦ୍ୱାରରେ ରହିଥିଲା । ସେମାନେ ତାହା ଦେଇ ଅତିକ୍ରମ କଲେ, ସେହି ସଂହାରକ ଦୂତଙ୍କୁ ତାହା ଅନାଇ ସେହି ରକ୍ତକୁ ଦେଖିବାକୁ ପଡିଥିଲା । ତେବେ, ପୁଣିଥରେ, ଏହା ପବିତ୍ରଆତ୍ମାର ଏକ ନିଦ୍ଦର୍ଶନ ଥିଲା ।

25 ତେବେ, ଦେଖନ୍ତୁ, ଯୀଶୁଙ୍କର ସେହି ଆକ୍ଷରିକ ରକ୍ତ କଦାପି ଆମମାନଙ୍କ ପ୍ରତ୍ୟେକଙ୍କ ଉପରକୁ ଆସିପାରେ ନାହିଁ, କାରଣ ତାହାଙ୍କଠାରେ ତାଙ୍କ ଶରୀରରେ ଏତିକି ମାତ୍ର ହିଁ ରକ୍ତ ଥିଲା । ଏବଂ ଦୁଇ ହଜାର ବର୍ଷ ପୂର୍ବେ, ଏହା ତାହାଙ୍କ ଶରୀରରୁ, ଭୂମିରେ ଝରି ଯାଇଥିଲା; ମାତ୍ର ଏହା ଏକ ଟୋକନ୍ ଅର୍ଥାତ୍ ଚିହ୍ନ ନିମନ୍ତେ ନ ଥିଲା । ସେହି ଜୀବନ, ସେହି ଜୀବନ ଯାହା ସେହି ରକ୍ତରେ ଥିଲା, ବର୍ତ୍ତମାନ ସେହି ଚିହ୍ନ ଥିଲା । ମୁଁ ମାତ୍ର ଗୋଟିଏ ମିନିଟରେ, ବାଇବଲ ଦ୍ୱାରା, ଆପଣମାନଙ୍କୁ ଏହା ପ୍ରମାଣ କରିବି । ଏହା ତ ସେହି ଚିହ୍ନ ଅଟେ ଯାହା ଆମ ପ୍ରତ୍ୟେକଙ୍କ ଉପରେ ଆସିବାକୁ ଅଛି, ଏହା ଦେଖାଇବା ପାଇଁ ଯେ ଆମେ ଆମର ବଳିଦାନ ସହିତ ଚିହ୍ନିତ କରାଯାଇଅଛୁ, ଏବଂ ଯିହୋବାଙ୍କ ଅନୁରୋଧକୁ ପାଳନ କରିଅଛୁ ।

26 ପିତର କହିଥିଲେ, ପେଣ୍ଟିକଷ୍ଟ ଦିନରେ, "ତୁମେମାନେ ପ୍ରତ୍ୟେକେ, ଅନୁତାପ କର, ଏବଂ ପାପ କ୍ଷମା ନିମନ୍ତେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅ, ଆଉ ତୁମେମାନେ ପବିତ୍ରଆତ୍ମାଙ୍କ ଦାନ ପାଇବ । କାରଣ ଏହି ପ୍ରତିଜ୍ଞାଟି ତୁମମାନଙ୍କ ପାଇଁ, ଓ ତୁମ ସନ୍ତାନମାନଙ୍କ ପାଇଁ, ଏବଂ ଦୂରବର୍ତ୍ତୀ ସେମାନଙ୍କ ପାଇଁ, ଯେତେ ଜଣଙ୍କୁ ପ୍ରଭୁ ଆମ ପରମେଶ୍ୱର ଆହ୍ୱାନ କରିବେ ।" ଦେଖନ୍ତୁ, କେବଳ ଏହା ସେମାନଙ୍କୁ ଦେଖାଇଲେ ନାହିଁ । "ଯେତେ ଜଣଙ୍କୁ ପ୍ରଭୁ ଆହ୍ୱାନ କରିବେ ।"

27 ଅନେକେ ଅଛନ୍ତି ଯେଉଁମାନେକି ଭାବନ୍ତି ଯେ ସେମାନେ ଆହ୍ୱାନ ପାଇଛନ୍ତି । ମାତ୍ର ସେସମସ୍ତେ ଯାହାକୁ "ପ୍ରଭୁ" ଆହ୍ୱାନ କରନ୍ତି! "ଯାହାଙ୍କୁ ସେ ପୂର୍ବରୁ ଜାଣିଥିଲେ, ସେ ଆହ୍ୱାନ କଲେ; ସେସମସ୍ତଙ୍କୁ ଯାହାଙ୍କୁ ସେ ଆହ୍ୱାନ କଲେ, ସେ ଧାର୍ମିକ ଗଣନା କଲେ; ସେସମସ୍ତଙ୍କୁ ଯାହାଙ୍କୁ ସେ ଧାର୍ମିକ ଗଣନା କଲେ, ସେ ଗୌରବାନ୍ୱିତ କରିଛନ୍ତି," ସେହି ବିଷୟଟି ଆଗରୁ ସମାଧାନ ହୋଇସାରିଛି ।

28 ଏବଂ ତାହାପରେ ଯେତେବେଳେ ଆପଣ ଏପରି ଜଣେ ବ୍ୟକ୍ତିଙ୍କୁ ନିଅନ୍ତି ଯିଏକି ଏହା ବିଶ୍ୱାସ କରନ୍ତି ନାହିଁ ଯେ ପବିତ୍ରଆତ୍ମା ଆଜିର ଦିନ ପାଇଁ ଅଟେ, ଦେଖନ୍ତୁ ସେମାନେ କଅଣ କରୁଛନ୍ତି? ସେମାନେ ସେହି ଚିହ୍ନକୁ ଅସ୍ୱୀକାର କରୁଛନ୍ତି ଯାହାକି ଠିକ ସେହି ବିଷୟର ପ୍ରତୀକ ଅଟେ ଯେ ଆପଣ ନିଜର ବଳିଦାନ ସହିତ ସଂଯୁକ୍ତ ଅଟନ୍ତି । ଦେଖନ୍ତୁ ଯେ ମୋର କହିବାର

ଅର୍ଥ କଅଣ? ଯଦି ଆପଣ ଏହାକୁ କେବଳ ସେହିପରି ଭାବରେ—ରେ ଦେଖନ୍ତି ଯେମିତି ଭାବରେ ପରମେଶ୍ୱର ଏହାକୁ ବର୍ତ୍ତମାନ ଲେଖି ରଖିଛନ୍ତି ତେବେ ଏହା ବହୁତ ସରଳ ଅଟେ। ରକ୍ତ ଆମକୁ ଘେନି ନେଇଗଲା ଏବଂ ଆମେମାନେ ଥିଲୁ...ତାହା ପବିତ୍ରଆତ୍ମାଙ୍କର ସେହି—ସେହି ପ୍ରତୀକକୁ ଦେଖାଏ, ଯାହା ହେଉଛି ସେହି ଜୀବନ।

29 ତେବେ, ସେହି ପଶୁ ଜୀବନ ମଣିଷ ଉପରକୁ ଫେରି ଆସିପାରେ ନାହିଁ, କାରଣ ସେମାନେ ମେଳ ଖାଆନ୍ତି ନାହିଁ, ପଶୁ ଜୀବନରେ କୌଣସି ପ୍ରାଣ ନାହିଁ। ମାନବ ଜୀବନର ଏକ ପ୍ରାଣ ଅଛି। ସେହି ପଶୁ ଜାଣେ ନାହିଁ ଯେ ସେ ଉଲଗ୍ନ ଅଛି। ସେ ଭୁଲରୁ ଠିକ ପାର୍ଥକ୍ୟ ଜାଣେ ନାହିଁ। ସେ, ସେ କେବଳ...ତାହାଠାରେ ଏକ—ଏକ ଆତ୍ମା ଅଛି, ମାତ୍ର ଏକ ପ୍ରାଣ ନାହିଁ। ବର୍ତ୍ତମାନ ମନେରଖନ୍ତୁ, ତେବେ, ଅବଶ୍ୟ, ପ୍ରାଣ ହେଉଛି ଆତ୍ମାର ପ୍ରକୃତି।

30 ବର୍ତ୍ତମାନ ଦେଖନ୍ତୁ, ମାତ୍ର ଯେତେବେଳେ ଆମର ବଳିଦାନ, ଯୀଶୁ ଖ୍ରୀଷ୍ଟଙ୍କର ଜୀବନ, ଯେତେବେଳେ ତାହାଙ୍କ ରକ୍ତ ପାତିତ ହେଲା...ସେ ଜଣେ ମନୁଷ୍ୟ ଭିତରେ ରହିଥିବା, ପରମେଶ୍ୱର ଥିଲେ। ବର୍ତ୍ତମାନ, ସେ ଯିହୋବା ହେବାଠାରୁ ଓହ୍ଲାଇ ଆସିଲେ, ଯେପରିକି ସେ ନିଜକୁ ଜଣେ ମଣିଷ ଭାବରେ ପରିଚିତ କରାନ୍ତି, ଓ ଜଣେ ମନୁଷ୍ୟର ରୂପକୁ ଗ୍ରହଣ କରନ୍ତି, ପୁଣି ତାହାଙ୍କ ସହିତ ଆମକୁ ଚିହ୍ନିତ କରାନ୍ତି। ସେ ପରମେଶ୍ୱରଙ୍କ ମେଷଶାବକ ଥିଲେ। ଏବଂ ତାହାଙ୍କ ଭିତରେ, ଯେଉଁଠାରେକି ରକ୍ତ...

31 ବର୍ତ୍ତମାନ ମୁଁ ଜାଣେ ଯେ କେହି ଜଣେ କୁହନ୍ତି, "ସେ ଯିହୂଦୀ ରକ୍ତ ଥିଲେ।" ଆପଣ ଯିହୂଦୀମାନଙ୍କୁ ସେପରି କହୁଥିବାର ଶୁଣନ୍ତି। ସେ ଯିହୂଦୀ ରକ୍ତ ନ ଥିଲେ, କିମ୍ୱା ସେ ବିଜାତି ରକ୍ତ ମଧ୍ୟ ନ ଥିଲେ। ସେ ତ ପରମେଶ୍ୱରଙ୍କ ରକ୍ତ ଥିଲେ। ତାହାଙ୍କଠାରେ ନା ଯିହୂଦୀ ଥିଲେ...ସେ ଯିହୂଦୀ କିମ୍ୱା ବିଜାତି ନ ଥିଲେ। ସେ ପରମେଶ୍ୱର ଥିଲେ। "ଜଣେ—ଜଣେ—ଜଣେ କୁମାରୀ ଗର୍ଭବତୀ ହେବ।"

32 ତେବେ, ମୁଁ ଜାଣେ ଆପଣମାନଙ୍କ ମଧ୍ୟରୁ ଅନେକ ଲୋକମାନେ ଏବଂ ପ୍ରୋଟେଷ୍ଟାଣ୍ଟମାନେ ଭାବନ୍ତି ଯେ ସେହି ଅଣ୍ଡାଟି ମରିୟମଙ୍କର ଥିଲା। ଏବଂ ସେହି—ସେହି ହେମୋଗ୍ଲୋବିନ୍ ରକ୍ତ ଯାହା ଆସେ, ଜୀବନଟି ରକ୍ତ କୋଷିକାରେ ଆସେ। ଯେହେତୁ, ଗୋଟିଏ ମାଈ କୁକୁଡ଼ା ଅଣ୍ଡିରା ଗଞ୍ଜା ପକ୍ଷୀ ସହିତ ନ ରହି ମଧ୍ୟ, ଏକ ଅଣ୍ଡା ଦେଇପାରେ, ଏହା ଛୁଆ ଫୁଟାଇବ ନାହିଁ, କାରଣ ଏହା ଉର୍ବର ନୁହେଁ। ଜୀବନଟି ରକ୍ତସ୍ରୋତରୁ ଆସିଥାଏ, ଯାହାକି ପୁରୁଷ ଲିଙ୍ଗରୁ ଆସେ। ମାତ୍ର ଏହି କ୍ଷେତ୍ରରେ କୌଣସି ପୁରୁଷ ଲିଙ୍ଗ ନ ଥିଲା, ତେଣୁ, "ରକ୍ତରେ ଥିବା ଜୀବନ," ଏହାକୁ କେବଳ ପରମେଶ୍ୱରଙ୍କଠାରୁ ହିଁ ଆସିବାକୁ ଥିଲା, ଆଉ ସେ ମରିୟମଙ୍କ ଗର୍ଭରେ ଏକ ରକ୍ତ କୋଷିକା ସୃଷ୍ଟି କଲେ। ପରମେଶ୍ୱର ନିଜେ, ସୃଷ୍ଟିକର୍ତ୍ତା ସ୍ୱୟଂ, ଏକ ରକ୍ତ କୋଷିକା ସୃଷ୍ଟି କଲେ। ବର୍ତ୍ତମାନ ଦେଖନ୍ତୁ। ସେମାନେ କୁହନ୍ତି, "ତେବେ, ଏହା ତ ଶରୀର ଥିଲା। ମରିୟମଙ୍କଠାରେ ଅଣ୍ଡା ଥିଲା।" ନା, ଆଜ୍ଞା। ସେ ନ ଥିଲା; ଅଣ୍ଡା ନ ଥିଲା। ଯଦି

ଏହା ଏକ ଅଣ୍ଡା ଥିଲା, ଆପଣ ବିନା ସମ୍ବେଦନାରେ ଶୁକ୍ରାଣୁ ପାଇପାରିବେ ନାହିଁ । ଏବଂ ଯଦି ସେ, ତା'ର ଏକ ସମ୍ବେଦନା ରହିଥିଲା, ତାହାହେଲେ ପରମେଶ୍ୱରଙ୍କ କି କାମ?

33 ସେ ଉଭୟ ଅଣ୍ଡା ଏବଂ ରକ୍ତ ସୃଷ୍ଟି କରିଥିଲେ । ତାହାହିଁ ଅବିକଳ ଠିକ୍ ଯାହାକି ସେ ଥିଲେ । "ଆମେ ପରମେଶ୍ୱରଙ୍କୁ ହସ୍ତରେ ଧରିଲୁ," ବାଇବଲ କୁହେ । ପ୍ରଥମ ତୀମଥି 3:16, "ନିଃସନ୍ଦେହ ପରମେଶ୍ୱରଙ୍କ ନିଗୂଢ ତତ୍ତ୍ୱ ମହାନ ଅଟେ: ପରମେଶ୍ୱର ଶରୀରରେ ପ୍ରକଟିତ ହେଲେ । ଆମେମାନେ ତାହାଙ୍କୁ ନିଜ ହସ୍ତରେ ଧରିଲୁ ।" ସେହି ଶରୀର ପରମେଶ୍ୱର ଥିଲେ । ନିଶ୍ଚିତ ଭାବରେ, ତାହା ଥିଲା । ସେ ଏକ ମଣିଷ ରୂପରେ, ସମଗ୍ର ଅବସ୍ଥାରେ ପରମେଶ୍ୱର ଥିଲେ ।

34 ତେବେ ଆମେ ଏଥିରେ ଲକ୍ଷ୍ୟ କରୁ, ଯେ ସେହି ରକ୍ତ କୋଷିକା ଭାଙ୍ଗିବା ଯୋଗୁଁ, ତାହା ପରମେଶ୍ୱରଙ୍କୁ ମୁକ୍ତ କରିଲା । "ପରମେଶ୍ୱର ଖ୍ରୀଷ୍ଟଙ୍କଠାରେ ଥାଇ, ଜଗତକୁ ନିଜ ସହିତ ପୁନର୍ମିଳନ କରୁଥିଲେ ।" ଯେଉଁଠାରେକି, ଅନ୍ୟ କେହି ତାହା କରିପାରି ନ ଥାଆନ୍ତେ, ଅନ୍ୟ କିଛି କରାଯାଇପାରି ନ ଥାଆନ୍ତା; ଏହା ନିଜେ, ସେହି ପବିତ୍ର ରକ୍ତକୁ, ଆବଶ୍ୟକ କଲା । ପରମେଶ୍ୱରଙ୍କୁ ତାହାଙ୍କର ନିଜ ନିୟମକୁ ଭୋଗିବା ନିମନ୍ତେ, ତଳକୁ ଓହ୍ଲାଇ ଆସି ମଣିଷ ହେବାକୁ ପଡିଲା । ଯଦି ଯୀଶୁ କେବଳ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ, ପରମେଶ୍ୱରଙ୍କଠାରୁ ଭିନ୍ନ ଜଣେ ବ୍ୟକ୍ତି, ତେବେ ପରମେଶ୍ୱର ଅନ୍ୟାୟ କରିଛନ୍ତି ।

35 ଯଦି ମୁଁ କହିପାରେ, "ତେବେ ଭାଇ ଗ୍ରାଣ୍ଟ ଏପରି କୌଣସି ପାପ ନିମନ୍ତେ ମରନ୍ତୁ ଯାହା ପାଇଁ ବିଲିର ମରିବା ଉଚିତ୍ ଥିଲା," କିମ୍ବା ଅନ୍ୟ କିଛି, କୌଣସି ଦଣ୍ଡ ପାଇଁ, ତେବେ ତାହା ଅନ୍ୟାୟ ହେବ । ଯଦି ମୁଁ ମୋର ନିଜ ପୁଅକୁ ଏପରି ଏକ ଦଣ୍ଡ ପାଇଁ ମରିବାକୁ ଦିଏ ଯାହାକି ମୁଁ ଘୋଷଣା କରିଥିଲି, ତଥାପି ଏହା ନ୍ୟାୟବାନ ହେବ ନାହିଁ । କେବଳ ଗୋଟିଏ ମାତ୍ର ନ୍ୟାୟ ଯାହା ମୁଁ କରିପାରେ, ତାହା ହେଲା ତା'ର ସ୍ଥାନ ଗ୍ରହଣ କରେ, ଯଦି ମୁଁ ତାକୁ ବଞ୍ଚାଇବାକୁ ଚାହେଁ ।

36 ଏବଂ ପାପୀର ସ୍ଥାନ ଗ୍ରହଣ କରିବା ନିମନ୍ତେ, ପରମେଶ୍ୱରଙ୍କୁ ମାଂସମୟ ଶରୀର ଧାରଣ କରିବାକୁ ପଡିଲା; ପରମେଶ୍ୱର ଶରୀରରେ ପ୍ରକଟିତ ହେଲେ, ସ୍ୱୟଂ ପରମେଶ୍ୱରଙ୍କଠାରୁ କୌଣସି ମତେ କମ୍ ନୁହେଁ । ତେବେ, ଏଠାରେ ସେ ଜଗତର ପାପ ଦୂର କରିବା ପାଇଁ, ଶରୀରରେ ପ୍ରକଟିତ, ହେଲେ । ଏବଂ ସେ ଆପଣାକୁ ଆମ ଭିତରେ ପରିଚିତ କରାଇଲେ, ଯେପରିକି ଆମେ ତାହାଙ୍କଠାରେ ପରିଚିତ ହୋଇପାରୁ । କଅଣ ଏହାର ଉଦ୍ଦେଶ୍ୟ ଦେଖୁଛନ୍ତି କି?

37 ତେବେ ଆମେ ଆମର ବଳିଦାନ ସହିତରେ ଆମର ପରିଚୟକୁ ପାଉ, ବଳିଦାନର ସେହି ଜୀବନ ଆମ ଭିତରେ ରହିଥାଏ, ଯାହାକି ପବିତ୍ରଆତ୍ମା ଅଟେ । ଯେତେବେଳେ ସେହି କୋଷିକାଟି ଭଙ୍ଗା ଗଲା, ଏହା ପରମେଶ୍ୱରଙ୍କୁ ମୁକ୍ତ କଲା, ପରମେଶ୍ୱରଙ୍କୁ ମୁକ୍ତ କଲା, ଯେ ସେ

ନିଜ ରକ୍ତରେ ଏକ ଲୋକଙ୍କୁ ପବିତ୍ରିକୃତ କଲେ ଏବଂ ପୁନର୍ବାର ପରମେଶ୍ୱରଙ୍କୁ ସେହି ମନୁଷ୍ୟ ଭିତରେ ରଖିଦେଲେ । ପରମେଶ୍ୱର ଆପଣଙ୍କ ଭିତରେ, ଅନନ୍ତ ଜୀବନ!

38 ଏବଂ ଯେକୌଣସି ଗ୍ରୀକ୍ ପଣ୍ଡିତ ଜାଣନ୍ତି ଯେ ସେହି ଶବ୍ଦ, ଅନନ୍ତ ଜୀବନ, ସେହି ଶବ୍ଦ ଜୋ-ଇ Z-o-e, *ଜୋଇ* ରୁ ଆସିଛି, ଯାହାର ଅର୍ଥ "ପରମେଶ୍ୱରଙ୍କ ନିଜର ଜୀବନ ।" ତାହା ଠିକ୍ । ଏକମାତ୍ର ଉପାୟ ଯେ ଆପଣ କେବେ ଜୀବନ ପାଇପାରିବେ, ଅନନ୍ତ ଜୀବନର କେବଳ ଗୋଟିଏ ମାତ୍ର ରୂପ ଅଛି, ଏବଂ ତାହା ହେଉଛି ଆପଣଙ୍କ ଭିତରେ ପରମେଶ୍ୱରଙ୍କ ନିଜର ଜୀବନ । ବୁଝିଲେ? ତା'ପରେ ଆପଣଙ୍କ ପାଖରେ ଅନନ୍ତ ଜୀବନ ଥାଏ, କାରଣ ସେ ହିଁ କେବଳ ସେଠାରେ ଏକମାତ୍ର ଅନନ୍ତ ଅଟନ୍ତି । ଏବଂ ଆମେମାନେ ତାହାଙ୍କ ଚିନ୍ତାଧାରାର ଗୁଣସକଳ ଅଟୁ, ଏହା ପୂର୍ବେକି ଜଗତର ଏକ ଭିତ୍ତିମୂଳ କିମ୍ବା ଅନ୍ୟ କିଛି ରହିଥିଲା । ଆଉ ଏସବୁ ତ କେବଳ ତାହାଙ୍କର ଚିନ୍ତାଧାରା ଅଟେ, ଏବଂ ଆମେ ତ ତାହାଙ୍କର ଚିନ୍ତାସକଳର ପ୍ରଦର୍ଶନ ଅଟୁ ଯେ ତାହା କଅଣ ଥିଲା ।

39 ଏବଂ ତାହାଙ୍କୁ ପାପକୁ ଦୂର କରିବା ନିମନ୍ତେ ତଳକୁ ଓହ୍ଲାଇ ଆସିବାକୁ ପଡିଲା । ଅନ୍ୟ କେହି ତାହା କରିପାରି ନ ଥାଆନ୍ତେ । ତାହା କରିବାକୁ କେହି ଯୋଗ୍ୟ ନ ଥିଲେ । ତାହାଙ୍କ ବ୍ୟତୀତ ଅନ୍ୟ କେହି ତାହା କରିପାରି ନ ଥାଆନ୍ତେ, ଏବଂ ସେ ତାହା କଲେ ।

40 ଏବଂ ତା'ପରେ, ଯେତେବେଳେ ସେହି ଜୀବନ ସେହି ଶରୀର, ମନୁଷ୍ୟଠାରୁ ମୁକ୍ତ ହେଲା, ଯିଏକି ପରମେଶ୍ୱରଙ୍କ ପୁତ୍ର ଥିଲେ (ତାହାଙ୍କର ସୃଜନଶୀଳ ଶକ୍ତି ଏକ ଭବନ ନିର୍ମାଣ କଲା, କୌଣସି ଠିକାଦାର ପରି, ସେ ଯେଉଁ ଭବନକୁ ନିର୍ମାଣ କଲେ ସେ ନିଜେ, ତାହା ଭିତରକୁ ପ୍ରବେଶ କଲେ, ପରମେଶ୍ୱର ତାହା କଲେ ।), ଏବଂ ତାହାପରେ, ଯେତେବେଳେ ସେହି ଜୀବନକୁ ନେଇ ନିଆଗଲା, ସେହି ରକ୍ତ, ଏହାର ରସାୟନ, ଭୂମି ଉପରେ ଢାଳି ଦିଆଗଲା, ଠିକ୍ ଯେପରି *ଠିକ୍* ହେବଲର ଭୂମି ଉପରେ ଢାଳି ଦିଆ ଯାଇଥିଲା, ମାତ୍ର ସେହି ରକ୍ତରୁ ପରମେଶ୍ୱରଙ୍କ ପବିତ୍ରଆତ୍ମା ଆସିଲେ, ଏବଂ ତାହାକୁ ପେଣ୍ଟିକଷ୍ଟ ଦିନରେ ମନୁଷ୍ୟ ଉପରକୁ ପଠାଗଲା, ଯେପରିକି ସେହି ବଳିଦାନ ସହିତ ଚିହ୍ନିତ ହେବ ଯାହା ସେମାନଙ୍କ ପାଇଁ ମୃତ୍ୟୁବରଣ କରିଥିଲା । ଜଗତରେ ଅନ୍ୟ କୌଣସି ଉପାୟ ନାହିଁ ଯେ ଆମେ ତାହା ପାଇପାରିବା । ଏକ ସକାରାତ୍ମକ ଟୋକନ୍ ବା ଚିହ୍ନ!

41 ଦେଖନ୍ତୁ, ଯଦି ଆପଣ ମୃତ୍ୟୁରେ ଦୋଷୀ ଅଟନ୍ତି, ଏବଂ ଆପଣ ଜାଣନ୍ତି ଯେ ଆପଣ ଇଲେକ୍ଟ୍ରିକ୍ ଚୌକୀକୁ ଯାଉଛନ୍ତି, ଏବଂ ମନେରଖନ୍ତୁ, ପ୍ରତ୍ୟାଖ୍ୟାନ କରିବା…

42 ଡାଲାସ୍, ଶୁଣନ୍ତୁ! ଯୀଶୁ ଖ୍ରୀଷ୍ଟଙ୍କ ରକ୍ତକୁ, ତାହାଙ୍କ ରକ୍ତର ଚିହ୍ନକୁ ପ୍ରତ୍ୟାଖ୍ୟାନ କରିବା, ଯଦି ଆପଣ ଏହାକୁ ଦେଖନ୍ତି ଏବଂ ଏହାକୁ ପ୍ରତ୍ୟାଖ୍ୟାନ କରନ୍ତି, ଆପଣ ନିଜ ହାତରେ ତାହାଙ୍କ ରକ୍ତକୁ ରଖି ବିଚାରର ସମ୍ମୁଖୀନ ହେବାକୁ ଯାଉଛନ୍ତି । ପାପୀ, ମଣ୍ଡଳୀ ସଦସ୍ୟ, ତାହା ମନେରଖନ୍ତୁ ।

43 କଅଣ ହୁଅନ୍ତା ଯଦି ଲି ଓସୱାଲ୍ଡ ସକ୍ଷମ ହୋଇଥାନ୍ତା, ସେହି କେତୋଟି ଦିନମାନ, ଏବଂ ସେହି ସର୍ବୋଚ୍ଚ ନ୍ୟାୟାଳୟ ସମ୍ମୁଖରେ ଝାଳ ନାଳ ହେବା ଯାହା ତାଙ୍କୁ ସମ୍ମୁଖିନ ହେବାକୁ ପଡିଥିଲା; ଏବଂ ଜାଣିଥିଲା, ଯେ ରାଷ୍ଟ୍ରପତିଙ୍କୁ ହତ୍ୟା କରିବା ପରଠାରୁ, ଦୟାର ଏପରିକି ଗୋଟିଏ ଛୋଟ ଚିହ୍ନ ବର୍ଣ୍ଣ ସୁଦ୍ଧା ରହିବ ନାହିଁ, ସେହି ବ୍ୟକ୍ତି ନିଶ୍ଚିତରେ କିପରି ଅନୁଭବ କରିଥିବ! ଏହା ନିର୍ଶ୍ଚିତରେ ଏକ ଭୟଙ୍କର ବିଷୟରେ ହୋଇଥିବ। ତାକୁ କେବେ ବି ସମ୍ମୁଖିନ ହେବାକୁ ପଡି ନ ଥିଲା, କାରଣ ଅନ୍ୟ ବ୍ୟକ୍ତିଜଣକ ତାକୁ ଗୁଳି କରିଥିଲା। ମାତ୍ର ସେଠାରେ ଏକ କ୍ରୋଧିତ ସର୍ବୋଚ୍ଚ ନ୍ୟାୟାଳୟ ସମ୍ମୁଖରେ ବସିବା ବିଷୟରେ ଚିନ୍ତା କରନ୍ତୁ, ପୁଣି ଆପଣଙ୍କ ହାତରେ ଆପଣଙ୍କ ସାଥୀ, ଆମେରିକାର ରାଷ୍ଟ୍ରପତିଙ୍କ ରକ୍ତ ସହିତରେ! ତାହା ଆପଣ ଲୋକମାନଙ୍କ ପାଇଁ ଏକ ମୃଦୁ ବିଷୟ ହେବ, ଯେଉଁମାନେକି ଯୀଶୁ ଖ୍ରୀଷ୍ଟଙ୍କ ରକ୍ତକୁ ହେୟଜ୍ଞାନ କରି ଚାଲିଯାଆନ୍ତି, ଯେତେବେଳେ ଆପଣ ପରମେଶ୍ୱରଙ୍କ ନ୍ୟାୟାଳୟରେ ଛିଡ଼ା ହେବେ। ଏହାକୁ ରଖିବାରେ ପରିଶ୍ରମ କରନ୍ତୁ ଯେତେବେଳେ ଯାଏଁ ଆପଣ ଏହା ଜାଣିଛନ୍ତି। ଓସୱାଲ୍ଡ ନିଜ ପାଇଁ ଏହି ଜୀବନକୁ ଛାଡିବା ବ୍ୟତୀତ ଆଉ କିଛି ଅଧିକ କରିପାରି ନ ଥିଲେ, ମାତ୍ର ପରମେଶ୍ୱର ଆପଣଙ୍କୁ ତାହାଙ୍କ ଉପସ୍ଥିତିରୁ ଅନନ୍ତକାଳ ପାଇଁ ନିଷ୍କାସିତ କରି ଦିଅନ୍ତି। ଏହା ଏକ ଭୟଙ୍କର ବିଷୟ ହେବ। ଧ୍ୟାନ ଦିଅନ୍ତୁ।

44 ଯଦି ଦୋଷୀ ସାବ୍ୟସ୍ତ ହୋଇ, ଆପଣଙ୍କୁ ନ୍ୟାୟାଳୟକୁ ଆସିବାକୁ ପଡିଥାଏ, ତାହାହେଲେ ଆପଣ ସର୍ବୋତ୍ତମ ଓକିଲକୁ ଖୋଜିବେ ଯାହା ଆପଣ ପାଇ ପାରିବେ। ଯେକେହି ବି ତାହା କରିବେ।

45 ଏବଂ ଜଗତରେ ଜନ୍ମ ହୋଇଥିବା ପ୍ରତ୍ୟେକ ମନୁଷ୍ୟ, ମୋର ଏଥିରେ କିଛି ଯାଏ ଆସେ ନାହିଁ ଯେ ସେ କେତେ ଭଲ ଘରୁ ଆସିଥାଏ, ସେ ଯୀଶୁ ଖ୍ରୀଷ୍ଟଙ୍କ ରକ୍ତର ଦୋଷୀ ଅଟେ ଯେପର୍ଯ୍ୟନ୍ତକି ସେ ଏହାର କ୍ଷମାକୁ ଗ୍ରହଣ ନ କରିଛି। ଏବଂ ଏକମାତ୍ର ଉପାୟ ଯେ ଆପଣ ଜାଣନ୍ତି ସେହି କ୍ଷମାଟି ଠିକ୍ ଅଟେ, ଯେତେବେଳେ ସେହି ଚିହ୍ନ ନିଜକୁ ଆପଣଙ୍କ ଉପରେ ଲଗାଏ, ଏବଂ ଆପଣଙ୍କ ପାଖରେ ସେହି ଚିହ୍ନ ଥାଏ।

46 ଧ୍ୟାନ ଦିଅନ୍ତୁ, ଆପଣ ଦୋଷୀ ଅଟନ୍ତି, ଏବଂ ଆପଣ ସର୍ବୋତ୍ତମ ଓକିଲଙ୍କୁ ଖୋଜିବେ ଯାହାକୁ କି ଆପଣ ନିଜର ମକୋଦ୍ଦମା ପାଇଁ ଖୋଜି ପାରିବେ। ଏବଂ ଯଦି ମୁଁ ପରମେଶ୍ୱରଙ୍କ ବିଚାରକୁ ଯାଉଥାଏ, ତେବେ ମୁଁ କୌଣସି ପୁରୋହିତ ଚାହିଁବି ନାହିଁ, ମୁଁ କୌଣସି ମଣିଷ ଚାହିଁବି ନାହିଁ; ମୁଁ ତ ସର୍ବୋତ୍ତମ ଓକିଲକୁ ଚାହିଁବି ଯାହାକୁ ମୁଁ ମୋର ମକୋଦ୍ଦମା ଲଢିବା ପାଇଁ ପାଇପାରେ।

47 ମୋର ଖ୍ରୀଷ୍ଟିଆନ ବନ୍ଧୁ, ମୋତେ ଆପଣଙ୍କୁ ଏହା କହିବାକୁ ଦିଅନ୍ତୁ। ଆମର ଓକିଲ ମଧ୍ୟ ଆମର ବିଚାରପତି ଅଟନ୍ତି, ଏବଂ ଆମର—ଆମର ବିଚାରପତି ଆମର ଓକିଲ ହୋଇଗଲେ। ଯେତେବେଳେ ଆମେ ତାହାଙ୍କର କ୍ଷମାକୁ ପାଇଲୁ ମାମଲାଟି ସେତେବେଳେ ସମାଧାନ ହୋଇଗଲା। ବିଚାରପତି ନିଜେ ତଳକୁ ଓହ୍ଲାଇ ଆସି ଓକିଲ ହୋଇଗଲେ, ଏବଂ

ଓକିଲ ଓ ବିଚାରପତି ସେହି ସମାନ ବ୍ୟକ୍ତି ଅଟନ୍ତି । ପରମେଶ୍ୱର ମନୁଷ୍ୟ ହୋଇଗଲେ, ଯେପରିକି ସେ ନିଜର ମୃତ୍ୟୁ ଦ୍ୱାରା ମନୁଷ୍ୟକୁ ଧାର୍ମିକ କରିପାରନ୍ତି ଯେଉଁ ମୃତ୍ୟୁକୁ ସେ ନିଜ ଉପରେ ସ୍ଥାପନ କଲେ । ହାଲ୍ଲେଲୁୟା! ତାହାର ଅର୍ଥ, "ଆମ୍ଭମାନଙ୍କର ପରମେଶ୍ୱରଙ୍କର ପ୍ରଶଂସା ହେଉ ।" ସେ ସମସ୍ତ ପ୍ରଶଂସା ପାଇବାକୁ ଯୋଗ୍ୟ । ଆମର ବିଚାରପତି ଏବଂ ଆମର ଓକିଲ ସମାନ ବ୍ୟକ୍ତି ଅଟନ୍ତି ।

48 ପବିତ୍ରଆତ୍ମା ସେହି ଟୋକନ୍ ବା ଚିହ୍ନ ଅଟନ୍ତି ଯେ ଆମକୁ କ୍ଷମା କରାଯାଇଅଛି । ମାମଲାଟି ବନ୍ଦ ଅଟେ । ପ୍ରତ୍ୟେକ ପୁରୁଷ ଏବଂ ସ୍ତ୍ରୀଙ୍କୁ ଯିଏକି ପ୍ରକୃତରେ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଗ୍ରହଣ କରିଛନ୍ତି, ସେ ବିଚାର କରାଯାଇଛନ୍ତି, ସେ ତାଙ୍କ ଓକିଲଙ୍କ ସହିତ, ତାଙ୍କ ବିଚାରପତିଙ୍କ ସହିତ, ତାଙ୍କର ବଳିଦାନ ସହିତ ଚିହ୍ନିତ କରାଯାଇଛନ୍ତି, ଏବଂ ସେ ନିଜ ପାଖରେ ରଖିଥିବା ସେହି ଚିହ୍ନ ଏହା ଦର୍ଶାଏ ଯେ ତାଙ୍କର ମହିମା ପର୍ଯ୍ୟନ୍ତ ଯାତ୍ରାର ମୂଲ୍ୟ ପ୍ରଦାନ କରାଯାଇଅଛି । ଆମେନ୍ । ଏହା ସମାପ୍ତ ହୋଇଯାଇଛି । ସେ ସେହି ଚିହ୍ନକୁ ଧରିଛନ୍ତି । ଏହା ତାହାଙ୍କର, ସେହି ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଅଟେ, ଯାହା ଯୀଶୁଙ୍କ ପୁନରୁତ୍ଥାନର ସାକ୍ଷୀ । ଆମେନ୍ । କଅଣ ଆପଣ ଏହାକୁ ବିଶ୍ୱାସ କରନ୍ତି? [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ଅନୁ ।] ତାହା ଆପଣଙ୍କର ପରିଚୟ ଅଟେ, ଆପଣ ଚିହ୍ନକୁ ଧରିଛନ୍ତି ।

49 ତେବେ ଯଦି ଆପଣଙ୍କ ପାଖରେ ସେହି ଚିହ୍ନ ନାହିଁ, ତେବେ ଆପଣ ଭିତରକୁ ଆସିବାକୁ ଯାଉ ନାହାଁନ୍ତି । ଆପଣଙ୍କୁ ନିଶ୍ଚିତରେ ସେହି ଚିହ୍ନ ରଖିବାକୁ ଅଛି । ତାହାହିଁ ହେଉଛି ଆବଶ୍ୟକ ମୂଲ୍ୟ, "ଯେତେବେଳେ ମୁଁ ରକ୍ତକୁ ଦେଖିବି, ରକ୍ତ ହେଉଛି ସେହି ଚିହ୍ନ । ଯେତେବେଳେ ମୁଁ ରକ୍ତକୁ ଦେଖିବି, ମୁଁ ତୁମକୁ ଛାଡ଼ି ଆଗକୁ ଚାଲିଯିବି ।" ଆପଣଙ୍କୁ ନିଶ୍ଚିତରେ ସେହି ଚିହ୍ନ ରଖିବାକୁ ଅଛି । ଯଦି ଆପଣ ରଖିବେ ନାହିଁ, କାହିଁକି, ଆପଣ ଯିବେ ନାହିଁ । ଆପଣଙ୍କୁ ତ ସେହି ଚିହ୍ନକୁ ରଖିବାକୁ ହିଁ ଅଛି ।

50 ଯଦି ସେହି ଚିହ୍ନ ପ୍ରଦର୍ଶିତ ନ ହୁଏ, ସେହି ଚିହ୍ନ ସେଠାରେ ଦେଖା ନ ଯାଏ, ଏପରିକି ସେହି ନିୟମ ମଧ୍ୟ କାର୍ଯ୍ୟକାରୀ ହୁଏ ନାହିଁ । ଆପଣ କୁହନ୍ତି, "ଆଚ୍ଛା, ତେବେ, ଭାଇ ବ୍ରାନହାମ୍, ବର୍ତ୍ତମାନ ମାତ୍ର ଗୋଟିଏ ମିନିଟ୍ ଅପେକ୍ଷା କରନ୍ତୁ ।" ତାହା ଅବିକଳ ଠିକ୍ ଅଟେ ।

51 ଚିହ୍ନଟି ନିୟମ ଉପରେ ଥିଲା । କାରଣ ଇସ୍ରାଏଲ ପାଖରେ ସୁନ୍ନତ ହେବାର ଏକ ନିୟମ ଥିଲା, ଏବଂ କୌଣସି ଯିହୁଦୀ ବାହାରକୁ ଯାଇ କୌଣସି ବ୍ୟକ୍ତିଙ୍କୁ ଏହା ଦେଖାଇ ପାରନ୍ତି, "ମୁଁ ତୁମକୁ ପ୍ରମାଣ କରିପାରେ ଯେ ମୁଁ ସୁନ୍ନତ ହୋଇଛି, ମୁଁ ଜଣେ ଯିହୂଦୀ ଅଟେ, ଯିହୋବାଙ୍କ ଆଦେଶ ଅନୁଯାୟୀ ମୁଁ ସୁନ୍ନତ ହୋଇଅଛି," ମାତ୍ର ତଥାପି ଏହା ତାଙ୍କୁ ବହିଷ୍କାର କରେ ନାହିଁ ଯଦି ସେହି ଚିହ୍ନ ମଧ୍ୟ ସେଠାରେ ନ ଥାଏ । ତାଙ୍କୁ ନିଶ୍ଚିତ ଭାବରେ ସେହି ଚିହ୍ନକୁ ପ୍ରଦର୍ଶନ କରିବାକୁ ଅଛି । କଅଣ ଆପଣ ଏହା ବୁଝିଲେ? [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ଅନୁ ।] ସେ...ଯେକୌଣସି ପ୍ରକାରେ ମଧ୍ୟ, ସେହି ଚିହ୍ନକୁ ସେଠାରେ ରହିବା ଆବଶ୍ୟକ । ଏବଂ ଯଦି ଆପଣ ନିୟମରେ ଅଛନ୍ତି...ଯଦି କୌଣସି ଯିହୂଦୀ କହିବେ, "ମୁଁ ମୋ' ଦ୍ୱାରରେ କୌଣସି

ରକ୍ତ ଲଗାଇବାକୁ ଯାଉ ନାହିଁ, ମୁଁ ପ୍ରମାଣ କରିପାରେ ଯେ ମୁଁ ଏକ ନିୟମବଦ୍ଧ ଯିହୁଦୀ ଅଟେ,” ସେହି ସଂହାରକ ଦୂତ ତାଙ୍କୁ ଧରି ପକାଇବ । ଏଥିରେ କିଛି ଯାଏ ଆସେ ନାହିଁ ଯେ ସେ କେତେ ବିଶ୍ୱସ୍ତ ଥିଲେ, ସେ କେତେ ମଣ୍ଡଳୀର ସଦସ୍ୟ ଥିଲେ, ସେ କେତେ ଦଶମାଂଶ ଦେଉଥିଲେ, ସେ କିପରି କହୁଥିଲେ ଯେ ସେ ଯିହୋବାଙ୍କୁ ବିଶ୍ୱାସ କରନ୍ତି; ଯିହୋବା ତ ସେହି ଚିହ୍ନକୁ ଆବଶ୍ୟକ କରିଥିଲେ ।

52 ଆଉ ଆଜି ମଧ୍ୟ, ସେ ତାହା କରନ୍ତି । ତାହା ହେବାକୁ ହିଁ ଅଛି । ତାହା ହେବା ଉଚିତ୍, “କାରଣ ସ୍ୱର୍ଗ ତଳେ ଅନ୍ୟ କୌଣସି ମାର୍ଗ ନାହିଁ, ଅନ୍ୟ କୌଣସି ନାମ ଦିଆଯାଇ ନାହିଁ, କୌଣସି ଉପାୟ ନାହିଁ,” ଏଥିରେ କିଛି ଯାଏ ଆସେ ନାହିଁ ଯେ କେତେ ଭଲ, କେତେ ବିଶ୍ୱସ୍ତ ଅଟେ । ସେହି ଚିହ୍ନକୁ ସେଠାରେ ରହିବାକୁ ଅଛି, ଏବଂ ପ୍ରଦର୍ଶିତ ହେବାକୁ ଅଛି ।

53 “ସେହି ରକ୍ତ,” ଆପଣ କୁହନ୍ତି, “ତେବେ, ମୁଁ ମେଷଶାବକକୁ ମାରିଲି ଏବଂ ଏହାକୁ ମୁଁ ଏକ ପାତ୍ରରେ ରଖିଲି । ମୁଁ ଏହାକୁ ଏଠାରେ ପଛରେ ରଖିଛି ।” ଏହା ତାହା ନ ଥିଲା ଯାହା ସେ କହିଥିଲେ । ଏହାକୁ ତ ଦ୍ୱାରର ବାଜୁବନ୍ଧରେ ଏବଂ କପାଳୀରେ ରହିବା ଉଚିତ୍ । ଏହାକୁ ତ ପ୍ରଦର୍ଶିତ ହେବା ଉଚିତ୍ ।

54 ଏବଂ ଆପଣଙ୍କର ଜୀବନକୁ ଏହା ପ୍ରଦର୍ଶିତ କରିବାକୁ ଅଛି ଯେ ସେହି ଚିହ୍ନ ଆପଣଙ୍କଠାରେ ଅଛି । ହେ, ତୁମେ ପେଣ୍ଟିକଷ୍ଟାଲମାନେ, ତୁମ ସହିତ କଅଣ ସମସ୍ୟା ଅଟେ? ଛୋଟ କର୍ତ୍ତନ କେଶ, ଚିତ୍ରିତ ମୁଖମଣ୍ଡଳ, ପୁରୁଷ, ମନ୍ଦ ଥଟ୍ଟା ଏବଂ ବିଷୟମାନ, ମୋହର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ହେଉଛି ପବିତ୍ରଆତ୍ମାଙ୍କ ଚିହ୍ନ ବୋଲି ସେହି ପ୍ରଦର୍ଶନ କେଉଁଠାରେ ଅଛି? ତୁମେ, ଭକ୍ତିର ଏକ ଭେଖ ଧରିଥାଅ, ଏବଂ “ଯାଦୁକରୀ” ଏବଂ ଅନ୍ୟ ସମସ୍ତ ବିଷୟଗୁଡ଼ିକୁ, ପରମେଶ୍ୱରଙ୍କ କାର୍ଯ୍ୟ ବୋଲି କହିଥାଅ, “ଯାଦୁକରୀ ।” ଆପଣ କିପରି ଏକ ଚିହ୍ନ ପ୍ରଦର୍ଶନ କରିବେ?

55 ସେମାନେ କୁହନ୍ତି, “ମୁଁ ପେଣ୍ଟି-...” ତୁମେ କଅଣ ଅଟ ମୋର ସେଥିରେ କିଛି ଫରକ ପଡ଼େ ନାହିଁ । “ମୁଁ ବାପ୍ଟିଷ୍ଟ । ମୁଁ ପ୍ରେସ୍-...” ତୁମେ କଅଣ ଅଟ ମୋର ସେଥିରେ କିଛି ଫରକ ପଡ଼େ ନାହିଁ । ସେହି ଚିହ୍ନକୁ ସେଠାରେ ରହିବା ଆବଶ୍ୟକ । ପରମେଶ୍ୱର ତାହା ଆବଶ୍ୟକ କରନ୍ତି, ଏବଂ ଏହା ବ୍ୟତୀତ ଅନ୍ୟ କିଛି ନୁହେଁ ।

56 ଆପଣ କୁହନ୍ତି, “ତେବେ, ମୁଁ ଏକ ଡାକ୍ତର ଉପାଧି ପାଇଛି ।” ମୋର ଏଥିରେ କିଛି ଫରକ୍ ପଡ଼େ ନାହିଁ ଯେ ତୁମେ କେତେ ଉପାଧିମାନ ପାଇଛ । ପରମେଶ୍ୱର ସେହି ଚିହ୍ନକୁ ଆବଶ୍ୟକ କରନ୍ତି, ଏବଂ କେବଳ ତାହାହିଁ ଆବଶ୍ୟକ କରନ୍ତି । ଏହା ଏକ ସଙ୍କେତ ଅଟେ ଯେ ତୁମର ଯାତ୍ରାର ମୂଲ୍ୟ ପ୍ରଦାନ କରାଯାଇଅଛି । ସେ ଆପଣଙ୍କର ପ୍ରମାଣପତ୍ର କିମ୍ବା ଅନ୍ୟ କିଛି ନେବାକୁ ଯାଉନାହାଁନ୍ତି । ତାହାଙ୍କୁ ତ ସେହି ଚିହ୍ନ ପାଇବାକୁ ଅଛି ।

57 ବସ୍ ଡ୍ରାଇଭର କୁହନ୍ତି, “ଏଠାରେ, ଗୋଟିଏ ମିନିଟ୍ ରୁହନ୍ତୁ, ତାହା ମୋର ଚିହ୍ନ ନୁହେଁ ।”

58 ବିମାନ ଲୋକ କୁହନ୍ତି, "ତେବେ, ଆପଣ ବର୍ତ୍ତମାନ ସେଠାକୁ ଯାଆନ୍ତୁ ।" ଏକ ଟିକେଟ୍ ହେଉଛି ଏକ ଚିହ୍ନ । ଆପଣ ସେଠାକୁ ଯାଇ ସେହି ବିମାନ ଚାଳକଙ୍କୁ କୁହନ୍ତି, "ଏଠାରେ, ମୁଁ ତୁମ ବିମାନ ଉପରେ ଚଢିବାକୁ ଚାହୁଁଛି । ଏଇଟା କେତେ ମୂଲ୍ୟ?"

"ଭିତରକୁ ଯାଆନ୍ତୁ ଏବଂ ନିଜର ଚିହ୍ନ ନିଅନ୍ତୁ ।"

"ଓଃ, ମୁଁ ଆପଣଙ୍କୁ ମୂଲ୍ୟ ଦେବି ।"

59 "ମୁଁ ଏହାକୁ ନେଇପାରେ ନାହିଁ । ଆପଣ ମୋ ବିମାନରେ ସେପର୍ଯ୍ୟନ୍ତ ଚଢିବେ ନାହିଁ ଯେପର୍ଯ୍ୟନ୍ତ ଆପଣ ଯାଇ ମୂଲ୍ୟ ନ ଦିଅନ୍ତି ଓ ଚିହ୍ନ ନ ନେଇ ନିଅନ୍ତି । ମୁଁ ସେହି ଚିହ୍ନକୁ ଖୋଜୁଛି ।"

ଆପଣ କୁହନ୍ତି, "ତେବେ, ମୁଁ ବିଦ୍ୟାଳୟକୁ ଗଲି । ମୁଁ *ଏହା* କଲି । ମୁଁ..."

60 ମୋର ଏଥିରେ କିଛି ଫରକ୍ ପଡ଼େ ନାହିଁ ଯେ ଆପଣ କଅଣ କରିଛନ୍ତି, ଆପଣଙ୍କୁ ତ ସେହି ଚିହ୍ନକୁ ରଖିବାକୁ ଅଛି ଅନ୍ୟଥା ଆପଣ ଚଢିବେ ନାହିଁ । ଆମେନ୍ ଏବଂ ଆମେନ୍ । କଅଣ ଆପଣ ଏହାକୁ ଦେଖିପାରୁ ନାହାଁନ୍ତି? ପରମେଶ୍ୱର ସେହି ଚିହ୍ନକୁ ଆବଶ୍ୟକ କରନ୍ତି । "ଯେତେବେଳେ ମୁଁ ରକ୍ତକୁ ଦେଖିବି, ଆଉ ଯେତେବେଳେ ମୁଁ ସେହି ଚିହ୍ନକୁ ଦେଖିବି କେବଳ ସେତେବେଳେ ମୁଁ ତୁମକୁ ଛାଡ଼ି ଆଗକୁ ଚାଲିଯିବି ।"

61 ଏହା ପ୍ରଦର୍ଶିତ ନ ହୁଏ, ସେହି ଚୁକ୍ତି ମଧ୍ୟ କାର୍ଯ୍ୟକାରୀ ହୁଏ ନାହିଁ ବା ପ୍ରଭାବହୀନ ହୁଏ । ଜଣେ ଯିହୁଦୀ ସଂପୂର୍ଣ୍ଣ ଭାବରେ କହିପାରେ ଏବଂ ନିଜକୁ ଏକ—ଏକ ସୁନ୍ନତ ହୋଇଥିବା ଯିହୂଦୀ ବୋଲି ପ୍ରମାଣ କରିପାରେ, ସେ ଭାଇମାନଙ୍କୁ ବାହାରକୁ ନେଇଯାଇ ଏହା କହିପାରେ, "ଏଠାରେ ଦେଖ, ମୁଁ ସୁନ୍ନତ ହୋଇଛି ।" ଏହାର କିଛି ହେଲେ ଅର୍ଥ ନୁହେଁ ।

62 ଆପଣ କୁହନ୍ତି, "ମୁଁ ମେଥୋଡିଷ୍ଟ । ମୁଁ ବାପ୍‌ଟିଷ୍ଟ । ମୁଁ ପେଣ୍ଟିକଷ୍ଟାଲ୍ । ମୁଁ *ଏହା* । ମୁଁ *ତାହା* ।" ତାହାର କିଛି ହେଲେ ଅର୍ଥ ନୁହେଁ ।

63 ଆପଣଙ୍କୁ ତ ସେହି ଚିହ୍ନ ରଖିବାକୁ ଅଛି । ଏବଂ ଯେତେବେଳେ ସେହି ଚିହ୍ନ ଆସେ, ଏହା ଖ୍ରୀଷ୍ଟଙ୍କ ବିଷୟରେ ସାକ୍ଷ୍ୟ ଦିଏ । ଏହା ହେବ ବୋଲି ସେ କହିଥିଲେ । ଆଉ ଖ୍ରୀଷ୍ଟ ହେଉଛନ୍ତି ସେହି ବାକ୍ୟ । ଏବଂ ଆପଣ କିପରି ଭାବରେ ଅସ୍ୱୀକାର କରିପାରିବେ ଯେ ବାଇବଲଟି ସତ୍ୟ ଅଟେ, ଏହାର ଏକ ଅଂଶ ମାତ୍ର, ଆଉ ତଥାପି ଆପଣ କହିପାରିବେ ଯେ ଆପଣଙ୍କ ପାଖରେ ଚିହ୍ନ ଅଛି, ଯେତେବେଳେକି ସେହି ଚିହ୍ନ ଯୀଶୁ ଖ୍ରୀଷ୍ଟଙ୍କ ସାକ୍ଷ୍ୟ ଅଟେ? ଦେଖନ୍ତୁ, ତାହାହିଁ ଅଟେ ଯାହା ବିଷୟରେ ମୁଁ ଆଶ୍ଚର୍ଯ୍ୟ କରେ ।

64 "ଓଃ," କୁହନ୍ତି, "ମୁଁ ବିଶ୍ୱାସ କରେ ନାହିଁ, ମୁଁ ବିଶ୍ୱାସ କରେ ଯେ ଚମତ୍କାରର ଦିନଗୁଡିକ..." ଓଃ, ତେବେ ଦେଖନ୍ତୁ, ସେଠାରେ କୌଣସି ଚିହ୍ନ ନାହିଁ । ସେହି ଚିହ୍ନ ପ୍ରତ୍ୟେକ ବାକ୍ୟକୁ ଏକ "ଆମେନ୍" ସହିତରେ ପୂର୍ଣ୍ଣ ବିରାମ ଲଗାଏ, ସବୁକିଛିରେ, କାରଣ ଏହା ନିଜେ ପରମେଶ୍ୱର ଅଟନ୍ତି । ବୁଝିଲେ? ଠିକ୍ ଅଛି ।

65 ମାତ୍ର ଯଦି ସେହି ଚିହ୍ନ ସେଠାରେ ନ ଥାଏ, ସେହି ଚୁକ୍ତିଟି କାର୍ଯ୍ୟକାରୀ ହୋଇ ନ ଥାଏ। ଏହାକୁ ପ୍ରଭାବହୀନ କରାଯାଇଥିଲା। ବର୍ତ୍ତମାନ ସେହି ସମାନ ବିଷୟ! ଏଥିରେ କିଛି ଯାଏ ଆସେ ନାହିଁ ଯେ ଆପଣ କେତେ—କେତେ ଅଧିକ କୁହନ୍ତି, ଆପଣ କେତେ ଅଧିକ କହୁଛନ୍ତି, "ମୁଁ ବାଇବଲରେ ପ୍ରତ୍ୟେକ ବାକ୍ୟକୁ ବିଶ୍ୱାସ କରେ," କୁହନ୍ତି, "ଭାଇ ବ୍ରାନହାମ୍, ମୁଁ—ମୁଁ ଆପଣଙ୍କୁ ସେହି ବାଇବଲର, ସମସ୍ତ ବାଇବଲର, ଅଧା ମୁଖସ୍ତ କରି ଉଦ୍ଧୃତ କରିପାରେ। ମୁଁ ଏହାର ପ୍ରତ୍ୟେକ ଅଂଶକୁ ବିଶ୍ୱାସ କରେ।" ତାହା ଭଲ ଅଟେ। ଶୟତାନ ମଧ୍ୟ, ତାହା କରେ। ଉ-ହୁଁ। ଏହା ତ ସେହି ଚିହ୍ନକୁ ଆବଶ୍ୟକ କରେ!

66 "ତେବେ, ଭାଇ ବ୍ରାନହାମ୍, ମୋର କାନ୍ଥ ଉପାଧିଗୁଡିକରେ ପରିପୂର୍ଣ୍ଣ ଅଟେ। ମୁଁ କଳାରେ ସ୍ନାତକ ଅଟେ, ଏବଂ ମୋ ପାଖରେ ଡାକ୍ତର ଉପାଧି ଅଛି, ଏବଂ ଲାଟିନ୍ ଭାଷାରେ ଏଲଏଲଡି. ଉପାଧି ଅଛି। ଏବଂ, ଓଃ, ମୁଁ ପୁସ୍ତକମାନ ଲେଖିଅଛି। ମୁଁ ଏହା କରିଅଛି। ମୁଁ ସବୁକିଛି କରିଅଛି। ମୁଁ—ମୁଁ ଏହି ସବୁ ବିଷୟ କରିଅଛି।" ମୋର କିଛି ଫରକ୍ ପଡ଼େ ନାହିଁ। ତାହା ସବୁ ସବୁ ଠିକ ଅଛି, ମାତ୍ର ତଥାପି ଆପଣଙ୍କୁ ସେହି ଚିହ୍ନ ରଖିବାକୁ ହେବ। ସେହି ଚିହ୍ନ, ତଥାପି ସେହି ଚିହ୍ନର ଆବଶ୍ୟକ ହୁଏ!

67 ଆପଣ କୁହନ୍ତି, "ମୁଁ ଜଣେ ବାଇବଲ ଛାତ୍ର ଅଟେ। ମୁଁ ଜଣେ—ମୁଁ ଜଣେ ଭଲ ବ୍ୟକ୍ତି ଅଟେ। ମୁଁ *ଏହା, ତାହା* ଅଟେ।" ତାହା ଭଲ ହୋଇପାରେ, ତାହା ସବୁ ଉତ୍ତମ ଅଟେ, କିନ୍ତୁ ତଥାପି ଏହାକୁ ସେହି ଚିହ୍ନ ରଖିବାକୁ ଅଛି!

68 ତେବେ, ମୃତ୍ୟୁ ଯେକୌଣସି ସମୟରେ ମିସରକୁ ଆଘାତ କରିବାକୁ ପ୍ରସ୍ତୁତ ଥିଲା, ଏବଂ ତଦ୍ରୂପେ ମୃତ୍ୟୁ ବର୍ତ୍ତମାନ ଯେକୌଣସି ସମୟରେ ଦେଶକୁ ଆଘାତ କରିବାକୁ ପ୍ରସ୍ତୁତ ଅଛି।

69 ଆନ୍ନା ଜିନ, ମୁଁ ଏପରି କିଛି ଅନୁଭବ କରେ ଯେପରିକି ତୁମ ବାପା, ଥରେ ଏକ ମନ୍ତବ୍ୟ ଉଲ୍ଲେଖ କରିଥିଲେ। ମୁଁ ସବୁବେଳେ ତାହା ପସନ୍ଦ କରିଅଛି। ସେ କହିଥିଲେ, "ଆପଣ ଜାଣନ୍ତି, ଏହି ରାଷ୍ଟ୍ର, ସେହି ସମାନ ପାପଗୁଡିକ ସହିତରେ, ଯଦି ପରମେଶ୍ୱର ଆମେରିକାକୁ ସେ ଯାହା କରୁଅଛି ତାହା ସହିତ ରକ୍ଷା ପାଇଯିବାକୁ ଦିଅନ୍ତି, ତାହାହେଲେ ସେ ସଦୋମ ଏବଂ ଗମରାଙ୍କୁ ଉତ୍ଥିତ କରିବାକୁ ଏବଂ ସେମାନଙ୍କୁ ଦଗ୍ଧ କରିଥିବାରୁ, କ୍ଷମା ମାଗିବାକୁ ନୈତିକ ଭାବରେ ବାଧ୍ୟ ହେବେ।" ଏବଂ ତାହା ଠିକ୍ ଅଟେ।

70 ମନେରଖନ୍ତୁ, ଇସ୍ରାଏଲ କରିଥିବା ପ୍ରତ୍ୟେକ ପାପ ପାଇଁ ମୂଲ୍ୟ ଦେଇଥିଲା, ଏବଂ ଆମେମାନେ ମଧ୍ୟ ତାହା କରିବା। ଆମେ କେତେ ହୁଗୁଳା ହୋଇ ଯାଇଅଛୁ? ଶିରସ୍ତ୍ରାଣକୁ କଷିକୀ ଟାଣନ୍ତୁ! ମଣ୍ଡଳୀ, ପରମେଶ୍ୱର ନିକଟକୁ ଫେରି ଆସନ୍ତୁ! ଏହି ବିଷୟଗୁଡିକ ଭିନ୍ନ ହେବା ପାଇଁ କହୁନାହିଁ। ମୁଁ ଆପଣଙ୍କୁ ଏକ ଚେତାବନୀ ଭାବେରେ କହୁଅଛି। ଆପଣ ବିଶ୍ୱାସ କରନ୍ତୁ!

71 ମୃତ୍ୟୁ ଆଘାତ କରିବାକୁ ପ୍ରସ୍ତୁତ ଥିଲା। ପରମେଶ୍ୱର ଶକ୍ତି ଏବଂ ଚିହ୍ନମାନ ଓ ଚମତ୍କାରଗୁଡିକ ମାଧ୍ୟମରେ, ସେମାନଙ୍କୁ ନିଜର ଅନୁଗ୍ରହ ଏବଂ ନିଜର ଦୟା ଦେଖାଇଥିଲେ

(ଠିକ ସେହିପରି ସେ ଆଜି ମଣ୍ଡଳୀକୁ ବାହାର କରି ନେବା ପୂର୍ବରୁ କରିଛନ୍ତି), ତଥାପି ସେମାନେ ଅନୁତାପ କରିବାକୁ ଏବଂ ବାର୍ତ୍ତାକୁ ବିଶ୍ୱାସ କରିବାକୁ ଇଚ୍ଛା କଲେ ନାହିଁ।

72 ଦେଖନ୍ତୁ, ମଣ୍ଡଳୀକୁ ବାହାର କରି ନେବା ପୂର୍ବରୁ ଏକ ବାର୍ତ୍ତା ରହିଥିଲା। ସବୁବେଳେ ରହିବା ଆବଶ୍ୟକ ଅଟେ। ବର୍ତ୍ତମାନ ସେହି ସମାନ ବିଷୟ। ପ୍ରତ୍ୟେକ ଆତ୍ମିକ ଘଟଣା ପରମେଶ୍ୱରଙ୍କଠାରୁ ଏକ ଚିହ୍ନ ଅଟେ। କଅଣ ଆପଣ ତାହା ବିଶ୍ୱାସ କରନ୍ତି? [ମଣ୍ଡଳୀ କୁହନ୍ତି, "ଆମେନ୍।"—ଅନୁ।] ସେହି ବାର୍ତ୍ତା ପରି, ଗୋଟିଏ ଚିହ୍ନ ଅଛି ଆଉ ତା'ପରେ ବାର୍ତ୍ତା ଚିହ୍ନକୁ ଅନୁସରଣ କରେ। ପରମେଶ୍ୱର ମୋଶାଙ୍କୁ କହିଥିଲେ, କହିଲେ, "ଯଦି ସେମାନେ ପ୍ରଥମ ଚିହ୍ନର ସ୍ୱରକୁ ବିଶ୍ୱାସ କରିବେ ନାହିଁ, ବୋଧହୁଏ ସେମାନେ ଦ୍ୱିତୀୟ ଚିହ୍ନର ସ୍ୱରକୁ ବିଶ୍ୱାସ କରିବେ।"

73 ତେବେ, ଯେତେବେଳେ ଆପଣ ଚିହ୍ନଗୁଡିକୁ ଘଟୁଥିବାର ଦେଖନ୍ତି, ଏବଂ ଏହା ପଛରେ କୌଣସି ବାର୍ତ୍ତା ନ ଥାଏ, ତେବେ ତାହା ଠିକ ସେହି ସମାନ ଈଶ୍ୱରତତ୍ତ୍ୱବାଦର ପୁରାତନ ବିଦ୍ୟାଳୟ ଅଟେ ଏବଂ ସେହିପରି ବିଷୟମାନ, ତାହା ପରମେଶ୍ୱରଙ୍କଠାରୁ ନ ଥିଲା। ମାତ୍ର ଯେଉଁଠାରେ ଏକ ଚିହ୍ନ ଦେଖାଯାଏ, ଗୋଟିଏ ବାର୍ତ୍ତା ଏହାକୁ ଅନୁସରଣ କରେ। ତେବେ ଦେଖନ୍ତୁ। ଯୀଶୁ ଦୃଶ୍ୟକୁ ଆସିଲେ…

74 କଅଣ ମୁଁ ଆପଣମାନଙ୍କୁ ବଧିର କରୁଅଛି କି? କିମ୍ବା ଯିଏ କେହି ଏଠାରେ ଏହି ମାଇକ୍ରୋଫୋନରେ ଅଛନ୍ତି, ଏପରି ଶୁଭୁଛି ଯେପରିକି ଏହା ଫେରି ଆସୁଅଛି। ବୋଧହୁଏ ଏହା ଟିକିଏ ଅଧିକ ଉଚ୍ଚ ସ୍ୱର ଅଟେ। ମୁଁ ଚାହେଁ ଯେ ଆପଣ ଏହାକୁ ବୁଝନ୍ତୁ।

75 ଯେତେବେଳେ ଯୀଶୁ ଦୃଶ୍ୟକୁ ଆସିଲେ, ସେ କେବେହେଲେ ଲୋକମାନଙ୍କୁ ବହୁତ କିଛି କହିଲେ ନାହିଁ, ସମସ୍ତେ ତାଙ୍କୁ ନିଜ ମଣ୍ଡଳୀରେ ଚାହୁଁଥିଲେ। "ଓଃ, ଏହି ଯୁବା ଭବିଷ୍ୟଦ୍‌ବକ୍ତା, ଆମେ ତାହାଙ୍କୁ ପାଇ ବହୁତ ଖୁସି ଅଟୁ।" ସେ ରୋଗୀମାନଙ୍କୁ ସୁସ୍ଥ କରୁଥିଲେ। "ଓଃ, ପରମେଶ୍ୱରଙ୍କ ଗୌରବ ହେଉ। ପରମେଶ୍ୱର ଆମ ମଧ୍ୟରେ ଜଣେ ମହାନ ବ୍ୟକ୍ତିଙ୍କୁ ଉଠାଇଛନ୍ତି।" ତାହା ଠିକ୍ ଥିଲା। ତେଣୁ ଦିନେ ଏହା ଏପରି ଏକ ସ୍ଥାନକୁ ଆସିଲା ଯେଉଁଠାରେକି…ତାହା ତାଙ୍କର ଚିହ୍ନ ଥିଲା।

76 ଯିଶାଇୟ 35 କହିଥିଲା ଯେ ଏହା ଏକ ଚିହ୍ନ ହେବ। "ଛୋଟା ଲୋକ ହରିଣ ପରି ଡିଆଁ ମାରିବ," ଏବଂ ଅନ୍ୟାନ୍ୟ ସବୁ, "ଅନ୍ଧ ଦେଖିବ।" ଏହା ଏକ ଚିହ୍ନ ଥିଲା।

77 ସେ ଖ୍ରୀଷ୍ଟ ଭାବରେ ତାହାଙ୍କର ଚିହ୍ନକୁ ଦେଖାଇଲେ, ଏବଂ ପ୍ରଭୃତି ସବୁ। ଆଉ ସେମାନେ, ସେମାନଙ୍କ ମଧ୍ୟରୁ ଅନେକେ, କହିଲେ, "ହଁ, ମୁଁ ଏଥିପାଇଁ ଯାଇପାରେ।" ତେବେ, ବର୍ତ୍ତମାନ, ଯଦି ତାହା ଏକ ଚିହ୍ନ ଥିଲା, ତାହାହେଲେ ସେହି ଚିହ୍ନର ଏକ ସ୍ୱର ହେବା ଆବଶ୍ୟକ। ଏହା ପଛରେ ସ୍ୱର କଅଣ ଥିଲା? ଯେତେବେଳେ ସେ ନିଜର ମତ ସିଦ୍ଧାନ୍ତ ଶିଖାଇବା ଆରମ୍ଭ କରନ୍ତି ଏବଂ ସେମାନଙ୍କୁ ଘାସରେ ଥିବା ସାପର ଏକ ଦଳ ବୋଲି ଡାକନ୍ତି। ତେବେଠାରୁ ସେ ଆଉ

ଲୋକପ୍ରିୟ ହେଲେ ନାହିଁ, ଦେଖନ୍ତୁ, ଯେତେବେଳେ ସେହି ସ୍ୱର ଚିହ୍ନ ସହିତ ଆସିଲା । ଚିହ୍ନ ପ୍ରଥମେ ଗଲା ।

78 ମୋଶା ଏକ ଚିହ୍ନ ସହିତ ମିସରକୁ ଗଲେ । ଏବଂ ସେ ନିଜର ବାଡ଼ିକୁ ଫିଙ୍ଗିଦେଲେ, ତାହା ଏକ ସର୍ପରେ ପରିଣତ ହେଲା । ତାହା ଚିହ୍ନ ଥିଲା । କିନ୍ତୁ କିଛି ସମୟ ପରେ, ସ୍ୱର ସେହି ଚିହ୍ନ ସହିତ ଆସେ । ତା'ପରେ ଏହା ଭିନ୍ନ ହୋଇଗଲା । ଦେଖନ୍ତୁ, ସେମାନେ ତାହା ଚାହିଁ ନ ଥିଲେ । ସେହି—ସେହି ସ୍ୱର, ନିଶ୍ଚିତ ଭାବରେ, ଏକ ଚିହ୍ନକୁ ଅନୁସରଣ କରିବା କଥା । ଆଉ ଅନ୍ୟ କୌଣସି ସମୟରେ ଏହା କେବେ ଆସିପାରି ନ ଥାଆନ୍ତା ମାତ୍ର ସେହି ସମୟରେ, କାରଣ ଏହା ଶାସ୍ତ୍ରଗୁଡ଼ିକର ସଫଳ ହେବାର ସମୟ ଆସି ଯାଇଥିଲା । ଦେଖନ୍ତୁ ଯେ ଜଳୁଥିବା ବୁଦା ଭିତରେ, ସେ କଅଣ କହିଥିଲେ, "ମୁଁ ମୋର ଲୋକମାନଙ୍କର କ୍ରନ୍ଦନ ଦେଖିଅଛି ଏବଂ ତାହା ବିଷୟରେ ଶୁଣିଅଛି, ଏବଂ ମିସରର କ୍ରୀତଦାସ ସ୍ୱାମୀମାନଙ୍କ ଦ୍ୱାରା ଦିଆଯାଉଥିବା ସେମାନଙ୍କ ଉପରେ ଦୁଃଖଭୋଗକୁ ଦେଖିଅଛି, ଏବଂ ମୁଁ ମୋର ପ୍ରତିଜ୍ଞାକୁ ସ୍ମରଣ କରିଅଛି ଯାହା ମୁଁ ଅବ୍ରହାମଙ୍କ ସହିତ କରିଥିଲି ।" ଚାରି ଶହ ବର୍ଷ ସମାପ୍ତ ହୋଇଯାଇଥିଲା, ଏବଂ ସେ ଅବ୍ରହାମଙ୍କୁ କହିଥିଲେ ଯେ ସେମାନେ ସେଠାରେ ତଳେ ରହିବେ । ଦେଖନ୍ତୁ, ଅନ୍ୟ କୌଣସି ସମୟରେ ଏହା ହୋଇପାରେ ନାହିଁ । ମୋଶାଙ୍କୁ ଠିକ ସେହି ସମୟରେ ଆସିବାକୁ ଥିଲା ।

79 ପରମେଶ୍ୱରଙ୍କ ବଡ ଘଣ୍ଟା ସିଦ୍ଧଭାବେ ଚାଲେ । ଏହା ଗୋଟିଏ ମିନିଟ୍ ଦ୍ରୁତ କିମ୍ବା ଗୋଟିଏ ମିନିଟ୍ ବିଳମ୍ବ ହେବ ନାହିଁ । ଏହା ସମ୍ପୂର୍ଣ୍ଣ ଠିକ୍ ସମୟରେ ହିଁ ହେବ । ତେବେ, ତେଣୁକରି, ଆପଣ ଦେଖନ୍ତୁ, ସବୁକିଛି ଠିକ୍ ଭାବରେ ଚାଲିଥିଲା, ଅନ୍ୟ କୌଣସି ସମୟରେ ଆସିପାରି ନ ଥାଆନ୍ତା ।

80 ନା ଏହି ବିଷୟଗୁଡିକ ଅନ୍ୟ କୌଣସି ସମୟରେ ଆସିପାରି ଥାଆନ୍ତା । ଏହା ଲୁଥରଙ୍କ ଦିନରେ ଆସିପାରି ନ ଥାଆନ୍ତା । ୱେସଲିଙ୍କ ସମୟରେ ଏହା ଆସିପାରି ନ ଥାଆନ୍ତା । ବାପ୍ଟିଷ୍ଟ ବା ମେଥୋଡିଷ୍ଟମାନଙ୍କର ଦିନ, ସେମାନଙ୍କ ଦିନରେ, ଏହା ଆସିପାରି ନ ଥାଆନ୍ତା । ଏହାକୁ ତ ବର୍ତ୍ତମାନ ଆସିବାକୁ ଅଛି । ଇସ୍ରାଏଲକୁ ଏକ ରାଷ୍ଟ୍ର ହେବାକୁ ଅଛି । ମଣ୍ଡଳୀଗୁଡିକୁ ସେପରି ହେବାକୁ ଅଛି ଯେପରିକି ସେମାନେ ବର୍ତ୍ତମାନ ଅଛନ୍ତି । ସେଠାରେ ଏକ ତୃତୀୟ ବାର୍ତ୍ତା, ଏକ ତୃତୀୟ ମଣ୍ଡଳୀ ଯୁଗ ରହିବାକୁ ଥିଲା । ସେଠାରେ ଏକ ଲାଅଦିକୀଆ ରହିବାକୁ ଥିଲା । ଏହା ସେପର୍ଯ୍ୟନ୍ତ ଗଠନ ହୋଇପାରିଲା ନାହିଁ ଯେପର୍ଯ୍ୟନ୍ତକି ପେଣ୍ଟିକଷ୍ଟ ଆସି ସେମାନଙ୍କର ସମସ୍ତ ଧନକୁ ବ୍ୟୟ କଲା ନାହିଁ, ଏବଂ ବାହାରକୁ ଯାଇ ସଂଗଠିତ ହେଲା ନାହିଁ ଆଉ ତାହା କଲା ନାହିଁ ଯାହାକି ସେମାନେ କରିଥିଲେ । ତେବେ ଏହାକୁ ଆସିବାକୁ ହେବ, ତାହାପରେ ପ୍ରଭୁ ଆସିବେ, ଯେତେବେଳେ ସେମାନେ ତାହାଙ୍କୁ ମଣ୍ଡଳୀରୁ ବାହାର କରି ଦିଅନ୍ତି । ସେ ହେଉଛନ୍ତି ବାକ୍ୟ ।

81 ସେମାନେ ସେହି ବାକ୍ୟକୁ ଯେକୌଣସି ସ୍ଥାନରେ ଆହ୍ୱାନ କରିବାକୁ ଭୟ କରନ୍ତି । ସେମାନେ ଏହା ବିଷୟରେ ଅତିଶୟ ଭାବେ ଚୁପ୍ ରୁହନ୍ତି, କିନ୍ତୁ ତଥାପି ସେମାନେ ଏହା ବିଷୟରେ କୋଳାହଳ କରନ୍ତି ।

82 ଶିକାଗୋ, ଏଠାରେ ଅଧିକ ସମୟ ହୋଇନାହିଁ, ଯେତେବେଳେ ପ୍ରଭୁ ମୋତେ ଏକ ଦର୍ଶନ ଦେଇଥିଲେ । ମୋର ସେଠାରେ ତିନି ଶହ ସେବକ ଥିଲେ । ମୁଁ କହିଲି, "ତେବେ ମୁଁ ଜାଣେ ଯେ ଆପଣ କଅଣ..." ସର୍ପବଂଶ, ଏବଂ ଅନ୍ୟାନ୍ୟ ପ୍ରଭୃତି ବିଷୟରେ, ମୁଁ କହିଲି, "ଆପଣମାନଙ୍କ ମଧ୍ୟରୁ ଜଣେ କେହି ନିଜର ବାଇବଲ ନେଇ ଆସନ୍ତୁ ଏବଂ ମୋ ପାଖରେ ଛିଡ଼ା ହୋଇ ଏହାକୁ ଭୁଲ୍ ପ୍ରମାଣ କରନ୍ତୁ ।" ଆପଣ ଶୁଣିଥିବା ସବୁଠୁ ଶାନ୍ତ ସମୂହ ଥିଲା । ମୁଁ କହିଲି, "ତେବେ ମୋ' ପିଠିରୁ ଦୂରେଇ ରୁହନ୍ତୁ ।" ଦେଖନ୍ତୁ, ଏହା ସେମାନଙ୍କ ଚିନ୍ତାଧାରାର ବାହାରେ ଅଟେ ।

83 ତଥାପି, ସେମାନେ କୁହନ୍ତି, "ଭାଇ ବ୍ରାନହାମ୍ ଜଣେ ଭବିଷ୍ୟଦ୍‌ବକ୍ତା ଅଟନ୍ତି ଯେତେବେଳେ ସେ ଅଭିଷିକ୍ତ ହୋଇଥାଆନ୍ତି, ମାତ୍ର ଯେତେବେଳେ ଅଭିଷେକ ତାଙ୍କଠାରୁ ଦୂରେଇ ଯାଏ, ଓଃ, ମୁଁ ଜାଣେ ନାହିଁ ।" କି ଏକ...ଯଦି ତାହା ଜଣେ—ଜଣେ—ଜଣେ—ଜଣେ ମିଶ୍ରି-ତ ଈଶ୍ୱରତତ୍ତ୍ୱବିତ୍‌ର ଚିହ୍ନ ନୁହେଁ କି! ଠିକ ସେହି...

84 *ଭବିଷ୍ୟଦ୍‌ବକ୍ତା* ଶବ୍ଦର ଅର୍ଥ ହେଉଛି "ବାକ୍ୟର ଏକ ଦିବ୍ୟ ପ୍ରକାଶକ ।" ପ୍ରଭୁଙ୍କର ବାକ୍ୟ ଭବିଷ୍ୟଦ୍‌ବକ୍ତାମାନଙ୍କ ନିକଟକୁ ଆସେ । ଏହିପରି ଭାବରେ ତ ଯୀଶୁ ଚିହ୍ନଟ କରାଯାଇଥିଲେ । ପୁଣି ପୁନରୁତ୍ଥାନ ପରେ ସେମାନେ କହିଥିଲେ, ସେମାନେ କହିଲେ, "ଆମେ ଜାଣୁ ଯେ ସେ ପରମେଶ୍ୱରଙ୍କ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ," ଦେଖନ୍ତୁ, "କୌଣସି ମନୁଷ୍ୟ ଏହିସବୁ କରିପାରେ ନାହିଁ ଯେପର୍ଯ୍ୟନ୍ତକି ପରମେଶ୍ୱର ତାହା ସହିତରେ ନ ଥାଆନ୍ତି," ତା'ପରେ ତାହାଙ୍କର ବାର୍ତ୍ତାକୁ ଗ୍ରହଣ କରନ୍ତି ନାହିଁ । ସେମାନେ ଯୋହନଙ୍କୁ ଗ୍ରହଣ କଲେ ନାହିଁ, ଏବଂ ସେ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ । ଏଲିୟଙ୍କୁ ଗ୍ରହଣ କଲେ ନାହିଁ, ସେମାନଙ୍କ ମଧ୍ୟରୁ କାହାରିକୁ କଲେ ନାହିଁ, ଆଉ ସେମାନଙ୍କ ପାଖରେ ଦିବ୍ୟ ପ୍ରକାଶନ ରହିଥିଲା ।

85 ସେହି ଶବ୍ଦ, ଇଂରାଜୀ ଶବ୍ଦ, *ଭବିଷ୍ୟଦ୍‌ବକ୍ତା*, ଇଂରାଜୀ ଶବ୍ଦଗୁଡ଼ିକର ଯେକୌଣସି ଅର୍ଥ ହୋଇପାରେ, ଏହାର ଅର୍ଥ ହେଉଛି "ଜଣେ ପ୍ରଚାରକ ।" ମାତ୍ର ଯେତେବେଳେ ଆପଣ ପୁରାତନ ବାଇବଲର, *ଭବିଷ୍ୟଦ୍‌ବକ୍ତା* କୁହନ୍ତି, ଏହାର ଅର୍ଥ ହୁଏ "ଜଣେ ଦର୍ଶୀ ।" ଏବଂ ତାଙ୍କର ପ୍ରମାଣପତ୍ର ହେଲା, ଯେ, ସେ ଯାହା କହୁଥିଲେ ତାହା ସଫଳ ହେଉଥିଲା, ଆଉ ତାହା ଏକ ଚିହ୍ନ ଥିଲା ଯେ ସେ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ; ସେ ଆହୁରି ମଧ୍ୟ ସେହି ଚିହ୍ନ ଥିଲେ ଯେ ତାଙ୍କ ପାଖରେ ଲିଖିତ ବାକ୍ୟର ଦିବ୍ୟ ପ୍ରକାଶନ ରହିଥିଲା । ଏବଂ ତାହାପରେ ପରମେଶ୍ୱର, ତାହାର ପଛରେ ଏହାକୁ ସୁନିଶ୍ଚିତ କରୁଥିଲେ, ଏହାକୁ ପ୍ରମାଣ କରୁଥିଲେ ।

86 କିପରି? ତେବେ, ଏହାକୁ କେବଳ ଏହିପରି ଭାବରେ ହିଁ ହେବା ଆବଶ୍ୟକ ଥିଲା, ତାହା ହିଁ ସବୁକିଛି ଅଟେ । ଏହା ଛଡା ଅନ୍ୟ କୌଣସି ଉପାୟ ନାହିଁ । ପରମେଶ୍ୱର କହିଥିଲେ ଯେ ଏହା ସେହିପରି ହେବ, ଏବଂ ଆପଣ ସେଠାରେ ଅଛନ୍ତି । କିନ୍ତୁ ଆଜି ତାହା ସେଠାରେ ଅଛି, ଦେଖନ୍ତୁ, ସେହି ଚିହ୍ନକୁ ତ ସେଠାରେ ରହିବାକୁ ଅଛି, ଯାହାକି ସେହି ବାକ୍ୟକୁ ଚିହ୍ନଟ କରେ ଏବଂ ଏହାକୁ ଅବିକଳ ଭାବେ ଠିକ୍ ପ୍ରତିପାଦିତ କରେ । ତା'ପରେ ସେ କିପରି ପ୍ରତିଜ୍ଞା କରିଥିଲେ, କିପରି

ଭାବରେ ସେ ତାହାଙ୍କର ସମସ୍ତ ପ୍ରତିଜ୍ଞାତ-ଦେଶ ଲୋକମାନଙ୍କୁ ପ୍ରସ୍ତୁତ କରିଥିଲେ, ତେବେ, ଯେତେବେଳେ ସେ ଏହି ପ୍ରସ୍ଥାନ କରିବାକୁ ଯାଉଥିଲେ, ଯାହାକି ଏକ ପ୍ରତିରୂପ ଥିଲା।

87 ତେବେ ମୁଁ ବାର୍ତ୍ତା ସହିତରେ, ପ୍ରାୟଃ ଆଉ ପନ୍ଦର, କୋଡ଼ିଏ ମିନିଟରେ ବାହାରି ଯିବାକୁ ଚେଷ୍ଟା କରୁଛି। ବର୍ତ୍ତମାନ ଧ୍ୟାନ ଦେଇ ଶୁଣନ୍ତୁ, ମୁଁ ଚାହେଁ ଯେ ଆପଣ ଏହାକୁ ବୁଝନ୍ତୁ, କାରଣ ହୁଏତ ମୁଁ ଆଉ ଆପଣମାନଙ୍କୁ ଦେଖି ନ ପାରେ, ବୁଝିଲେ।

ଧ୍ୟାନ ଦିଅନ୍ତୁ, ବର୍ତ୍ତମାନ ଦେଖନ୍ତୁ ଯେ ସେ କିପରି ନିଜର ଲୋକମାନଙ୍କୁ ପ୍ରସ୍ତୁତ କରିଥିଲେ।

88 କେତେଜଣ ଜାଣନ୍ତି ଯେ ସେ ନିଜର ମାର୍ଗସକଳ କଦାପି ପରିବର୍ତ୍ତନ କରନ୍ତି ନାହିଁ? ସେ କଦାପି କରନ୍ତି ନାହିଁ। [ମଣ୍ଡଳୀ କୁହନ୍ତି, "ଆମେନ୍।"—ଅନୁ।] ସେ...ତେବେ ବାଇବଲ ଦେଇ ଅନାନ୍ତୁ ଏବଂ ଦେଖନ୍ତୁ ଯେ ସେ କେବେ ଏହାକୁ ପରିବର୍ତ୍ତନ କରିଛନ୍ତି କି। ନା, ଆଜ୍ଞା।

89 ସେ ଲୋକମାନଙ୍କୁ କିପରି ପ୍ରସ୍ତୁତ କଲେ? ପ୍ରଥମେ, ସେ ଏକ ଚିହ୍ନ ସହିତ ଜଣେ ଭବିଷ୍ୟଦ୍‌ବକ୍ତାଙ୍କୁ ପଠାଇଲେ, ଯିଏକି ମୋଶା ଥିଲେ। କଅଣ ଏହା ଠିକ୍ କି? [ମଣ୍ଡଳୀ କୁହନ୍ତି, "ଆମେନ୍।"—ଅନୁ।] ଏବଂ ସେହି ଚିହ୍ନ ସହିତରେ ଏକ ବାର୍ତ୍ତା ଥିଲା, ବାର୍ତ୍ତାଟି ହେଲା "ପ୍ରସ୍ତୁତ ହୁଅ," ସେମାନେ ସେହି ଦେଶକୁ ଯାଉଥିଲେ ଯାହାକି ପ୍ରତିଜ୍ଞା କରା ଯାଇଥିଲା। ତା'ପରେ ତାଙ୍କର ପରିଚୟ ଥିଲା, ଏହି ଭବିଷ୍ୟଦ୍‌ବକ୍ତାଙ୍କର, ଯେ ତାଙ୍କ ଉପରେ ଏକ ଆଲୋକ ଥିଲା। ଏକ ଅଗ୍ନିସ୍ତମ୍ଭ ଏହି ଭବିଷ୍ୟଦ୍‌ବକ୍ତାଙ୍କୁ ଅନୁସରଣ କରିଥିଲା, ଆମେ ତାହା ଜାଣୁ, ମୋଶାଙ୍କ ସହିତରେ ପ୍ରାନ୍ତର ଦେଇ ଗଲା। ଆମେ ତାହା ଅନୁଭବ କରୁ। ଏବଂ ତା'ପରେ ସେ ସେମାନଙ୍କୁ ଆଶ୍ୱାସନ ନିମନ୍ତେ ଏକ ଚିହ୍ନ ଦେଇଥିଲେ ଯେପରିକି ସେମାନଙ୍କୁ ଭୟଭୀତ ହେବାକୁ ନ ପଡ଼େ, ସର୍ବତ୍ର ବିବ୍ରତ ଏବଂ ଅଧୀର ହେବାକୁ ନ ପଡ଼େ; ଯେଉଁଠାରେ ସେ କହିଥିଲେ, "ଯେତେବେଳେ ମୁଁ ସେହି ଚିହ୍ନକୁ ଦେଖିବି, ମୁଁ ଛାଡ଼ି ଆଗକୁ ଚାଲିଯିବି।"

90 ଦେଖନ୍ତୁ ଯେ ବର୍ତ୍ତମାନ ସେ କିପରି କଲେ। ସେ ପ୍ରଥମେ ପ୍ରସ୍ତୁତ କଲେ ଏକ ଚିହ୍ନକୁ, ତା'ପରେ ଏକ ବାର୍ତ୍ତାବହକୁ, ତତ୍ପରେ ଚିହ୍ନିତ ବାର୍ତ୍ତାକୁ, ପୁଣି ବାର୍ତ୍ତାବହର ପରିଚୟକୁ, ଏବଂ ଏକ ଚିହ୍ନକୁ ସେହି ଆଶ୍ୱାସନ ନିମନ୍ତେ ଯେ ମାର୍ଗର ମୂଲ୍ୟ ପ୍ରଦାନ କରା ଯାଇଅଛି। ସେମାନେ ପ୍ରତିଜ୍ଞାତ ଦେଶ ଅଭିମୁଖେ ଯାଉଥିଲେ।

91 ସେହି ସମାନ ବିଷୟକୁ ସେ ଆଜି କରିଛନ୍ତି! ସେ କଅଣ କଲେ? ସେ ଆମ ପାଇଁ ପବିତ୍ରଆତ୍ମାକୁ ପଠାଇଲେ। ପବିତ୍ରଆତ୍ମା ହେଉଛନ୍ତି ବାର୍ତ୍ତାବହ, ଏବଂ ତାହାଙ୍କର ଶାସ୍ତ୍ରସମ୍ବନ୍ଧିୟ ପରିଚୟ ତାହାଙ୍କୁ ଆମ ମଧ୍ୟରେ ପରିଚିତ କରାଏ, ଯେ ସେ ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି। ଏବଂ ସେହି ଚିହ୍ନ ହେଉଛି ଆଶ୍ୱାସନ। ଆମେ କେଉଁ ବିଷୟ ନେଇ ଭୟଭୀତ ଅଟୁ? ଆମର ଭଡା ପୂର୍ବରୁ ପ୍ରଦାନ କରାଯାଇଅଛି ଏବଂ ଆମେ ଆମର ବଳିଦାନ ସହିତ ଚିହ୍ନିତ ଅଟୁ। ସେ ଆପଣଙ୍କୁ ପ୍ରତ୍ୟାଖ୍ୟାନ କରିପାରନ୍ତି ନାହିଁ। ସେ ତାହା ପ୍ରତିଜ୍ଞା କରିଥିଲେ। ଆମେ ଚିହ୍ନିତ ଅଟୁ।

92 ଇସ୍ରାଏଲ ମିସରରୁ ବାହାରିବା, ଯେପରି ମୁଁ କହିଲି, ତାହା ଏପରି ଅଟେ ଯେପରିକି ସେହି—ସେହି କନ୍ୟା ମଣ୍ଡଳୀରୁ ବାହାରି ଆସୁଛି। ଯେତେବେଳେ ମୋଶା ତାଙ୍କର ସେବାକାର୍ଯ୍ୟ ଆରମ୍ଭ କଲେ, ଇସ୍ରାଏଲ ସମସ୍ତେ ଗୋଶନରେ ଏକତ୍ରିତ ହେଲେ, ପ୍ରାର୍ଥନା ଓ ଉପାସନା ନିମନ୍ତେ, ଅବିକଳ ଭାବେ, ମିସରର ସମସ୍ତ ସ୍ଥାନରୁ ଆସିଥିଲେ। ଠିକ ସେହିଭଳି କନ୍ୟା କରିବ, ଏହା ଏକତ୍ୱବାଦ, ଦୁଇ ଈଶ୍ୱରବାଦ, ତ୍ରିତ୍ୱବାଦ ଏବଂ ଅନ୍ୟ ସମସ୍ତ ପ୍ରକାରରୁ ବାହାରି ଆସିବ। ଏହା ବାହାରି ଆସିବ। ଏହାକୁ ଆସିବାକୁ ହିଁ ଅଛି। ତେବେ ଆମେ ଏଠାରେ ଏବ୍ରୀରେ ପାଠ କରୁ...ଆମେ ବର୍ତ୍ତମାନ, ପ୍ରଥମ କଥା ଯାହା ବିଷୟରେ ଆମେ ଚିନ୍ତା କରିବା ଉଚିତ୍, ସମସ୍ତ ସ୍ଥାନରୁ ଆସିବା, "ଅବିଶ୍ୱାସ ମଧ୍ୟରୁ ବାହାରି ଆସ।" ତେବେ ପବିତ୍ରଆତ୍ମା ଏହାକୁ ଶେଷ ଦିନରେ ଡାକିବାକୁ ପ୍ରତିଜ୍ଞା କରିଥିଲେ, "ଅବିଶ୍ୱାସୀମାନଙ୍କ ମଧ୍ୟରୁ ବାହାରି ଆସ।" ଧ୍ୟାନ ଦିଅନ୍ତୁ।

93 ଆମେ ଏବ୍ରୀ 10:26 ରେ ପାଉ, ମୁଁ ଏଠାରେ ଲେଖିଅଛି, ତାହା ଏହା କୁହେ, "ଆମେ ସତ୍ୟର ଜ୍ଞାନ ଲାଭ କରିସାରିବା ପରେ ଯଦି ଜାଣିଶୁଣି ପାପ କରୁ, ତେବେ ପାପ ପାଇଁ ଆଉ କୌଣସି ବଳିଦାନ ବାକି ନାହିଁ," ଦେଖନ୍ତୁ, ଯଦି ଆପଣ ଜାଣିଶୁଣି ଅବିଶ୍ୱାସ କରନ୍ତି।

94 ତେବେ ଯଦି ଆପଣ ଧ୍ୟାନ ଦେବେ, ଯାହା ମୁଁ ଏଠାରେ କହିପାରେ, ଯଦି ଆପଣ ମୋତେ ଗୋଟିଏ କ୍ଷଣ ଦେବେ ଯେପର୍ଯ୍ୟନ୍ତକି ମୁଁ ସେହି ଦୃଷ୍ଟାନ୍ତ ପ୍ରସ୍ତୁତ କରେ। ମୁଁ ଆତ୍ମାରେ ଅନୁଭବ କରିପାରିଲି, ଯେ ଠିକ୍ ଭାବରେ ହେଲା ନାହିଁ। ବୁଝିଲେ? ଧ୍ୟାନ ଦିଅନ୍ତୁ।

95 ଏଠାରେ ଏବ୍ରୀ ପୁସ୍ତକରେ ଅଛି, ସେମାନେ ନିଜର ମାର୍ଗରେ ଯାଉଛନ୍ତି। ପରମେଶ୍ୱର ବାର ଜଣଙ୍କୁ ବାଛିଲେ, କିମ୍ବା ମୋଶା ବାଛିଲେ, ପରମେଶ୍ୱରଙ୍କ ହସ୍ତ ଦ୍ୱାରା, ଯେ ଦେଶକୁ ଯାଆନ୍ତି ଓ ଗୁପ୍ତଚର କାର୍ଯ୍ୟ କରନ୍ତି; ଏବଂ ଫେରି ଆସନ୍ତି, ସେହି ଦେଶର ଏକ ଚିହ୍ନ ଆଣନ୍ତି। ଆଉ ଯେତେବେଳେ ସେଠାରେ ପହଞ୍ଚିଲେ, ସେମାନଙ୍କ ମଧ୍ୟରୁ ଦଶ ଜଣ ମୃତ୍ୟୁକୁ ଡରି ଯାଇଥିଲେ। "କାହିଁକି," ସେମାନେ କହିଲେ, "ସେଠାରେ ଥିବା ସେହି ଅମାଲେକୀୟମାନେ, ଆମେ ତ ସେମାନଙ୍କ ସମ୍ମୁଖରେ ଫଡିଙ୍ଗ ପରି ଦେଖାଯାଉ।" ଯିହୋଶୂୟ ଏବଂ କାଲେବ ପ୍ରମାଣ ନେଇ କରି, ଫେରି ଆସିଲେ, "ଆମେ ଏହା କରିପାରୁ!"

96 ଆପଣ ଦେଖନ୍ତୁ, ସେମାନେ ସୀମାରେଖୀୟ ବିଶ୍ୱାସୀମାନେ ଅଟନ୍ତି। ସେମାନେ ଏହି ଭିନ୍ନ ଉପାଦାନଗୁଡ଼ିକ ଦେଇ ଆସନ୍ତି, ଏବଂ ମଣ୍ଡଳୀ ଦେଇ ଆସନ୍ତି, ଓ ମଣ୍ଡଳୀରେ ଯୋଗ ଦିଅନ୍ତି, ଆଉ ବାପ୍ତିସ୍ମମାନ ଓ ରୂପଗୁଡିକ କରନ୍ତି। ମାତ୍ର ଯେତେବେଳେ ଏହା ଠିକ ନଦୀ ପାର କରି ସେହି ଚିହ୍ନକୁ ପାଇବା ବିଷୟ ଆସେ, ସେହି ପ୍ରମାଣ ଯେ ସେହି ଭୂମି ସେଠାରେ ଅଛି, ସେହି ଜୀବନ...ଯୀଶୁ ଖ୍ରୀଷ୍ଟ ମରି ନାହାଁନ୍ତି। ଏହା ଅନ୍ୟ ଏକ ପରିସର ଅଟେ। ସେ ସେଥିରେ ରୁହନ୍ତି। ସେ ଆମ ସହିତରେ ଅଛନ୍ତି, ସେ ବର୍ତ୍ତମାନ ଆମ ଭିତରେ ଅଛନ୍ତି। ଯେତେବେଳେ ଏହା ସେହି ବିଷୟକୁ ଆସେ, "ଅଃ," ସେମାନେ ତାହା ବିଶ୍ୱାସ କରିପାରିଲେ ନାହିଁ। ତାହା ବହୁତ ଅଧିକ ଥିଲା, ଆପଣ ଦେଖନ୍ତୁ। ଏବଂ ସେମାନେ ଫେରି ଆସିଲେ, ଏବଂ ସେମାନେ,

ପ୍ରତ୍ୟେକ ଜଣ, ପ୍ରାନ୍ତରରେ ମୃତ୍ୟୁବରଣ କଲେ, ସେମାନଙ୍କ ମଧ୍ୟରୁ କେହି ଜଣେ ହେଲେ ମଧ୍ୟ ଆରପାରିକୁ ଗଲେ ନାହିଁ। ଏବଂ, ଦେଖନ୍ତୁ, ଯଦି ଆମେମାନେ ଅବିଶ୍ୱାସ କରିବା, ଆମେ ମେଥୋଡିଷ୍ଟ, ବାପ୍ଟିଷ୍ଟ, ପ୍ରେସବିଟେରିଆନ୍!

97 ମୁଁ ଆଶା କରେ ମୋର ପୁରୁଣା ଶିକ୍ଷକ ଆଜି ଏଠାରେ ବସିଛନ୍ତି। ଡାକ୍ତର ରଏ ଇ. ଡେଭିସ୍, ଆପଣମାନଙ୍କ ମଧ୍ୟରୁ ଅନେକେ ତାଙ୍କୁ ଜାଣନ୍ତି, ଠିକ ଏଠାରେ ଫୋର୍ଟ ୱର୍ଥରେ, ସେ ବୋଧହୁଏ ଏଠାରେ ବସିଛନ୍ତି। ମୋର ମନେ ଅଛି ଅନେକ, ଅନେକ ବର୍ଷ ପୂର୍ବେ, ଆମେ ଏହି ବିଷୟଗୁଡ଼ିକ ସମ୍ବନ୍ଧରେ ଆଲୋଚନା କରିଥିଲୁ। ସେ ମୋତେ ବିଶ୍ୱାସରେ ବାପ୍ତିସ୍ମ ଦେଇଥିଲେ, ଏକ ମିଶନାରୀ ବାପ୍ଟିଷ୍ଟ ଗୀର୍ଜାରେ।

98 ଏବଂ ଦେଖନ୍ତୁ, ଏଠାରେ, ବର୍ତ୍ତମାନ, ଯଦି ଆମେ...ଯଦି—ଯଦି ଆମେ ସେହି ସୀମାରେଖାକୁ ଆସିବା, କହିବା, "ଠିକ୍ ଅଛି ତେବେ, ପରମେଶ୍ୱରଙ୍କର ଗୌରବ ହେଉ, ମୁଁ ପରଭାଷାରେ କହିଲି, ହାଲ୍ଲେଲୁୟା!" ଏହା ତାହା ନୁହେଁ। ଯଦି ଆପଣ ଏହା କହିପାରିବେ, ସେହି ବାକ୍ୟରୁ କୌଣସିଟିକୁ ଅବିଶ୍ୱାସ କରନ୍ତୁ, ତାହାହେଲେ ଆପଣଙ୍କ ଅନୁଭୂତିରେ କିଛି ଗୋଟାଏ ଭୁଲ୍ ଅଛି। ବୁଝିଲେ?

99 ଆପଣ ଠିକ୍ ସେହି ଦେଶକୁ ଆସନ୍ତି ଏବଂ ଦେଖନ୍ତି ଯେ ତାହା ସେଠାରେ ଅଛି। ଆପଣ ଦେଖନ୍ତି ଯେ ଯୀଶୁ ଉତ୍ଥିତ ହୋଇଛନ୍ତି। ସେ ଆମ ମଧ୍ୟରେ ଅଛନ୍ତି। ଆପଣ ସେହି ବାକ୍ୟକୁ ଶୁଣନ୍ତି ଯାହା ସେହି ବାର୍ତ୍ତାର ଅନୁବର୍ତ୍ତୀ ହୁଏ, ଏବଂ ତଥାପି ଏହାକୁ ବିଶ୍ୱାସ କରନ୍ତି ନାହିଁ, କଅଣ ଆପଣ ଜାଣନ୍ତି ଯେ କଅଣ ଘଟିତ ହୁଏ? ତେବେ ସେମାନେ ଠିକ ସେହି ପ୍ରାନ୍ତରରେ ମରିଗଲେ। "ଆମେ ସତ୍ୟର ଜ୍ଞାନ ଲାଭ କରିସାରିବା ପରେ ଯଦି ଜାଣିଶୁଣି ପାପ କରୁ, ତେବେ ପାପ ପାଇଁ ଆଉ କୌଣସି ବଳିଦାନ ବାକି ନ ଥାଏ।" ତାହାହିଁ ଅଟେ ଯାହାକି ଏବ୍ରୀ ପୁସ୍ତକ ଆମକୁ ବ୍ୟକ୍ତ କରେ।

100 ଏବଂ ବର୍ତ୍ତମାନ ଦେଖନ୍ତୁ, ଯେତେବେଳେ ଆମେ ପୃଥିବୀରେ ସେହି ମହାନ ଶେଷ-ସମୟର ଚିହ୍ନଗୁଡିକୁ ଦେଖୁ, ଯାହା ସେ ପ୍ରତିଜ୍ଞା କରିଥିଲେ, ତେବେ ଏହା କେତେ ଅଧିକ ଆମକୁ ଚେତାବନୀ ଦିଏ ଯେ ସମୟ ସନ୍ନିକଟ ଅଟେ। ଅବିଶ୍ୱାସ କରିବା ଛାଡିଦିଅନ୍ତୁ। ଏକତ୍ର ଆସିଯାଆନ୍ତୁ। ଆମେ ପରସ୍ପରକୁ ପ୍ରେମ କରିବା ଏବଂ ବିଶ୍ୱାସ କରିବା ଉଚିତ୍, ଆଉ ନିଜକୁ ଜଗତରୁ ପୃଥକ କରିବା ଉଚିତ୍।

101 ଧ୍ୟାନ ଦିଅନ୍ତୁ, ସେମାନଙ୍କୁ କେବଳ ଏକାଠି ଆସି ସେହି ବାର୍ତ୍ତା ବିଷୟରେ କଥାବାର୍ତ୍ତା କରିବାର ନ ଥିଲା। ସେମାନଙ୍କୁ ତ ଏଥିରେ ପ୍ରବେଶ କରିବାର ଥିଲା, ରକ୍ତ ତଳେ ଆସିଯିବାର ଥିଲା। ଏପରି ନୁହେଁ ଯେ ଆସି କହିବେ, "ଆପଣ ଜାଣନ୍ତି, ମୋଶା ଆମକୁ କହିଥିଲେ, ସେହି ବାର୍ତ୍ତାବହ, ସେ କହିଥିଲେ, ସେ ଆମକୁ କହିଥିଲେ ଯେ ଆମର ରକ୍ତ ରହିବା ଉଚିତ୍। ପିଲାମାନେ, ତୁମେ ଏହା ବିଷୟରେ କଅଣ ଭାବୁଛ?" ଏହା ତାହା ନ ଥିଲା। ମେଷଶାବକକୁ ହତ୍ୟା କର ଏବଂ ସେଠାରେ ଉପରେ ରକ୍ତ ଲଗାଅ!

102 ଆମେମାନେ ଆସିପାରୁ ଏବଂ ବସିପାରୁ ଓ ବାକ୍ୟ ସହିତ ସହମତ ହୋଇପାରୁ, ଏବଂ ସମସ୍ତ କିଛି କରିପାରୁ, କିନ୍ତୁ ସେହି ଚିହ୍ନକୁ ନ ରଖୁ, ତେବେ ଏହା ଆମର କଅଣ ଭଲ କରେ? କିଛି ଭଲ ନୁହେଁ । ଏହାର ତଳକୁ ଆସିଯାଆନ୍ତୁ । ସେହି ରକ୍ତ ତଳେ ନ ଥିବା କାହାରି ପାଇଁ ସେ ଦାୟୀ ନ ଥିଲେ । ଏବଂ ଆଜି, ସେହି ଚିହ୍ନ ତଳୁ ବାହାରି ଯାଇଥିବା, କୌଣସି ବ୍ୟକ୍ତି ପାଇଁ ପାଇଁ ସେ ଦାୟୀ ନୁହଁନ୍ତି ।

103 ସମଗ୍ର ପରିବାରଟି, କେବଳ ସେତେବେଳେ ସୁରକ୍ଷିତ ଥିଲେ ଯେତେବେଳେ ସେମାନେ ସେହି ଚିହ୍ନ ତଳେ ଥିଲେ, ଏବଂ ସେହି ଚିହ୍ନଟି ପ୍ରଦର୍ଶିତ ହୋଇଥିଲା । ସମଗ୍ର ପରିବାରଟି! କଅଣ ଆପଣ ତାହା ବିଶ୍ୱାସ କରନ୍ତି? [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ଅନୁ ।] ଆଜି ଆମେ ତାହା ମନେ ରଖିବା ଉଚିତ୍, ଲୋକମାନେ । ଆମର ପିଲାମାନେ!

104 ଆଉ ନିର୍ବୋଧ ଏବଂ ରକ୍-ଏଣ୍ଡ-ରୋଲ୍ ର ଏହି କିଶୋର-ଅବସ୍ଥା, ଓ ସେହି ବିଷୟମାନ ଯାହା ଦେଇ ଆମେ ଗତି କରୁଅଛୁ, ଏବଂ ଏହିସବୁ ଏଠାରେ ବିଟଲ୍ସ ଓ ପୋକମାନେ, ଆଉ କଅଣ ଆପଣ ଜାଣନ୍ତି କି ସମସ୍ତ କିଛି ଏଠାରେ ବାଇବଲର, ପୁସ୍ତକରେ ଉପସ୍ଥାପିତ ହୋଇଛି? ଏହା ପ୍ରକାଶିତ ବାକ୍ୟରେ ତାହା କୁହେ । ନିଶ୍ଚିତ ଭାବରେ, ଏହା କରେ । ଲୋକମାନେ କିପରି, ସେମାନେ, ସେମାନେ—ସେମାନେ ଅଛନ୍ତି...ସେମାନେ, ସେମାନେ, ଦେଖନ୍ତୁ, ସେମାନେ ନୁହଁନ୍ତି...ସେମାନେ ମୃତ ଅଟନ୍ତି । ସେମାନେ ଉଠିପାରନ୍ତି ନାହିଁ । ସେମାନେ କଦାପି ଅନନ୍ତ ନ ଥିଲେ । ଏପରିକି ସେମାନେ ଚିନ୍ତାଧାରାରେ ମଧ୍ୟ ନ ଥିଲେ, ତେଣୁ ସେମାନେ ବିନଷ୍ଟ ହେବେ । ସେମାନେ ସବୁଦିନ ପାଇଁ କରାଯିବେ, ସମ୍ପୂର୍ଣ୍ଣଭାବେ ବିନଷ୍ଟ ହେବେ । ସେମାନେ ଯାହା କରିଛନ୍ତି, ସେଥିପାଇଁ ସେମାନେ ଅନେକ ଅନେକ ବର୍ଷ ଧରି ଦଣ୍ଡିତ କରାଯିବେ, ମାତ୍ର ଯେକୌଣସି ବିଷୟ ଯାହାର ଏକ ଆରମ୍ଭ ରହିଥିଲା ତାହାର ଏକ ଶେଷ ରହିଛି ।

105 ଏହା ତ ତାହା ଅଟେ ଯାହାର କୌଣସି ଆରମ୍ଭ ନାହିଁ, କୌଣସି ଶେଷ ନାହିଁ । ଅନନ୍ତ ଜୀବନର କେବଳ ଗୋଟିଏ ରୂପ ଅଛି । ଅନନ୍ତ ଜୀବନର ଗୋଟିଏ ରୂପ ଅଛି, ଆମେ ତାହା ପାଇଁ ଚେଷ୍ଟା କରୁ । ଧ୍ୟାନ ଦିଅନ୍ତୁ ।

106 ଯିହୋଶୂୟ, ଯିହୋଶୂୟଙ୍କର 2ୟ ପର୍ବ, ସେହି ବିଶ୍ୱାସ କରୁଥିବା ବିଜାତି ବେଶ୍ୟା ଶୁଣିଥିଲା, ଏବଂ ତା'ର ପରିବାର ଶୁଣିଥିଲେ, ଆଉ ସେମାନଙ୍କୁ ରକ୍ତବର୍ଣ୍ଣ ଡୋରୀ ତଳେ ନେଇକରି ଆସିଥିଲେ, ଯାହାକି ଯିହୋଶୂୟଙ୍କ ବାର୍ତ୍ତାବହମାନଙ୍କଠାରୁ ଏକ ଚିହ୍ନ ଥିଲା । ପରମେଶ୍ୱରଙ୍କ ସଂହାରକ ଦୂତ ସେହି ଚିହ୍ନକୁ, ଏବଂ କେବଳ ତାହାକୁ, ସେହି ନଗରରେ ସମ୍ମାନିତ କରିଥିଲେ । ତାହା ପରମେଶ୍ୱରଙ୍କର, ନିଜର ସେବକମାନଙ୍କଠୁଁ ଆବଶ୍ୟକତା ଥିଲା, ଯେ ପରମେଶ୍ୱର ଏହି ଚିହ୍ନ ଆବଶ୍ୟକ କରିଥିଲେ, ଏବଂ ତାହା ହିଁ କେବଳ ଥିଲା । ମୋର ଏଥିରେ କିଛି ଫରକ୍ ପଡ଼େ ନାହିଁ ଯେ ଏହା ନଗରର ମେୟର ଥିଲେ, ଯଦି ଏହା ନଗରର ସବୁଠାରୁ ପବିତ୍ର ବ୍ୟକ୍ତି ଥିଲେ, ଯଦି ସେମାନେ ନଗରର ସବୁଠାରୁ ବଡ ମଣ୍ଡଳୀକୁ ଯାଆନ୍ତି,

ସେହି ନଗରରେ ସବୁକିଛି ଧ୍ୱଂଶ ହୋଇଗଲା ମାତ୍ର ସେହି ଘର ରହିଲା । ପରମେଶ୍ୱର, ଏକାକୀ, ସେହି ଚିହ୍ନକୁ ସମ୍ମାନିତ କଲେ ।

107 ଧ୍ୟାନ ଦିଅନ୍ତୁ, ଯିରୀହୋ ଶୁଣିଥିଲା ଯେ ପରମେଶ୍ୱର ମହାନ କାର୍ଯ୍ୟଗୁଡିକୁ କରୁଥିଲେ, ମାତ୍ର ସେମାନେ ଚେତାବନୀକୁ ଧ୍ୟାନ ସହକାରେ ଶୁଣିଲେ ନାହିଁ ।

108 ଠିକ ସେହିପରି ଆଜି ଲୋକମାନେ ଶୁଣୁଛନ୍ତି ଯାହା ପରମେଶ୍ୱର ଗତ କେତେକ ବର୍ଷ ଧରି କରି ଆସୁଛନ୍ତି, ମାତ୍ର ସେମାନେ ଏଥିପ୍ରତି ଧ୍ୟାନ ଦିଅନ୍ତି ନାହିଁ । ଅନୁଗ୍ରହ ଏବଂ ଚିହ୍ନମାନର ଏହି ମହାନ ସାମର୍ଥ୍ୟ, ଯେପରି ସେ ପ୍ରତିଜ୍ଞା କରିଥିଲେ, "ସଦୋମର ଦିନମାନଙ୍କରେ ଯେପରି ଥିଲା, ତାହା ଠିକ ସେହିପରି ହେବ ।" କିପରି ସେ ପ୍ରତିଜ୍ଞା କରିଥିଲେ ଯେ ସେହି ବିଷୟଟି ହେବ! ଦେଖନ୍ତୁ ଯେ ସଦୋମରେ କଅଣ ଘଟିଥିଲା । ମନେରଖନ୍ତୁ, ସେଠାରେ ସଦୋମର ସେହି ଚିହ୍ନ ଥିଲା । କିନ୍ତୁ ମଲାଖି 4 ର, ସେହି ବାର୍ତ୍ତାବହ, ର କାମ ହେଉଛି "ଲୋକମାନଙ୍କ ହୃଦୟକୁ ପିତାଙ୍କ ନିକଟକୁ ଫେରାଇବା, ପେଣ୍ଟିକଷ୍ଟାଲ୍ ପିତାମାନଙ୍କ ନିକଟକୁ, ବାଇବଲ ନିକଟକୁ ଫେରାଇବା ।" ଆଉ ଅଧିକ କିଛି ବାଇବଲ, ଅନ୍ୟ କିଛି ହୋଇପାରେ ନାହିଁ । ଏହାହିଁ ହେଉଛି ପରମେଶ୍ୱରଙ୍କ ସମ୍ପୂର୍ଣ୍ଣ ପ୍ରକାଶନ ।

109 ଆଉ କେହିଜଣେ କୁହନ୍ତି, "ତେବେ, ମୁଁ ଏହି ଅଂଶକୁ ବିଶ୍ୱାସ କରେ, ମୁଁ ତାହା ବିଷୟରେ ଜାଣେ ନାହିଁ ।"

110 ପରମେଶ୍ୱରଙ୍କ ପ୍ରକୃତ ବାର୍ତ୍ତାବହ ଆପଣଙ୍କୁ ସମ୍ପୂର୍ଣ୍ଣ ବିଷୟ ନିକଟକୁ ଫେରାଇ ନିଅନ୍ତି । ବୁଝିଲେ? ଧ୍ୟାନ ଦିଅନ୍ତୁ, ତାହାହିଁ ଅଟେ ଯାହାକି ପବିତ୍ରଆତ୍ମା କରିଥାନ୍ତି, ଆପଣଙ୍କୁ ପରମେଶ୍ୱରଙ୍କ ପ୍ରତ୍ୟେକ ବାକ୍ୟ ନିକଟକୁ ଫେରାଇ ଆଣନ୍ତି ।

111 ତାହାଙ୍କର ଅନୁଗ୍ରହ ପ୍ରଦର୍ଶିତ ହୋଇ ସାରିଥିଲା, ପରବର୍ତ୍ତୀ ବିଶଯ ତାହାଙ୍କର ବିଚାର ଥିଲା । ସେମାନେ ନିଶ୍ଚିତ ଭାବରେ ବିଶ୍ୱାସ କରିଥିବେ ଯେ ସେମାନେ ସେମାନଙ୍କର ସେହି ମହାନ ବଡ ବଡ଼ ନାମଧାରୀ ଭବନଗୁଡିକରେ ସୁରକ୍ଷିତ ଥିଲେ ଯାହାକି ସେମାନଙ୍କର ଯିରୀହୋରେ ରହିଥିଲା, ମାତ୍ର ସେମାନେ ଏହା ଜାଣିବାକୁ ପାଇଲେ ଯେ ଏହା କାମ କଲା ନାହିଁ ।

112 ସେଠାରେ କେତେକ ନିଶ୍ଚୟ ରହିଥିବେ...ବୋଧହୁଏ ସେଠାରେ କୌଣସି ଉପାୟରେ ପହଞ୍ଚିଥିବେ, ସେଠାରେ କେତେଜଣ ବାଳକ ସେଠାରେ ପହଞ୍ଚି ଯାଇଥିଲେ, ଏବଂ ସମସ୍ତ ପୂର୍ବ ନିରୂପିତ ବୀଜମାନଙ୍କୁ ଏକାଠି କରିବାକୁ କହିଥିଲେ । ଏବଂ ରାହାବ ଆଣିଥିଲା...ଆଉ ସେ ନିଜ ଘରକୁ ଏକ ମଣ୍ଡଳୀ ପାଇଁ ବ୍ୟବହାର କରିଥିଲା, ଏବଂ ବାର୍ତ୍ତାବହମାନଙ୍କୁ ଗ୍ରହଣ କରିଥିଲା; ଆଉ ତା'ପରେ ତାର ସହରରେ ସମସ୍ତଙ୍କୁ, ଯେଉଁମାନେକି ବିଶ୍ୱାସ କରିଥିଲେ, ସେହି ଚିହ୍ନ ତଳେ ନେଇକରି ଆସିଲା ।

113 ସେହି ମହାନ ଅର୍ଥନୀତିର ଜଣେ ସ୍ତ୍ରୀଲୋକ! ଜଣେ ଛୋଟ ସ୍ତ୍ରୀଲୋକ, ଏବଂ ତାହା ପୁଣି କୁଖ୍ୟାତି ସହ, ବୋଧହୁଏ ସହରର ପ୍ରତ୍ୟେକ ମଣ୍ଡଳୀରୁ ବହିଷ୍କୃତ ହୋଇଥିଲା, କିନ୍ତୁ ସେ

ସେହି ବାର୍ତ୍ତାବହକୁ ବିଶ୍ୱାସ କରିଥିଲା । ଏବଂ ସେହି ବାର୍ତ୍ତାବହ ସେହି ଟୋକନ୍, ସେହି ଚିହ୍ନକୁ ଛାଡି ଯାଇଥିଲେ, ଆଉ ପରମେଶ୍ୱର ସେହି ଚିହ୍ନକୁ ସମ୍ମାନିତ କଲେ । ଆଜି ମଧ୍ୟ ସେହିପରି ଅଟେ । କେବଳ ମନେରଖନ୍ତୁ, ଯେତେବେଳେ ପରମେଶ୍ୱରଙ୍କ କ୍ରୋଧ ବିନାଶକାରୀ ଯାହାକି ଆସିଥିଲା, ସେହି ବଡ ବ୍ୟବସ୍ଥା ପତିତ ହୋଇଥିଲା, ସେତେବେଳେ ସେହି ଚିହ୍ନ ତା'ର ଘରକୁ ସୁରକ୍ଷିତ ରଖିଲା । ଏଥିପାଇଁ ନୁହେଁ କାରଣ ସେ ଜଣେ ଭଲ ସ୍ତ୍ରୀଲୋକ ଥିଲେ; କାରଣ ହେଲା ତାହାର ବିଶ୍ୱାସ ଥିଲା ଏବଂ ସେହି ଚିହ୍ନକୁ ଲଗାଇଥିଲା ।

114 ତେବେ କଅଣ ହୋଇଥାଆନ୍ତା ଯଦି ସେ କୁହନ୍ତା, "ହଁ, ସେମାନେ ଭଲ ଲୋକ ଥିଲେ, ସେମାନେ ଦେଇଥିବା ବାର୍ତ୍ତାକୁ ମୁଁ ନିଶ୍ଚିତରେ ଉପଭୋଗ କଲି, ମାତ୍ର, ସତ କହିବାକୁ ଗଲେ, ମୋ ଝରକା ବାହାରେ ସେହି ଡୋରୀଟି ଝୁଲୁଥିବା ଏକ ପ୍ରକାର ମୂର୍ଖାମୀ ପରି ଶୁଭାଯାଏ, ମୁଁ ଏହାକୁ କେବଳ ଭିତରକୁ ଟାଣି ଦେବି"? ଏହା ଧସ୍କି ଯାଇଥାନ୍ତା । ଏହା ପଡ଼ି ଯାଇଥାନ୍ତା । ପରମେଶ୍ୱର କେବଳ ସେହି ଚିହ୍ନକୁ ସମ୍ମାନିତ କଲେ, ଠିକ ଯେପରିକି ସମାନ ଭାବରେ ମିସରରେ ଜୀବନ ଚିହ୍ନକୁ କରିଥିଲେ ।

115 ଯିହୋଶୂୟ ଯୀଶୁଙ୍କର ଏକ ପ୍ରତିରୂପ ଥିଲେ, କାରଣ *ଯିହୋଶୂୟ*ଙ୍କର ଅର୍ଥ ହେଲା "ଯିହୋବା-ତ୍ରାଣକର୍ତ୍ତା ।" ସେ ଯୀଶୁଙ୍କର ଏକ ପ୍ରତିରୂପ ଥିଲେ, ତାଙ୍କର ବାର୍ତ୍ତାବହ ପ୍ରଚାର କରିଥିବା ସେହି ଟୋକନ୍ ଚିହ୍ନ ପ୍ରତି ସଚ୍ଚୋଟ ଥିଲେ । ଯିହୋଶୂୟ ସେହି ଟୋକନ୍ ଚିହ୍ନ ପ୍ରତି ସଚ୍ଚୋଟ ରହିଲେ ।ମିସରରେ, ଏହାର ତଳେ ଥିବା ସମସ୍ତେ ରକ୍ଷାପ୍ରାପ୍ତ ହୋଇଥିଲେ । ଯିରୀହୋରେ, ଏହାର ତଳେ ସମସ୍ତେ ରକ୍ଷାପ୍ରାପ୍ତ ହୋଇଥିଲେ ।

116 ମେଷଶାବକଙ୍କ ରକ୍ତ ଆଜି ସେହି ଚିହ୍ନର ଏକ ପ୍ରତିରୂପ ଅଟେ, ଯେ ପବିତ୍ରଆତ୍ମା ଆଜିର ସେହି ଚିହ୍ନ ଅଟନ୍ତି । ଏହା ତଳେ ସମସ୍ତେ ସୁରକ୍ଷିତ ଅଟନ୍ତି । ଏହା ବାହାରେ ସମସ୍ତେ ସୁରକ୍ଷିତ ନୁହଁନ୍ତି । ଏବ୍ରୀ 13:10 ଏବଂ 20 ରେ, ତାହାଙ୍କୁ ଡକାଯାଏ "ଅନନ୍ତକାଳୀନ ନିୟମ ।" ସେହି ପୁରୁଣା ନିୟମ ଗୋଟିଏ ବିଷୟ ଥିଲା, ଏହା ତ ନୂତନ ଅଟେ, ଏହା ହେଉଛି "ଅନନ୍ତକାଳୀନ ନିୟମ ।"

117 ପରମେଶ୍ୱର, ପରମେଶ୍ୱରଙ୍କ ରକ୍ତ-ବନ୍ଧିତ ପ୍ରତିଜ୍ଞାମାନ, ଆମକୁ ପାପ ଏବଂ ଲଜ୍ଜାରୁ ମୁକ୍ତ କରେ, ଏବଂ ଜଗତର ଅନ୍ୟମାନଙ୍କଠାରୁ ଭିନ୍ନ କରେ । ଆପଣଙ୍କୁ ଭିନ୍ନ ପୋଷାକ ପିନ୍ଧିବାର ଆବଶ୍ୟକ ନାହିଁ; ଯେକେହି ଭିନ୍ନ ପୋଷାକ ପିନ୍ଧି ପାରନ୍ତି । ଆପଣଙ୍କୁ ତ, ଭିତରେ, ଭିନ୍ନ ହେବା ଆବଶ୍ୟକ। ଜୀବନଟା ଭିତରର ଥାଏ; ପୋଷାକ ନୁହେଁ, ପିନ୍ଧିବା ନୁହେଁ। "ପରମେଶ୍ୱରଙ୍କ ରାଜ୍ୟ ଭୋଜନ ଓ ପାନୀୟ ନୁହେଁ, କିମ୍ବା ପୋଷାକ ପିନ୍ଧିବା ନୁହେଁ; କିନ୍ତୁ ଏହା ପବିତ୍ରଆତ୍ମାଙ୍କଠାରେ ଦୀର୍ଘସହିଷ୍ଣୁତା, ଉତ୍ତମତା, ଭଦ୍ରତା, ଧୈର୍ଯ୍ୟ ଅଟେ ।"

118 ତେବେ, ସେହି ପ୍ରତିଜ୍ଞାମାନ ପାପରୁ ମୁକ୍ତ କରେ, ଏହା ଦର୍ଶାଏ ଯେ ପରମେଶ୍ୱର ଆପଣଙ୍କର ପାପକୁ ଚିହ୍ନିତ କରି ନାହାଁନ୍ତି—ନାହାଁନ୍ତି । ଦାଉଦ କହିଲେ, "ଯେଉଁ ଲୋକର ପାପ ପରମେଶ୍ୱର ଗଣନା କରନ୍ତି ନାହିଁ, ସେ ଧନ୍ୟ!" ଏବଂ ପରମେଶ୍ୱର କଦାପି ସେହି ଚିହ୍ନ

ଉପରେ ପାପକୁ ଗଣନା କରିବେ ନାହିଁ, କାରଣ ସେହି ଚିହ୍ନ ହେଉଛି ଦେୟ ମୂଲ୍ୟର ସଙ୍କେତ ଯେ ପରମେଶ୍ୱର ଏହାକୁ ଗ୍ରହଣ କରିସାରିଛନ୍ତି । ଏବଂ ଆପଣଙ୍କଠାରେ ଏହା ପାଇଁ ଚିହ୍ନ ଅଛି, ସେହି ମୂ-...ଆପଣଙ୍କର ବିଶ୍ୱାସ ଏହାକୁ କ୍ରୟ କରିଅଛି । ଏବଂ ଆପଣ ନିଜ ଶରୀରରେ ଆପଣଙ୍କର ମୁକ୍ତିର କ୍ରୟ ମୂଲ୍ୟ ପାଇଛନ୍ତି, ଯେପରିକି ତାହାଙ୍କୁ ଉପାସନା କରନ୍ତି ଏବଂ ତାହାଙ୍କର ପ୍ରତିଜ୍ଞାମାନ ଏବଂ ଶକ୍ତିକୁ ପ୍ରଦର୍ଶନ କରନ୍ତି ।

119 ସେହି *ନୂତନ ନିୟମ*ର ଅର୍ଥ ହେଉଛି "ନୂତନ ଚୁକ୍ତି ।" ସେହି *ରକ୍ତ* ଅର୍ଥ ହେଉଛି "ଜୀବନ ।" ସେହି ନୂତନ ନିୟମ ହେଉଛି ପବିତ୍ରଆତ୍ମା ନିୟମ, ପବିତ୍ରଆତ୍ମା ଏହାର ସାକ୍ଷ୍ୟ ପ୍ରଦାନ କରନ୍ତି ଯେ ଯୀଶୁ ଖ୍ରୀଷ୍ଟ କେଉଁ ବିଷୟକୁ ମୃତ୍ୟୁରୁ ପୁନରୁତ୍‌ଥିତ କରିଛନ୍ତି, ଏହା ଦର୍ଶାଏ ଯେ ଯୀଶୁ ଆମ ପାଇଁ ସମସ୍ତ ଆବଶ୍ୟକତାକୁ ପୂରଣ କରିଛନ୍ତି, ଏବଂ ଆଜି ଜୀବିତ ଅଟନ୍ତି । ସେହି ଚିହ୍ନ ଏହା ପ୍ରମାଣ କରେ ଯେ ତାହାଙ୍କର ପ୍ରତିଜ୍ଞା ଅନୁଯାୟୀ, ଆମ ସହିତ ନିଜକୁ ଚିହ୍ନିତ କରିବା ପାଇଁ ସେ ଜୀବିତ ଅଟନ୍ତି । ତେବେ କିପରି ଜଣେ ବ୍ୟକ୍ତି ବାଇବଲ ପାଠ କରିପାରେ ଏବଂ ଦେଖିପାରେ ଯେ ସେ ଏହା ପ୍ରତିଜ୍ଞା କରିଛନ୍ତି, ଏବଂ ଖ୍ରୀଷ୍ଟଙ୍କୁ ଏହି ଶେଷ ଦିନରେ ପବିତ୍ରଆତ୍ମା ରୂପରେ ଫେରି ଆସୁଥିବାର ଦେଖନ୍ତି ଓ ନିଜକୁ ଜୀବନ୍ତ ରୂପେ ପରିଚିତ କରାନ୍ତି? ତାହା ହେଉଛି ସେହି ଟୋକନ୍ । ତାହା ହେଉଛି ସେହି ଚିହ୍ନ । ତାହା ହେଉଛି ଦେୟ ମୂଲ୍ୟ ।

120 କଦାପି କୌଣସି ସମ୍ବେଦନା ଉପରେ ନିର୍ଭର କରନ୍ତୁ ନାହିଁ । "ମୋ ପିଠି ଉପରେ ଥଣ୍ଡା ଚାଲିଗଲା ଭଳିଆ ମୁଁ ଅନୁଭବ କଲି । ଏବଂ—ଏବଂ ମୁଁ—ମୁଁ କିଛି ଗନ୍ଧ ପାଇଲି; ମୋ ହାତରେ କିଛି ରକ୍ତ ଦେଖିଲି," କିମ୍ବା କିଛି ତେଲ । କିମ୍ବା—କିମ୍ବା, "ମୁଁ ମୋର ସ୍ନାତକ ଉପାଧି ହାସଲ କଲି ।" କିଅବା, "ମୁଁ ଆତ୍ମାରେ ନାଚିଲି । ମୁଁ ଚିତ୍କାର କଲି । ମୁଁ ପରଭାଷାରେ କଥା କହିଲି ।" ସେହି ବିଷୟଗୁଡ଼ିକ ସବୁ ଠିକ ହୋଇ ଥାଇପାରେ । ସେମାନଙ୍କ ବିରୁଦ୍ଧରେ ମୋର କିଛି ହେଲେ ନାହିଁ, ମାତ୍ର ଏହା ତାହା ନୁହେଁ ଯାହା ବିଷୟରେ ମୁଁ କହୁଅଛି ।

121 ମୁଁ ସେହି ଚିହ୍ନ, ଯୀଶୁ ଖ୍ରୀଷ୍ଟଙ୍କ, ପରିଚୟ ବିଷୟରେ କହୁଅଛି, ଯିଏ କି ଉତ୍ଥିତ ହେଲେ ଏବଂ ବର୍ତ୍ତମାନ ଆମ ଭିତରେ ରହି, ଏହି ଦିନର ତାହାଙ୍କର ପ୍ରତିଜ୍ଞାତ ବାକ୍ୟକୁ ପୁନଃ-ସୁପ୍ରମାଣିତ କରିବାକୁ, ନିଜକୁ ଚିହ୍ନିତ କରୁଅଛନ୍ତି । ଆମେନ୍ । ତେବେ ଆପଣ ଓ ଖ୍ରୀଷ୍ଟ ଏକ ଅଟନ୍ତି । ପରମେଶ୍ୱର ଏବଂ ଖ୍ରୀଷ୍ଟ ଏକ ଅଟନ୍ତି । "ସେଦିନ, ତୁମେ ଜାଣିବ ଯେ ମୁଁ ପିତାଙ୍କଠାରେ, ପିତା ମୋ ଠାରେ; ମୁଁ ତୁମଠାରେ, ଏବଂ ତୁମେ ମୋ ଠାରେ ଅଛ ।" ସେଠାରେ ପରମେଶ୍ୱର ଦୁଇହଜାର ବର୍ଷ ପରେ, ମନୁଷ୍ୟ ଶରୀରରେ ପ୍ରକଟିତ ହୋଇ, ନିଜକୁ ଜୀବନ୍ତ ଦେଖାଉଛନ୍ତି । ତାହା ହେଉଛି ସେହି ଚିହ୍ନ ।

122 ଯଦି ଆପଣ ଭିତରେ ନାହାଁନ୍ତି, ବନ୍ଧୁଗଣ, ପ୍ରକୃତରେ ଶୀଘ୍ର ପ୍ରବେଶ କରନ୍ତୁ । ଏହା ଅନନ୍ତକାଳ ବିଳମ୍ବ ହୋଇପାରେ । ଆମେ ଜାଣି ନାହୁଁ ।

123 ତାହାଙ୍କର ଉପସ୍ଥିତି, ନୂତନ ନିୟମ, ସେହି ରକ୍ତକୁ ଦେଖାନ୍ତୁ । ଏବଂ ଏହା ବର୍ତ୍ତମାନ ଜୀବନ୍ତ ହୋଇ, ସୁପ୍ରମାଣମାନ ପ୍ରସ୍ତୁତ କରୁଅଛି । ଏବଂ ଯେହେତୁ ସେ ଅଛନ୍ତି, ସେ ଆମ

ପାଇଁ କ୍ରୟ କରିଥିବା ସମସ୍ତ ବିଷୟ ଉପରେ ଆମର ଅଧିକାର ଅଛି । ଜଣେ ପୁରୁଷ ଯିଏକି ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ପାଇଛନ୍ତି, କିମ୍ବା ଜଣେ ସ୍ତ୍ରୀଲୋକ ଯିଏ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ପାଇଛନ୍ତି, ସେସମସ୍ତ ବିଷୟ ଉପରେ ଅଧିକାର ରଖନ୍ତି ଯାହା ଯୀଶୁ ଆମ ପାଇଁ କ୍ରୟ କରିଛନ୍ତି, କାରଣ ତାହା ହେଉଛି ସେହି ଚିହ୍ନ ଯାହା ଆମ ପାଖରେ ଅଛି । ତାହାହିଁ ହେଉଛି ସେହି କ୍ରୟ କରିବାର ଶକ୍ତି ।

124 ଉଦାହରଣ ସ୍ୱରୂପେ ଆପଣ କୁହନ୍ତି, "ତେବେ, ଭାଇ ବ୍ରାନହାମ୍, ଆପଣଙ୍କର କହିବାର ଅର୍ଥ କ'ଣ?"

125 ଏଠାରେ, ଏହାକୁ ବର୍ତ୍ତମାନ ସରଳ କରୁଛି, ଏବଂ ମୁଁ ଚାହେଁ ଯେ ଆପଣ ଅସୁସ୍ଥ ଲୋକମାନେ ଏହାକୁ ଧରନ୍ତୁ । ଦେଖନ୍ତୁ, ଯଦି ମୁଁ ଭୋକରେ ମରୁଥାଏ, ଏବଂ ମୁଁ ଜାଣେ ଯେ ଗୋଟିଏ ରୁଟି ଖଣ୍ଡକ, କୁହନ୍ତୁ, ଚାରିଅଣା ତା'ର ମୂଲ୍ୟ, ଏବଂ ସେଠାରେ ଜଣେ ଭାଇ ଆସି କୁହନ୍ତି, "ଭାଇ ବ୍ରାନହାମ୍, ଏଠାରେ ଏକ ଚାରିଅଣା ଅଟେ । ଆପଣ ଭୋକିଲା ଅଛନ୍ତି; ଏହି ଚାରିଅଣା ନିଅନ୍ତୁ ।" ତେବେ, ଆପଣ ଜାଣନ୍ତି, ମୁଁ ମୋ ହାତରେ ସେହି ଚାରିଅଣାକୁ ଧରି ସେତିକି ଖୁସି ହୋଇପାରେ, ଯେତିକି ଖୁସି ମୁଁ ମୋ ହାତରେ ରୁଟି ଧରି ହୋଇପାରେ, କାରଣ ମୋ ପାଖରେ କ୍ରୟ କରିବାର ମୂଲ୍ୟ ଅଛି । ମୋ ପାଖରେ ସେହି ଚିହ୍ନ ଅଛି ଯାହା ସେହି ରୁଟିକୁ କିଣିପାରେ । ଆଉ ଠିକ୍ ସେହିଠାରେ ରୁଟି ଅଛି; ଏବଂ ଏକମାତ୍ର ବିଷୟ ହେଲା, ମୁଁ ସେହି ଚିହ୍ନକୁ ଧରିଅଛି, ସେହି ଚାରିଅଣା ଯାହା ସେହି ରୁଟିକୁ କିଣିଥାଏ, ତାହାହେଲେ ମୁଁ ସେହି ଚିହ୍ନ ସହିତ ସେତିକି ଖୁସି ହୋଇପାରେ ଯେତିକି ଖୁସି ମୁଁ ସେହି ରୁଟି ସହିତ ହୋଇପାରେ ।

126 ତେବେ, ଯଦି ଆପଣ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ପାଇଛନ୍ତି, ତାହା ସେହି ଚିହ୍ନ ଅଟେ ଯାହାକି ଆପଣଙ୍କ ପାଖରେ ସେହି ପ୍ରତ୍ୟେକ ମୁକ୍ତିପ୍ରାପ୍ତ ବିଷୟ ନିମନ୍ତେ ରହିଥାଏ ଯାହା ପାଇଁ ଯୀଶୁ ମରିଥିଲେ, ତାହା ଆପଣଙ୍କର ଅଟେ, ଏହା ଆପଣଙ୍କର ହାତରେ ଅଛି । କଅଣ ଆପଣ ଏହାକୁ ଦାବି କରିବାକୁ ଭୟ କରୁଛନ୍ତି କି?

127 ଯଦି ମୁଁ ଏହାକୁ ମୋ ପକେଟରେ ରଖେ, ଓ କୁହେ, "ତେବେ, ମୁଁ ଜାଣେ ନାହିଁ ଯେ ମୁଁ ସେହି ରୁଟି କିଣି ପାରିବି କି ନାହିଁ," ମୁଁ ଭୋକରେ ମରିଯିବି । କିନ୍ତୁ ମନେରଖନ୍ତୁ, ସେହି ବଣିକ କୁହେ, "ମୋର ଗୋଟିଏ ଆବଶ୍ୟକତା ଅଛି, ଶ୍ରୀମାନ ବ୍ରାନହାମ୍ । ଗୋଟିଏ ପଚି-ଶ ପଇସା, ତୁମେ ରୁଟି ନେଇ ଯାଇପାର ।" ମୋ ପାଖରେ ତ ତାହା ଅଛି! ଆମେନ୍ । ତାହା ଏହାକୁ ସମାଧାନ କରିଦିଏ ।

128 ସେହି କାରଣ ଯେଉଁଥି ଯୋଗୁଁ ଆମେ ଆଜି ଅନେକ ଗୁଡିଏ କାର୍ଯ୍ୟମାନ କରା ଯାଉଥିବାର ଦେଖୁନାହୁଁ, ତାହା ହେଲା ସେହି ଚିହ୍ନ ପ୍ରଦର୍ଶିତ ହେଉ ନାହିଁ, ସେହି ପ୍ରକୃତ ଚିହ୍ନ । ଓଃ, ଆମ ପାଖରେ ସବୁ ପ୍ରକାରର ଭଣ୍ଡ ବିଷୟମାନ ଅଛି, କିନ୍ତୁ ମୋର କହିବାର ଅର୍ଥ ହେଉଛି ପ୍ରକୃତ ଚିହ୍ନ ।

129 ଦେଖନ୍ତୁ, ତାହାପରେ ଯେତେବେଳେ ଆମେ ସେହି ଚିହ୍ନକୁ ଅନୁଭବ କରୁ ଏବଂ ଉପସ୍ଥାପନ କରୁ, ସେହି ଚିହ୍ନ ନିମନ୍ତେ ନେଇଥିବା ଜୀବନଟି, ସେହି ରକ୍ତ ଆମ ପାଇଁ କଥା କହିଥାଏ । ମନେରଖନ୍ତୁ, ସେହି ନିୟମ ରକ୍ତ ସେହି ଚିହ୍ନ ସହିତ ଚିହ୍ନିତ ହୋଇଥିଲା, ଏବଂ ସେହି ବାକ୍ୟ ଆମକୁ ପ୍ରତିଜ୍ଞା ବିଷୟରେ ଆଶ୍ୱାସନା ଦେଇଥାଏ । ସେହି ଟୋକନ୍ ହିଁ ଆମ ପାଇଁ ଚିହ୍ନ ଅଟେ ଯେ ସେହି କ୍ରୟ ଆମ ପାଇଁ କରା ଯାଇଅଛି ।

130 ବର୍ତ୍ତମାନ, ଯଦି ଆପଣ ସେଥିରେ ଅନ୍ତର୍ଭୁକ୍ତ ନାହାଁନ୍ତି, ତେବେ, ଅବଶ୍ୟ, ଆପଣ କଦାପି କିଛି ପାଇବେ ନାହିଁ; ଆପଣ କେବଳ ଏକ ପ୍ରାର୍ଥନା ପଂକ୍ତି ଦେଇ ଯାଉଛନ୍ତି, ବାହାରକୁ ପଛକୁ ଯାଉଛନ୍ତି; ଯଜ୍ଞବେଦି ନିକଟକୁ ଯାଉଛନ୍ତି, ଏବଂ ଉପରକୁ ଚାହୁଁଛନ୍ତି, ବାହାରକୁ ପଛକୁ ଯାଉଛନ୍ତି ।

131 ମାତ୍ର, ଓଃ, ଭାଇ, ଯେତେବେଳେ ସେହି ଚିହ୍ନ ଥରେ ଆପଣଙ୍କ—ଆପଣଙ୍କ—ଆପଣଙ୍କ ହୃଦୟରେ ସ୍ଥାପିତ ହୋଇଯାଏ, ଏବଂ ଆପଣ ଜାଣନ୍ତି ଯେ ଏହା ଆପଣଙ୍କ ଭିତରେ ଯୀଶୁ ଖ୍ରୀଷ୍ଟଙ୍କର ପୁନରୁତ୍ଥାନ ଅଟେ, ସେତେବେଳେ କିଛି ଗୋଟାଏ ଘଟୁଥାଏ । ଏପରି କିଛି ନାହିଁ ଯାହାକି ଆପଣଙ୍କୁ ଘୂରାଇ ଦେବାକୁ ଯାଉଅଛି । ଆପଣ ଜାଣନ୍ତି ଯେ ଆପଣ କେଉଁଠାରେ ଅଛନ୍ତି । ପରମେଶ୍ୱରଙ୍କ ସମଗ୍ର ବାକ୍ୟ ପ୍ରତି ସମ୍ପୂର୍ଣ୍ଣ ଆଜ୍ଞାବହତା ଆପଣଙ୍କୁ ସେହି ଚିହ୍ନ ପାଇଁ ଅଧିକାର ଦିଏ, ଏବଂ ଅନ୍ୟ କିଛି ନୁହେଁ । "ସେ ଧନ୍ୟ, ଯିଏ ତାହାଙ୍କର ସମସ୍ତ ଆଜ୍ଞାଗୁଡିକୁ ପାଳନ କରେ, ସେ ଜୀବନ ବୃକ୍ଷର ଅଧିକାରୀ ହୋଇପାରେ ।"

132 ତା'ପରେ, ଯେତେବେଳେ ଆମେମାନେ ପ୍ରାର୍ଥନା କରୁ, ତେବେ ଆମ ପାଖରେ ପ୍ରାର୍ଥନା ସହିତ ଉପସ୍ଥାପନ କରିବାକୁ ସେହି ଚିହ୍ନ ରହିବା ଆବଶ୍ୟକ । ତେବେ ତାହା ବୁଝିବାରେ ବିଫଳ ହୁଅନ୍ତୁ ନାହିଁ । ଯେତେବେଳେ ଆପଣ ପ୍ରାର୍ଥନା କରନ୍ତି, ଆପଣଙ୍କ ପାଖରେ ଆପଣଙ୍କର ପ୍ରାର୍ଥନାକୁ ଧରି ରଖିବା ପାଇଁ ସେହି ଚିହ୍ନ ରହିବା ଜରୁରୀ ଅଟେ । ଯଦି ଆପଣଙ୍କର ସେପରି ନୁହଁ, ତେବେ ସେହି ଚିହ୍ନ ଆସିବା ପର୍ଯ୍ୟନ୍ତ ପ୍ରାର୍ଥନା ଜାରି ରଖନ୍ତୁ, କାରଣ ଆପଣ ତାହା ପାଇବେ ବୋଲି ଆପଣଙ୍କୁ ପ୍ରତିଜ୍ଞା କରାଯାଇ ନାହିଁ । ଦେଖନ୍ତୁ, ଆପଣଙ୍କୁ ପ୍ରଥମେ ଏହି ଚିହ୍ନକୁ ପାଇବାକୁ ଅଛି; ତାହା ହେଉଛି ଦେୟ ମୂଲ୍ୟ, ଏହାକୁ ପ୍ରତ୍ୟୟ କରିବା ପାଇଁ ଆପଣଙ୍କର ବିଶ୍ୱାସ ।

133 ବର୍ତ୍ତମାନ, ସମ୍ପୂର୍ଣ୍ଣ ଆଜ୍ଞାବହତାର ଚିହ୍ନ । ଭୟ ଦୂର ହୋଇଛି । ପାଉଲ ଆମକୁ ଏହା କହିଛନ୍ତି, "ରକ୍ତ ଉତ୍ତମ ଉତ୍ତମ କଥା କହିଥାଏ ।"

ଆପଣ କୁହନ୍ତି, "ରକ୍ତ କଥା କୁହେ?" ହଁ, ରକ୍ତ କଥା କୁହେ ।

134 ଆଦିପୁସ୍ତକ 4:10 ରେ, ଆମେ ପାଉ ଯେ ପରମେଶ୍ୱର କହିଥିଲେ ଯେ—ଯେ କୟିନର…କିମ୍ବା, "ହେବଲଙ୍କ ରକ୍ତ ପୃଥିବୀରୁ ଡାକ ଛାଡ଼ିଲା ।" ଆମେ ଏବ୍ରୀ 12 ରେ ପାଉ, ଯେ, "ଖ୍ରୀଷ୍ଟଙ୍କ ନିୟମର ରକ୍ତ ହେବଲର ରକ୍ତ ଅପେକ୍ଷା ଉତ୍କୃଷ୍ଟତର କଥା କହିଥାଏ ।" ଦେଖନ୍ତୁ? ଆମେ ପାଉ ଯେ, ରକ୍ତ କଥା କୁହେ, ଏହା ଆପଣଙ୍କ ତରଫରୁ କଥା କୁହେ ।

ଆପଣଙ୍କ ଭିତରେ ଥିବା ସେହି ଜୀବନ ପାତିତ ରକ୍ତରୁ କଥା କହିଥାଏ । ଆମେନ୍ । ଓଃ, ଭାଇ! ମୋର ଇଚ୍ଛା ସମସ୍ତେ ତାହା ଦେଖିପାରନ୍ତୁ । ବୁଝିଲେ? ଯଦି ଆପଣ ଏହା ଦେଖିପାରିବେ ଯେ ତାହା କଅଣ ଅଟେ, ଏହା ତ ଆପଣଙ୍କ ଭିତରେ ଥିବା ସେହି ଜୀବନ ଅଟେ । ଦେଖନ୍ତୁ, ସେହି ରକ୍ତ ଆପଣଙ୍କୁ ଏହା ସହିତ ଚିହ୍ନିତ କରୁଅଛି । ଏହା ସେହି ଚିହ୍ନ ଅଟେ । ସେହି...ଏହା କଅଣ ଅଟେ, ସେହି ରକ୍ତ ଆପଣଙ୍କ ପାଇଁ ପାତିତ ହୋଇଥିଲା; ଆପଣ ଗ୍ରହଣ କରିଛନ୍ତି, ଏବଂ ସେହି ଜୀବନ ଆପଣଙ୍କ ଭିତରକୁ ଆସିଅଛି । ଆପଣଙ୍କ ପାଖରେ ସେହି ଚିହ୍ନ ଅଛି, ତାହା ହେଉଛି ପବିତ୍ରଆତ୍ମା ।

135 ତା'ପରେ ଯେତେବେଳେ ଆମେମାନେ ପ୍ରାର୍ଥନା କରୁ, ଆମ ପାଖରେ ଆମର ପ୍ରାର୍ଥନାଗୁଡିକ ସହିତ ଉପସ୍ଥାପନ କରିବା ପାଇଁ ଚିହ୍ନ ରହିବା ଆବଶ୍ୟକ, ଯେପରି ମୁଁ କହିଥିଲି, ଏବଂ ବର୍ତ୍ତମାନ ନିଜ ପାଇଁ ବିଶ୍ୱାସ କରନ୍ତୁ ଏବଂ ସେହି ଚିହ୍ନକୁ ସମଗ୍ର ପରିବାରରେ ପ୍ରୟୋଗ କରନ୍ତୁ, ଯେପରିକି ମିସରରେ, ଯିରୀହୋରେ, କିମ୍ବା ପ୍ରେରିତ ୧୬:୩୧ରେ ହୋଇଥିଲା । ଆମେ ପାଉ ଯେ ପାଉଲ ରୋମୀୟ ଶତସେନାପତିଙ୍କୁ କହିଥିଲେ, କହିଲେ, "ତୁମେ ବିଶ୍ୱାସ କର, ଏବଂ ତୁମର ସମସ୍ତ ଗୃହ ଉଦ୍ଧାର ପାଇବ ।" ଏହାକୁ ନିଜ ପରିବାରରେ ପ୍ରୟୋଗ କରନ୍ତୁ । ଯଦି ଆପଣଙ୍କର ଏକ ଉଦ୍ଧାର ପାଇ ନ ଥିବା ସନ୍ତାନଟିଏ ଅଛି, ସେହି ଚିହ୍ନକୁ ଠିକ ତାହାର ଉପରେ ରଖନ୍ତୁ, କୁହନ୍ତୁ, "ପ୍ରଭୁ ପରମେଶ୍ୱର, ମୁଁ ତାକୁ ଦାବି କରେ ।" ଠିକ ସେହିଠାରେ ରୁହନ୍ତୁ । ଯଦି ଆପଣଙ୍କର ଏକ ମାଆ ଅଛନ୍ତି କିମ୍ବା ଜଣେ ପ୍ରିୟଜନ ଅଛନ୍ତି ଯିଏକି ଉଦ୍ଧାର ପାଇନାହାଁନ୍ତି, ସେହି ଚିହ୍ନକୁ ସେମାନଙ୍କ ଉପରେ ରଖନ୍ତୁ, କୁହନ୍ତୁ, "ପ୍ରଭୁ ପରମେଶ୍ୱର, ମୁଁ ଏହା ଦାବି କରେ ।"

136 ନିଜ ଘରରୁ, ସମସ୍ତ ସାଂସାରିକ ଆବର୍ଜନା ମଧ୍ୟରୁ, ବାହାରି ଯାଆନ୍ତୁ, ଏହା ପାଇଁ ପ୍ରସ୍ତୁତ ହୁଅନ୍ତୁ । ନିଜର ଛୋଟ ପେଣ୍ଟଗୁଡିକୁ ପୋଡି ଦିଅନ୍ତୁ । ନିଜର ତାଶପତ୍ତା ଖେଳ ମେଜଗୁଡିକୁ ଫୋପାଡି ଦିଅନ୍ତୁ । ନିଜର ସିଗାରେଟରୁ ମୁକ୍ତି ପାଆନ୍ତୁ । ନିଜର ଅବିଶ୍ୱାସ ଏବଂ ନିଜର ମଣ୍ଡଳୀ କାଗଜପତ୍ରକୁ ଆବର୍ଜନା ପାତ୍ରରେ ପକାଇ ଦିଅନ୍ତୁ, ଯେଉଁଠାରେ ସେମାନଙ୍କର ସ୍ଥାନ ଅଟେ । ଆମେନ୍ । ତାହାପରେ ଆପଣ ପ୍ରସ୍ତୁତ ହେଉଥାଆନ୍ତି । ତେବେ କଅଣ କରିବେ? ତାହାପରେ ପ୍ରକୃତ ପ୍ରମାଣ, ପ୍ରକୃତ ବିଶ୍ୱାସ ସହିତରେ, ପ୍ରାର୍ଥନାରେ ସେହି ଚିହ୍ନକୁ ପ୍ରୟୋଗ କରନ୍ତୁ । ଏହାକୁ ପ୍ରୟୋଗ କରନ୍ତୁ, ଆତ୍ମବିଶ୍ୱାସରେ ଏହାକୁ ପ୍ରୟୋଗ କରନ୍ତୁ । ଯେତେବେଳେ ଆପଣ ସେହି ଚିହ୍ନକୁ ପ୍ରୟୋଗ କରିବେ, ଏହା ଜାଣି ରଖନ୍ତୁ ଯେ ଆପଣ ସଫା ହୋଇଛନ୍ତି । "ଯଦି ଆମର ହୃଦୟ ଆମକୁ ଦୋଷ ନ ଦିଏ, ତେବେ ଆମର ଅନୁରୋଧ ଶୁଣାଯାଏ ।"

137 ଯେପର୍ଯ୍ୟନ୍ତ ଆପଣ ଲୋକମାନେ ସେହି କାର୍ଯ୍ୟଗୁଡିକ କରୁଛନ୍ତି ଯାହାକି ଭୁଲ୍ ଅଟେ, ତେବେ ଆପଣ କିପରି ଭାବରେ ପରମେଶ୍ୱରଙ୍କୁ ଆପଣଙ୍କ ପାଇଁ କିଛି କରିବାକୁ କହିପାରନ୍ତି ଯେତେବେଳେ ଆପଣ ଜାଣନ୍ତି ଯେ ଆପଣ ଭୁଲ୍ ଅଟନ୍ତି? ସେହି କାରଣରୁ ହିଁ ଆମେ କେବଳ ଆଗକୁ ଝୁଣ୍ଟି ପଡ଼ିଥାଉ ଓ ପଛକୁ ଝୁଣ୍ଟି ପଡ଼ିଥାଉ । ମୁଁ ଆଘାତ କରିବା ପାଇଁ ଏହା କହୁନାହିଁ । ମୁଁ ଏହା ବିଷୟଗୁଡିକୁ ସଠିକ୍ କରିବାକୁ, ସଳଖ କରିବାକୁ କହୁଅଛି । ଆପଣ ଏହାକୁ କିପରି ସଦୋମ ଏବଂ ଗମରାର ପାଉଁଶ ଉପରେ ନିର୍ମାଣ କରିବାକୁ ଯାଉଛନ୍ତି? ଫେରି ଆସନ୍ତୁ!

138 ସଂଗଠନ ଏବଂ ସେବକମାନେ ଲୋକମାନଙ୍କୁ କିଛି ବି କରିବାକୁ ଅନୁମତି ଦେଇଅଛନ୍ତି, ଏବଂ ରକ୍ଷା ପାଇଯିବାକୁ ଦେଇଛନ୍ତି, ଏବଂ କେବଳ ସେମାନଙ୍କର ନାମକୁ ଏକ ପୁସ୍ତକରେ ରଖିବାକୁ ଦେଇଥା'ନ୍ତି ଏବଂ ସେଗୁଡିକୁ *ଏହା, ତାହା,* ଏବଂ *ଅନ୍ୟକିଛି* ଡାକିବାକୁ ଦେଇଥାଆନ୍ତି, ଯେତେବେଳେକି ଏହା ଏକ ଅପମାନଜନକ ବିଷୟ ଅଟେ। ଏବଂ ଏହା ଏମନ୍ତ ହୋଇ ଯାଇଅଛି ଯେ ବିଶ୍ୱାସ ଏପରି କିଛି ବିଷୟ ଅଟେ ଯାହାକି ଏପରି ସୁଦ୍ଧା ନୁହେଁ… ଏପରିକି ବହୁତ ଅଳ୍ପ ହିଁ ସୁଦ୍ଧା କଦାଚିତ୍ ତାହା ଜାଣନ୍ତି ଯେ ଏହା କ'ଣ ଅଟେ। ସେମାନେ, ସେମାନଙ୍କର ଏକ ଭରସା ଅଛି, କିନ୍ତୁ ବିଶ୍ୱାସ ନାହିଁ।

139 ଆପଣଙ୍କୁ ଫେରିବାକୁ ଅଛି, ସେହି ବିଷୟକୁ, ଯେଉଁଠାରେ ସବୁକିଛି ପରିଷ୍କାର କରାଯାଇ ସଫା ଅଟେ। ତାହାପରେ ନିଜର ଚିହ୍ନକୁ ନିଅନ୍ତୁ, ଯେପରିକି ଆପଣ ଜାଣନ୍ତି ଯେ ଏହା ଆପଣଙ୍କ ଭିତରେ ଯୀଶୁ ଖ୍ରୀଷ୍ଟ ଅଛନ୍ତି, ତା'ପରେ ଏହାକୁ ପ୍ରୟୋଗ କରନ୍ତୁ। ଯଦି କିଛି ଗୋଟାଏ ଘଟିତ ହୁଏ ନାହିଁ, ତେବେ ସେଠାରେ କିଛି ଗୋଟାଏ ଭୁଲ ଅଛି; ପୁନର୍ବାର ଫେରିଯାଆନ୍ତୁ, ଆପଣ ନିଜ ହାତରେ ଭୁଲ ବିଷୟ ରଖିଛନ୍ତି। ସେ ଏହାର ପ୍ରତିଜ୍ଞା କରିଥିଲେ। ସେ ହିଁ ସେହି ଜଣକା ଥିଲେ ଯିଏକି ପ୍ରତିଜ୍ଞା କରିଥିଲେ। ଏହାକୁ ପ୍ରୟୋଗ କରନ୍ତୁ। ଏଫିସୀୟ 2:12 ପାଠ କରନ୍ତୁ, ବେଳେ ବେଳେ, ଯଦି ଆପଣ—ଯଦି ଆପଣ ଚାହାଁନ୍ତି, ଏବଂ ଆପଣ ସେଠାରେ ତାହା ପାଇବେ।

140 ଏବ୍ରୀ ୨:11 ରେ ମଧ୍ୟ, ଧ୍ୟାନ ଦିଅନ୍ତୁ। ପାଉଲ କହିଲେ, "ଜୀବନ୍ତ ବାକ୍ୟ ସହିତ, ଜୀବନ୍ତ ପରମେଶ୍ୱରଙ୍କର ସେବା କରିବା।" କେବଳ ଏହା କହୁ ନାହିଁ ଯେ ମୁଁ ଜଣେ ଏବ୍ରୀ କରୁଥିବା ପରି ପରି ଉପରକୁ ଯିବି, ଯେମିତି ସେ ତା'ର ବଳିଦାନକୁ ନେଇଥାଏ ଏବଂ ମାର୍ଗରେ ଯାଉଥାଏ, ଏକ ବଡ ହୃଷ୍ଟପୃଷ୍ଟ ବଳଦ ସହିତ, ଏବଂ ତାହା ଉପରେ ନିଜର ହାତକୁ ରଖି ଆପଣାକୁ ଚିହ୍ନିତ କରିଥାଏ, ଏବଂ ରକ୍ତ ପାତିଥାଏ, ଧାର୍ମିକ ଅନୁଭବ କରି ଫେରିଯାଇଥାଏ। ଯିହୋବା ତାହା ଆବଶ୍ୟକ କରିଥିଲେ। ସେ ତାହା କଲେ। ତାହାପରେ ପରବର୍ତ୍ତୀ ପୀଢୀ, ବୋଧହୁଏ ସେମାନେ ଟିକେ ଥଣ୍ଡା ହୋଇଗଲେ; ଅନ୍ୟ କେହିଜଣେ, ଟିକେ ଅଧିକ ଥଣ୍ଡା ହୋଇଗଲେ। ପ୍ରଥମ ବିଷୟ ଆପଣ ଜାଣନ୍ତି, ଏହା ଏକ ପାରିବାରିକ ପରମ୍ପରାରେ ପରିଣତ ହୋଇଗଲା।

141 ତାହାହିଁ ଅଟେ ଯାହା ପେଣ୍ଟିକୋଷ୍ଟ ଆମ ପାଇଁ ହୋଇଯାଇଛି, ଏକ ପାରିବାରିକ ପରମ୍ପରା। ଆମେ ତଳକୁ ଆସୁ, କହୁ, "ଆଜି ରାତିରେ ସେହି ଟେଲିଭିଜନ କାର୍ଯ୍ୟକ୍ରମ କଅଣ ବହୁତ ଭଲ ନ ଥିଲା କି? ଆଶ୍ଚର୍ଯ୍ୟ କରେ ଯେ ସେମାନେ ଗୀର୍ଜାରେ କଅଣ କଲେ? ପ୍ରଭୁ ଯୀଶୁ, ସୁସ୍ଥ କର…" ଓଃ, ଦୟା ହେଉ! ବୁଝିଲେ? ଏହା ଏକ ପାରିବାରିକ ପର-…"ଆପଣ ଜାଣନ୍ତି, ମୁଁ ଅନ୍ୟ ଦିନ ପରଭାଷାରେ କଥା କହିଥିଲି। ମୁଁ *ଏହା,* କିମ୍ବା *ତାହା,* ସହିତରେ ଅଟେ, ଆପଣ ଜାଣନ୍ତି। ଉ-ହୁଁ।" ଓଃ, ଏହା ଏକ ପାରିବାରିକ ପରମ୍ପରା ଅଟେ!

142 କ'ଣ ଆପଣ ଜାଣିଛନ୍ତି ଯେ ପରମେଶ୍ୱର କଅଣ କହିଲେ? ପରମେଶ୍ୱର କହିଲେ, "ତୁମର ଚର୍ବି ଏବଂ ମେଷ ମୋ ନାକରେ ଦୁର୍ଗନ୍ଧ ସଦୃଶ। ତାହା ଠିକ୍, ତୁମର ବଳିଦାନ ଦୁର୍ଗନ୍ଧ

ସଦୃଶ ହୋଇ ଯାଇଛି ।”

143 ଏବଂ ସେହିପରି ପେଣ୍ଟିକଷ୍ଟାଲ୍ ବଳିଦାନମାନ, ଏବଂ ଆମର ସମସ୍ତ ନାମଧାରୀ ଗର୍ବମାନ ଏବଂ ବାଦାନୁବାଦମାନ, ଏବଂ ଆମର ସ୍ତ୍ରୀଲୋକମାନେ ଏବଂ ପୁରୁଷମାନେ ଯେପରି ଭାବରେ କରନ୍ତି, ଭକ୍ତିର ଏକ ରୂପ ଧାରଣ କରନ୍ତି; ସଂଗୀତର ଲୟରେ କାମ କରନ୍ତି, ଏବଂ କେହି କେହି କିଛି ସମୟ ଉପର-ଓ-ତଳକୁ ଡିଆଁ ମାରନ୍ତି; ଏବଂ ଏହା ଶେଷ ହୋଇଯାଏ, ଯେପରିକି ଗୋଟିଏ ବାଲଟି ପାଣି ଏହା ଉପରେ ଢାଳି ଦିଆ ଯାଇଅଛି, ଯଦି ପରମେଶ୍ୱରଙ୍କ ବାକ୍ୟ ଆସେ ଓ କିଛି କୁହେ । ମାମଲାଟି କଅଣ? ଆପଣଙ୍କର ବଳିଦାନଗୁଡିକ ଯିହୋବାଙ୍କ ଆଗରେ ଦୁର୍ଗନ୍ଧ ହେବାକୁ ଲାଗିଲା ।

144 ଏବଂ ଏହା ସେହି ସମୟରେ ହୋଇଥିଲା ଯେ ଯିଶାଇୟ ଦୃଶ୍ୟକୁ ଆସିଥିଲେ, ଓ ସେମାନଙ୍କୁ କହିଥିଲେ, “ମୁଁ ତୁମକୁ ଏକ ଅନନ୍ତକାଳୀନ ଚିହ୍ନ ଦେବି, ଜଣେ କୁମାରୀ ଗର୍ଭବତୀ ହେବ ।” ଦେଖନ୍ତୁ, ଆପଣ ସେଠାରେ ଅଛନ୍ତି । ମୃତ ରୂପମାନ ଏବଂ ମତମାନ ନୁହେଁ, ନା; ମାତ୍ର ଏକ ଜୀବନ୍ତ ବାକ୍ୟ, ଜଣେ ଜୀବନ୍ତ ପରମେଶ୍ୱର ଯିଏକି ମୃତ୍ୟୁରୁ ପୁନରୁତ୍ଥିତ ହୋଇଛନ୍ତି ଏବଂ ଆମ ମଧ୍ୟରେ ଜୀବିତ ଅଛନ୍ତି ।

145 ସେମାନଙ୍କ ମଧ୍ୟରୁ କେତେକ, ଏହି ମଣ୍ଡଳୀଗୁଡ଼ିକ ସେହି ପରି, ଯେଉଁମାନେକି ଏହିସବୁକୁ ବିଶ୍ୱାସ କରନ୍ତି, ସେମାନେ ଅସ୍ୱୀକାର କରନ୍ତି ଯେ ସେହି ଟୋକନ୍ ବା ଚିହ୍ନ ଭଳି କୌଣସି ବିଷୟ ଅଛି । ତେବେ, ଜଣେ ବ୍ୟକ୍ତି ମୋତେ କହିବାକୁ ଚେଷ୍ଟା କଲେ, “କେବଳ ବାରଜଣ ପ୍ରେରିତ ହିଁ ପବିତ୍ରଆତ୍ମାକୁ ଗ୍ରହଣ କରିଥିଲେ । ସେଇଠାରେ ତାହା ହିଁ ସବୁକିଛି ଥିଲା । ହଁ ।” ଓଃ!

146 କିନ୍ତୁ ଆମେ ଯେଉଁମାନେକି ବାକ୍ୟକୁ ବିଶ୍ୱାସ କରୁ, ଭିନ୍ନ ଜାଣୁ, ଆମେ ଜାଣୁ ଯେ ଏହା ଜୀବନ୍ତ ଉପସ୍ଥିତି ଅଟେ । କାରଣ ଆମେ କିପରି ଜାଣିବା ଯେ ଏହା ଖ୍ରୀଷ୍ଟଙ୍କ ଜୀବନ୍ତ ଉପସ୍ଥିତି ଅଟେ, ସେହି ଆତ୍ମା ଯାହା ଆମମାନଙ୍କ ମଧ୍ୟରେ ଅଛନ୍ତି? ଏହା ଠିକ ସେହି ସମାନ କାର୍ଯ୍ୟକୁ କରେ ଯାହା ସେ କରନ୍ତି । ତାହାହିଁ ହେଉଛି ଏହାର ପ୍ରମାଣ । ଗୋଟିଏ ଦ୍ରାକ୍ଷାଲତା ଏହା ଧାରଣ କରିଥିବା ଫଳ ଦ୍ୱାରା ଜଣା ଯାଇଥାଏ । ଏବଂ ତା’ପରେ ଯଦି ସେହି ପ୍ରଥମ ଦ୍ରାକ୍ଷାଲତା ଆସିଲା ଏବଂ ସେମାନେ ଏହା ପଛରେ ପ୍ରେରିତମାନଙ୍କର ଏକ ପୁସ୍ତକ ଲେଖିଲେ, ଆଉ ସେହି ସମାନ ବିଷୟ ଯାହା ଯୀଶୁ କରିଥିଲେ, ସେହି ପ୍ରେରିତମାନେ ତାହା କଲେ; ତାହାହେଲେ ଯେତେବେଳେ ସେହି ଦ୍ରାକ୍ଷାଲତା ପୁନର୍ବାର ଆସିବ, ଏହା ଠିକ ସେହି ସମାନ କାର୍ଯ୍ୟକୁ ସାଧନ କରିବ । ଦେଖନ୍ତୁ, ଏବ୍ରୀ 13:8 କୁହେ ଯେ ସେ ସମାନ ଅଟନ୍ତି, ଓଃ, ମୋର ପ୍ରଭୁ, ପ୍ରମାଣ କରେ ଯେ ପରମେଶ୍ୱର ତାହାଙ୍କୁ ଆମ ପାଇଁ ଉଠାଇଛନ୍ତି, ତାହାଙ୍କର ପ୍ରତିଜ୍ଞାତ ବାକ୍ୟ ଅନୁସାରେ । [ଟେପରେ ରିକ୍ତ ସ୍ଥାନ—ଅନୁ ।]

147 ପ୍ରତିଜ୍ଞାର ଏକ ମୁଦ୍ରା! ଏଫିସୀୟ 4:30 କୁହେ, “ପରମେଶ୍ୱରଙ୍କ ପବିତ୍ରଆତ୍ମାଙ୍କୁ ଶୋକିତ କର ନାହିଁ, ଯେଉଁଥିରେ ତୁମେ ମୁକ୍ତିର ଦିବସ ନିମନ୍ତେ ମୁଦ୍ରାଙ୍କିତ ହୋଇଅଛ ।” ପରବର୍ତ୍ତୀ

ଉଦ୍ଦୀପନା ପର୍ଯ୍ୟନ୍ତ ନୁହେଁ। "ତୁମର ମୁକ୍ତି ଦିବସ ପର୍ଯ୍ୟନ୍ତ!" ପ୍ରଥମ କରିନ୍ଥୀୟଙ୍କ 12 ଅନୁଯାୟୀ, ଏଥିରେ ବାପ୍ତିଜିତ ହୋଇଅଛ। ଏବଂ ତାହାଙ୍କଠାରେ ସମ୍ପୂର୍ଣ୍ଣତା ଅଛି, ଏବଂ ତାହାଙ୍କଠାରେ କୌଣସି ପାପ ଚିହ୍ନାଯାଏ ନାହିଁ। "ଯିଏ ପରମେଶ୍ବରଙ୍କଠାରୁ ଜନ୍ମ ହୋଇଅଛି ସେ ପାପ କରେ ନାହିଁ। ପରମେଶ୍ବରଙ୍କ ବୀଜ ତାହାଠାରେ ରହିଥାଏ, ଏବଂ ସେ ପାପ କରିପାରେ ନାହିଁ।" ସେହି ଚିହ୍ନ ସେଠାରେ ରହିଥିବାବେଳେ, ସେ କିପରି କରିପାରେ? ଟୋକନ୍ ହିଁ ହେଉଛି ସେହି ଚିହ୍ନ ଯେ ସେ ଗ୍ରହଣ କରା ଯାଇଅଛି।

148 ଏବଂ, ତେବେ, ଆପଣ କୁହନ୍ତି, "ମୁଁ ପାପ କରେ।" ତେବେ ତ, ତାହାହେଲେ ଆପଣ ସେହି ଚିହ୍ନ କେବେ ହେଁ ପାଇ ନ ଥିଲେ। ବୁଝିଲେ?

149 ଟୋକନ୍ ହିଁ ହେଉଛି ସେହି ପ୍ରତିବନ୍ଧକ, ଯାହା ଦର୍ଶାଏ ଯେ ମୂଲ୍ୟ ପ୍ରଦାନ କରା ଯାଇଅଛି। ଯଦି ଶୟତାନ ଏହାକୁ ଆପଣଙ୍କୁ ଦେବାକୁ ଚେଷ୍ଟା କରେ…କେବଳ ଏ ବିଷୟରେ ଚିନ୍ତା କରନ୍ତୁ। ଯଦି ଶୟତାନ ଆପଣଙ୍କୁ କିଛି ଅସୁସ୍ଥତା ଦେବାକୁ ଚେଷ୍ଟା କରେ, କିମ୍ବା ଆପଣଙ୍କୁ କିଛି ଦେବାକୁ ଚେଷ୍ଟା କରେ, ତେବେ ଆପଣ ଜାଣିଛନ୍ତି ଯେ କ'ଣ କରିବାକୁ ଅଛି? ତାକୁ ନିଜର ଚିହ୍ନ ଦେଖାନ୍ତୁ। ନିଶ୍ଚିତରେ, ଅସୁସ୍ଥତା ଖ୍ରୀଷ୍ଟିଆନଙ୍କୁ ଆଘାତ କରେ। ତାକୁ ଆପଣଙ୍କର ଚିହ୍ନ ଦେଖାନ୍ତୁ, ଏବଂ ତାକୁ ପ୍ରମାଣ କରନ୍ତୁ ଯେ ଆପଣ ପରମେଶ୍ବରଙ୍କର ଏକ କ୍ରୟ ଉତ୍ପାଦ ଅଟନ୍ତି। "ଶୟତାନକୁ ପ୍ରତିରୋଧ କର, ଏବଂ ସେ ତୁମଠାରୁ ପଳାୟନ କରିବ।" ତାହାଙ୍କର ପ୍ରତିଜ୍ଞାତ ବାକ୍ୟରେ ଆପଣଙ୍କର ଅଟଳ ବିଶ୍ବାସ ଉପରେ ସେହି ଚିହ୍ନକୁ ଧରି ରଖନ୍ତୁ।

150 ପରମେଶ୍ବର ଥରେ ଏକ ଟୋକନ୍ ପାଇଁ ଏକ ମେଘଧନୁ ଚିହ୍ନ ଦେଇଥିଲେ। ମୁଁ ଶେଷ କରୁଛି। ଏକ ଟୋକନ୍ ପାଇଁ ମେଘଧନୁ ଚିହ୍ନ ଦେଇଥିଲେ। ମୋ' ପାଖରେ ପ୍ରାୟଃ ଦଶ ମିନିଟ୍ ଅଛି, ଏବଂ ତାହାପରେ ଏକ ପ୍ରାର୍ଥନା ପଂକ୍ତି ନେବା। ସେ ସଦାକାଳ ସେହି ଚିହ୍ନ ପ୍ରତି ସତ୍ୟ ରହିଲେ। କଅଣ ସେ ରହିଥିଲେ? [ମଣ୍ଡଳୀ କୁହନ୍ତି, "ଆମେନ୍।"—ଅନୁ।] ସେ ଏବେ ମଧ୍ୟ କରନ୍ତି। ଏହି ସମସ୍ତ ହଜାରେ ବର୍ଷ ମଧ୍ୟରେ, ସେ କେବେବି ଥରେ, ଗୋଟିଏ ଥର, ଏହାକୁ ପ୍ରଦର୍ଶନ କରିବାରେ ବିଫଳ ହୋଇନାହାଁନ୍ତି। ସେ ସେହି ଚିହ୍ନ ପ୍ରତି ସତ୍ୟ ରହିଥିଲେ, ଆମକୁ ଏହା ଦର୍ଶାଏ ଯେ ସେ ସର୍ବଦା…ଏବଂ କେବେବି ତାହାଙ୍କର ଚିହ୍ନଗୁଡ଼ିକୁ ସମ୍ମାନ କରିବାରେ ବିଫଳ ହେବେ ନାହିଁ। ମୋର ଫରକ୍ ପଡ଼େ ନାହିଁ ଯେ ଏହା ଯଦି…

151 ଯଦି ଯୀଶୁ ଦଶ ହଜାର ବର୍ଷ ପାଇଁ ଆସନ୍ତି ନାହିଁ, ଆପଣ ଚିହ୍ନ ରଖିଥାଆନ୍ତୁ, ତଥାପି ତାହାଙ୍କୁ ଏହାକୁ ସମ୍ମାନ କରିବାକୁ ପଡିବ। ଏଥିରେ ଯାଏ ଆସେ ନାହିଁ ଯେ କେତେ ଜିନିଷ ବଦଳେ, ଆଉ ଯାହାକିଛି ବି ହେଉ, ତାହାଙ୍କୁ ତ ସେହି ଚିହ୍ନକୁ ସମ୍ମାନ କରିବାକୁ ଅଛି। ସେ କହିଛନ୍ତି ସେ କରିବେ। ଠିକ୍ ଅଛି। ସେ ଆଶା କରନ୍ତି ଯେ ଆମେ ବର୍ତ୍ତମାନ ଆମର ପରମେଶ୍ବର-ଦତ୍ତ ବିଶ୍ବାସ ଉପରେ, ତାହାଙ୍କର ଚିହ୍ନକୁ ପ୍ରଦର୍ଶନ କରୁ, ରାଷ୍ଟ୍ରର ଏବଂ ଜଗତରେ ଥିବା ପ୍ରତ୍ୟେକ ଅବିଶ୍ବାସୀ ପନ୍ଥ ପ୍ରତି, ଯେଉଁମାନେକି ଏହା ବିଶ୍ବାସ କରନ୍ତି ଯେ ଚିହ୍ନ ଏବଂ ଚମତ୍କାରମାନ ବିଶ୍ବାସୀଙ୍କୁ ଅନୁସରଣ କରେ ନାହିଁ। ଏବଂ ଏହି ଚିହ୍ନ ପ୍ରତି ସଙ୍କୋଚ ରୁହନ୍ତୁ, ଏବଂ

ଏହା ଦର୍ଶାଏ ଯେ ଯାତ୍ରାର ମୂଲ୍ୟ ପ୍ରଦାନ କରାଯାଇଅଛି ଏବଂ ଆମ ଭିତରେ ଚିହ୍ନର ଜୀବନ ରଖି ପୁନରୁତ୍ଥାନ ପାଇଁ, ଆମେ ଗ୍ରହଣ କରାଯାଇଅଛୁ ।

152 ତାହା ଏକ କଷ୍ଟକର ବାର୍ତ୍ତା, କିନ୍ତୁ ଏହା ସତ୍ୟ ଅଟେ । ତାହାହିଁ ଅଟେ ଯାହା ଆମର ଆବଶ୍ୟକତା, ହେଉଛି ସତ୍ୟ । ପରମେଶ୍ୱର ଆମକୁ ସତ୍ୟ ଜାଣିବାରେ ସାହାଯ୍ୟ କରନ୍ତୁ । "ତୁମେ ସତ୍ୟ ଜାଣିବ, ଏବଂ ସତ୍ୟ ତୁମକୁ ମୁକ୍ତ କରିବ ।" ମୁଁ ଦାବି କରେ ଯେ ଯୀଶୁ ଖ୍ରୀଷ୍ଟ ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି । ମୁଁ ବିଶ୍ୱାସ କରେ ଯେ ପରମେଶ୍ୱର, ଠିକ ବର୍ତ୍ତମାନ, ପବିତ୍ରଆତ୍ମାଙ୍କୁ ଚିହ୍ନ ସ୍ୱରୂପେ ଦିଅନ୍ତି, ପ୍ରସ୍ଥାନ କରିବା ଠିକ୍ ପୂର୍ବରୁ, କନ୍ୟା—କନ୍ୟାର ଠିକ ମଣ୍ଡଳୀରୁ ବାହାରି ଯିବା ପୂର୍ବରୁ ।

153 ମୁଁ ବିଶ୍ୱାସ କରେ ଯେ ସେଠାରେ ଏତେ ଅଧିକ ନିରର୍ଥକ କଥା ଅଛି, ଏବଂ ଲୋକମାନେ କହୁଛନ୍ତି ଯେ ସେମାନେ ପାଟି କରିଥିଲେ, ସେମାନେ ପରଭାଷାରେ କଥା କହିଥିଲେ । ମୁଁ ସେହି ବିଷୟଗୁଡ଼ିକରେ ବିଶ୍ୱାସ କରେ; ମାତ୍ର ଆପଣ ତାହା ଉପରେ ନିର୍ଭର କରିପାରନ୍ତି ନାହିଁ । ଆପଣ ଏହା ଉପରେ କିପରି ନିର୍ଭର କରିପାରନ୍ତି, ଏବଂ ତାହାପରେ ବାକ୍ୟକୁ ଅସ୍ୱୀକାର କରିପାରନ୍ତି? ବୁଝିଲେ?

154 ସେହି ଚିହ୍ନ ହେଉଛି ଆପଣଙ୍କ ଭିତରେ ବାକ୍ୟ ଚିହ୍ନିତ ହୋଇ, ନିଜେ ବଞ୍ଚି ରହୁଥିବା । ତାହା ହେଉଛି ପରମେଶ୍ୱର ତାହାଙ୍କର ନିଜର ଅନୁବାଦକ ହେବା । ଆପଣଙ୍କୁ କହିବାକୁ ପଡ଼େ ନାହିଁ, "ଆଚ୍ଛା, ତୁମେ ମୋ କଥାକୁ ବ୍ୟାଖ୍ୟା କର ।" ତାହା ଏହା ନୁହେଁ । ସେ ଆପଣଙ୍କର ଜୀବନକୁ ବାକ୍ୟ ଦ୍ୱାରା ବ୍ୟାଖ୍ୟା କରନ୍ତି । ଯେତେବେଳେ ସେ ଆପଣଙ୍କର ଶବ୍ଦକୁ ନିଅନ୍ତି, ଯାହା ଆପଣ ଅଟନ୍ତି, ଏବଂ ସେଥି ଦ୍ୱାରା ତାହାଙ୍କର ବାକ୍ୟକୁ ଚିହ୍ନଟ କରନ୍ତି, ସେଠାରେ କୌଣସି ବ୍ୟାଖ୍ୟାର ଆବଶ୍ୟକତା ନାହିଁ, ଏହା ତ ସେଠାରେ ପୂର୍ବରୁ ଥାଏ । ପରମେଶ୍ୱର ତାହାଙ୍କର ନିଜର ବ୍ୟାଖ୍ୟା କରନ୍ତି, ଏବଂ ଆମ ପାଖରେ ଏହି ଦିନ ପାଇଁ ଏହି ପ୍ରତିଜ୍ଞାମାନ ରହିଛି ।

155 ହେ, ଡାଲାସ୍, ଆପଣମାନେ ଖ୍ରୀଷ୍ଟିଆନମାନଙ୍କର ସୁନ୍ଦର ସମୂହ, ଆଜିର ଏହି ବିଷୟଗୁଡିକ ସହିତରେ ବୋହି ଚାଲି ଯାଅ ନାହିଁ, ଯାହାକି ଆପଣ ଚାରିଆଡେ ହେଉଥିବାର ଦେଖନ୍ତି, କାରଣ ଏହା ନଷ୍ଟ ହେବାକୁ ଯାଉଅଛି । ସେହି ଚିହ୍ନକୁ ସବୁବେଳେ ଦେଖାନ୍ତୁ, ସେହି ଚିହ୍ନକୁ ପ୍ରଦର୍ଶିତ କରନ୍ତୁ । ବାଇବଲ ପାଠ କରନ୍ତୁ । ସବୁକିଛି ବିଷୟ ନିକଟକୁ ଆସନ୍ତୁ । ଏବଂ ଯଦି ଆପଣଙ୍କ ଭିତରେ ଥିବା ଆପଣଙ୍କର ଆତ୍ମା ତାହାକୁ "ଆମେନ୍" କହୁ ନାହିଁ, ତାହାହେଲେ ଉତ୍ତମ ହେବ ଯେ ଆପଣ ଫେରି ଯାଆନ୍ତୁ, ଚିହ୍ନ ପାଇଁ, ଆପଣ ଯାହା ପାଇଛନ୍ତି ତାହାକୁ ବଦଳାଇ ଦିଅନ୍ତୁ; ଆପଣ ତାହା ପାଇ ନାହାଁନ୍ତି ।

156 ମୁଁ ଜାଣେ ଯେ ତାହା ଗୋଟିଏ ଅପରାହ୍ନରେ କହିବା ହେତୁ ବହୁତ ଅଧିକ ଅଟେ । ଏବଂ ଏହା ବର୍ତ୍ତମାନ ଚାରିଟା-ତିରିଶ୍ ହେଉଛି । ଏହା ବର୍ତ୍ତମାନ ସମୟ ହେଲାଣି, ଏବଂ ଯଦି ଆମେ ପ୍ରାର୍ଥନା ପଂକ୍ତି ସହିତ ପାଞ୍ଚଟା ସୁଦ୍ଧା ବାହାରକୁ ଯାଇପାରିବା ।

157 କଅଣ ଆପଣ ବିଶ୍ୱାସ କରନ୍ତି ଯେ ଯୀଶୁ ଖ୍ରୀଷ୍ଟ ଆଜି ଜୀବିତ ଅଛନ୍ତି ଏବଂ ରାଜତ୍ୱ କରୁଛନ୍ତି? [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ଅନୁ ।] କଅଣ ଆପଣ ବିଶ୍ୱାସ କରନ୍ତି ଯେ ମୁଁ ଆପଣଙ୍କୁ ଯାହା କହିଛି ତାହା ସତ୍ୟ ଅଟେ? ["ଆମେନ୍ ।"] ଏହା ତ ସେହି ଚିହ୍ନ ଅଟେ, ସେହି ଆବଶ୍ୟକତା ଅଟେ । ମୁଁ କେବଳ ତାହା କହିପାରେ ଯାହା ସତ୍ୟ ଅଟେ । ମୁଁ କେବଳ ତାହା କୁହେ ଯାହା ମୁଁ ଦେଖେ, ଯାହା ମୁଁ ଶୁଣେ, ଯାହା ମୋ ଠାରେ ପ୍ରକଟିତ ହୁଏ । ଏବଂ ମୁଁ ଏହା କାହିଁକି କହୁଛି, ହଜାର ହଜାର ଗୁଣନ ହଜାର ହଜାର ଥରରେ, ଥରୁଟିଏ ହେଲେ ଏପରି ହୋଇ ନାହିଁ ଯେ ଏହା ସତ୍ୟ ହେବାରେ ବିଫଳ ହୋଇଥାଏ, ତେବେ ତାହାକୁ ପରମେଶ୍ୱର ହିଁ ହେବାକୁ ଅଛି । ତାହା ପରମେଶ୍ୱର ହେବା ଆବଶ୍ୟକ । ତେବେ, କଅଣ ପରମେଶ୍ୱର ଏପରି ଏକ ସେବାକାର୍ଯ୍ୟ କାହାରିକୁ ଦେବେ କି ଯିଏକି ଏହା ଜାଣି ନ ଥାଏ ଯେ ସେମାନେ କେଉଁ ବିଷୟରେ କଥା ହେଉଛନ୍ତି? ["ନା ।"] କଅଣ ସେ ନିଜକୁ ସେହି ଦର୍ଶୀ ଭାବରେ ସେଠାରେ ପରିଚିତ କରାଇବେ କି, ଏବଂ ତାହାପରେ ବୁଲି ପଡ଼ି ତାଙ୍କୁ ଏକ ମିଶ୍ରିତ-ବାକ୍ୟ ପ୍ରଦାନ କରିବେ କି? ["ନା ।"] ସେହି ବ୍ୟକ୍ତି ଯିଏକି ଏହାକୁ ଅସ୍ୱୀକାର କରେ, ସେ ହିଁ ମିଶ୍ରିତ ଜଣକ ଅଟେ । ଏବଂ ପରମେଶ୍ୱର ମିଶ୍ରିତ ନୁହଁନ୍ତି । ପରମେଶ୍ୱର ତାହାଙ୍କର ନିଜର ଅନୁବାଦକ ଅଟନ୍ତି ।

158 ସେହି ଚିହ୍ନକୁ ଗ୍ରହଣ କରନ୍ତୁ! କୌଣସି ମଣ୍ଡଳୀ କିମ୍ୱା କୌଣସି ରୂପକ, କିମ୍ୱା କୌଣସି ବିଷୟରେ ଯୋଗଦେବା ଉପରେ ବିଶ୍ରାମ କରନ୍ତୁ ନାହିଁ । ଚିହ୍ନକୁ ନେଇ ନିଅନ୍ତୁ! ଏହାକୁ ଧରିଥାଆନ୍ତୁ । ଏହା ହିଁ କେବଳ ଏକମାତ୍ର ବିଷୟ ଯାହା ପରମେଶ୍ୱର ଚିହ୍ନିବେ । ଯେତେବେଳେ ଆପଣ ସେହି ଘଟିକାକୁ ଆସିବେ, ଯେତେବେଳେ ଏହା ଆପଣଙ୍କର ମୃତ୍ୟୁର ସମୟ ଆସେ, ଉତ୍ତମ ହେବ ଯେ ଆପଣ ସେହି ଚିହ୍ନକୁ ନିଜ ଉପରେ ଧରି ରଖିଥାଆନ୍ତୁ; ଏହା ଜାଣି ଯେ ତାହାଙ୍କର ଆସିବାର ଦିନରେ, ସେହି ପୁନରୁତ୍ଥାନରେ, ମୁଁ ସେହି ଚିହ୍ନକୁ ଉପସ୍ଥାପନ କରିପାରିବି । ଏହା ଏହି ଶରୀରରେ ହେବ ନାହିଁ, ଏହା ତ ଶଢ଼ି ଯାଇଛି; କିନ୍ତୁ ଏହି ଆତ୍ମାରେ, ଯାହାକି ମରିପାରେ ନାହିଁ, ଏହା ଅନନ୍ତ ଜୀବନ ଅଟେ, ସେହି ଚିହ୍ନ ସେଠାରେ ବିଶ୍ରାମ କରେ । ଆଉ ସେ ପ୍ରତିଜ୍ଞା କରିଥିଲେ, "ମୁଁ ତାକୁ ଶେଷ ଦିନରେ ପୁନର୍ବାର ଉଠାଇବି ।"

159 ସେହି ସମାନ ଯୀଶୁ ଖ୍ରୀଷ୍ଟ ଏଠାରେ ଅଛନ୍ତି । ସେ ହେଉଛନ୍ତି ବାର୍ତ୍ତାବହ । ସେ ଅଟନ୍ତି… *ଏଠା*ରେ ବାର୍ତ୍ତା ଅଛି, ଏବଂ ସେ ତାହାଙ୍କର ବାର୍ତ୍ତାକୁ ଚିହ୍ନିବା ପାଇଁ ଏଠାରେ ବାର୍ତ୍ତାବହ ଅଟନ୍ତି । ମୁଁ ବାର୍ତ୍ତାବହ ନୁହେଁ । ସେ ହେଉଛନ୍ତି ବାର୍ତ୍ତାବହ, ଏବଂ *ଏହା* ହେଉଛି ସେହି ବାର୍ତ୍ତା । ଏବଂ ଯଦି ଆପଣଙ୍କ ପାଖରେ ଏପରି ଏକ ଆତ୍ମା ଅଛି ଯାହାକି *ତାହା* ସହିତ ସହମତ ନୁହେଁ, ତେବେ ଏହା କିପରି ଭାବରେ ସେହି ବାର୍ତ୍ତାର ବାର୍ତ୍ତାବହ ହୋଇପାରେ? କେବଳ ସେହି ଚିହ୍ନ ହିଁ ଏହାକୁ ଚିହ୍ନଟ କରିବ । ଆମେନ୍ ।

160 ମୁଁ ଧାର୍ମିକ ଅନୁଭବ କରୁଛି । ମୁଁ ପ୍ରକୃତରେ କରୁଛି । ମୋତେ ଲାଗୁଛି ଯେ ମୁଁ ବର୍ତ୍ତମାନ ଉଡ଼ିପାରେ, କାରଣ ମୁଁ ଜାଣେ ଯେ ମୁଁ କାହାକୁ ବିଶ୍ୱାସ କରିଛି, ଏବଂ ମୁଁ ମୋର ଜୀବନକୁ ତାହାଙ୍କ ସହିତ ତାହାଙ୍କର ପୁନରୁତ୍ଥାନରେ ଚିହ୍ନିତ ହୋଇଥିବାର ଦେଖିଛି । ତାହାଙ୍କର ଉପସ୍ଥିତି

ଏଠାରେ ଅଛି । ବନ୍ଧୁଗଣ, ଏହାକୁ ଗ୍ରହଣ କରନ୍ତୁ, ଦୟାକରି, ନିଜର ହୃଦୟର ଗଭୀରତାରେ କରନ୍ତୁ ।

161 ମୁଁ ଜାଣେ ଆମେ ସମସ୍ତେ ବେଦୀ ଚାରିପାଖରେ ଆସି ପ୍ରାର୍ଥନା କରିଥାଉ । ତାହା ଏକ ପୁରୁଣା ମେଥୋଡିଷ୍ଟ ଧାରଣା ଅଟେ । ସେମାନେ ତାହା କେବେ ହେଲେ ବାଇବଲରେ କରିନାହାଁନ୍ତି । ବାଇବଲ କୁହେ, "ଯେତେ ଲୋକ ବିଶ୍ୱାସ କଲେ ବାପ୍ତିଜିତ ହେଲେ ।" ତାହା ଠିକ୍ । ବାଇବଲରେ ବେଦୀ ଡାକରା ଭଳି କୌଣସି ବିଷୟ ନାହିଁ । ତାହା ଏପରିକିଛି ଅଟେ ଯାହା ଆମେ ଯୋଗ କରିଛୁ, ଯାହା ଠିକ୍ ଅଟେ । ଯାହାକିଛି ପରମେଶ୍ୱର ଆଶୀର୍ବାଦ କରନ୍ତି, ତାହା ଠିକ୍ ଅଛି ।

162 ଯେପରି ସେମାନେ କପଡା ଅଭିଷେକ କରନ୍ତି ।ବାଇବଲରେ ସେପରି ଏକ ବିଷୟ କେବେ ହୋଇ ନ ଥିଲା । "ସେମାନେ ପାଉଲଙ୍କ ଶରୀରରୁ ରୁମାଲ ଏବଂ ଅଙ୍ଗରଖାମାନ ନେଇଥିଲେ ।"

163 କିନ୍ତୁ ଯେକୌଣସି ଉପାୟରେ ଆପଣ ଏହା କରିବାକୁ ଚାହାଁନ୍ତି, ଆପଣଙ୍କ ଆସନରେ, ବେଦୀରେ, ଯେଉଁଠାରେ ବି ତାହା ଅଟେ, ଏହା ଠିକ୍ ଅଛି । ଗୋଟିଏ ମାତ୍ର ବିଷୟ ହେଲା, ଆପଣଙ୍କ ପ୍ରତି ଏକ ଚିହ୍ନ ଭାବରେ, ତାହାକୁ ପ୍ରୟୋଗ କରନ୍ତୁ । ତା'ପରେ ନିଜକୁ ଦେଖନ୍ତୁ, ଏବଂ ଦେଖନ୍ତୁ ଯେ କେଉଁ ପ୍ରକାର ଜୀବନ ଯାପନ କରୁଛନ୍ତି, ଦେଖନ୍ତୁ ଯେ ଏହା ପ୍ରୟୋଗ ହୋଇଅଛି କି ନାହିଁ । ଯଦି ଏହା ହୋଇ ନାହିଁ, ତାହାହେଲେ ଆପଣଙ୍କ ପାଖରେ ଯାହା ଅଛି, ତାହାକୁ ଗୋଟିଏ ପଟରେ ରଖି, ଫେରି ଆସନ୍ତୁ, ଯେପର୍ଯ୍ୟନ୍ତ କି ସେହି ଚିହ୍ନ ପ୍ରୟୋଗ ନ ହୋଇଯାଏ ।

164 ଆସନ୍ତୁ ପ୍ରାର୍ଥନା କରିବା । ସ୍ୱର୍ଗୀୟ ପିତା, ବୋଧହୁଏ ମୁଁ—ମୁଁ—ମୁଁ ଅତି ବେପରୁଆ ଭାବରେ କହିଲି, ମାତ୍ର, ପ୍ରଭୁ, ଯେପର୍ଯ୍ୟନ୍ତ ଆପଣ ଗୋଟିଏ କଣ୍ଟାକୁ ଜୋର୍ ରେ ବାଡେଇବେ ନାହିଁ ତାହା କିପରି ଧରିବାକୁ ଯିବ? ପିତା, ମୁଁ ପ୍ରାର୍ଥନା କରୁଛି, ଯେ ଏହା ଲୋକଙ୍କ ହୃଦୟରେ ଧରିବାକୁ ଯିବ, ଯେ ସେମାନେ ଦେଖିବେ ଯେ ଏହା କୌଣସି ସାମାନ୍ୟ ବିଷୟ ନୁହେଁ । ଏହା ଏପରି କିଛି ବିଷୟ ନୁହେଁ ଯେ ମୁଁ କିଛି ସଂଗଠନ, କିଛି ଗୋଷ୍ଠୀ, କିଛି ପନ୍ଥ, କିଛି ବ୍ୟକ୍ତି, କିମ୍ବା ନିଜକୁ, କିଅବା ଅନ୍ୟ କାହାରିକୁ ଚିହ୍ନଟ କରିବାକୁ ଚେଷ୍ଟା କରୁଅଛି । ଏହା ତ ଯୀଶୁ ଖ୍ରୀଷ୍ଟ ଅଟନ୍ତି । "ମୁଁ ସେହି ସମସ୍ତ ସଂଗଠନକୁ ଏକାଠି ଫିଙ୍ଗି ପକାଇବି," ସେମାନେ ତ ତୁମର ବାକ୍ୟ ଅନୁଯାୟୀ, ଗୋଟିକର ଛଅ ଏବଂ ଅନ୍ୟଟିର ଅଧା ଡଜନ ଅଟନ୍ତି । "ପୁରୁଣା ମାତା ବେଶ୍ୟା," ପ୍ରକାଶିତ ବାକ୍ୟ 17 ରେ ବାଇବଲ, "ପ୍ରତ୍ୟେକ ବେଶ୍ୟାର ମାତା ଥିଲା ।" ଏବଂ ସେମାନେ ପୁରୁଷ ହୋଇପାରନ୍ତି ନାହିଁ । ସେମାନେ ବେଶ୍ୟା ଥିଲେ, ଏବଂ ସମସ୍ତେ ସାଂସାରିକ ଶଯ୍ୟାକୁ ଚାଲିଗଲେ ।ଏବଂ ଆମେ ଦେଖୁ ଯେ ଏହା ତାହା କରିଅଛି, ପେଣ୍ଟିକଷ୍ଟାଲ୍ ଏବଂ ସମସ୍ତ ।

165 ମାତ୍ର, ଯୀଶୁ, ତୁମେ ଏବେ ବି ଯୀଶୁ ରହିଛ । ସେମାନେ ଏକ ମଣ୍ଡଳୀର ବାର୍ତ୍ତା ନ ଶୁଣନ୍ତୁ; କିନ୍ତୁ ଖ୍ରୀଷ୍ଟଙ୍କ ବାର୍ତ୍ତା, ସେହି ବାକ୍ୟକୁ ଶୁଣନ୍ତୁ । ପ୍ରଭୁ, ଆଜି, ତୁମେ ବିଶ୍ୱାସୀମାନଙ୍କ ସହିତ ନିଜକୁ ପରିଚିତ କରାଅ । ସମସ୍ତ ରୋଗୀଙ୍କୁ ସୁସ୍ଥ କର । ହେ ପ୍ରଭୁ, ଆମର ପାପଗୁଡିକୁ କ୍ଷମା କର ।

ମୁଁ—ମୁଁ ପ୍ରାର୍ଥନା କରୁଛି, ତୁମର ଜଣେ ସେବକ ଭାବରେ, ଦୟାକରି ମୋର ପାପଗୁଡିକୁ କ୍ଷମା କର, ଏବଂ ଏହି ଲୋକମାନଙ୍କର ପାପଗୁଡିକୁ କ୍ଷମା କର। ପ୍ରଭୁ, ମୁଁ ବିଶ୍ୱାସ କରେ। ସେମାନଙ୍କ ମଧ୍ୟରୁ ପ୍ରତ୍ୟେକେ ନିଶ୍ଚିତ ଭାବରେ ନୈବେଦ୍ୟରେ ସାହାଯ୍ୟ କରିଛନ୍ତି, ଯାହାକି ସେହି—ସେହି ଭବନ ପାଇଁ ଦେୟ ଦେବା ନିମନ୍ତେ ଅଟେ, ଏବଂ ସେମାନେ ସେମାନଙ୍କର ଟଙ୍କା ଖର୍ଚ୍ଚ କରିଛନ୍ତି, ଏବଂ ସେମାନେ—ସେମାନେ—ସେମାନେ ସବୁକିଛି କରିଛନ୍ତି, ପ୍ରଭୁ। ହେ ପରମେଶ୍ୱର, ମୁଁ ପ୍ରାର୍ଥନା କରେ ଯେ ସେମାନଙ୍କ ମଧ୍ୟରୁ କେହି ଜଣେ ହେଲେ ଏଥିରୁ ବଞ୍ଚିତ ହୁଅନ୍ତୁ ନାହିଁ, ପ୍ରଭୁ। ଏହା ହେଉ ଯେ ସମସ୍ତେ ଆସନ୍ତୁ!

166 ମୁଁ—ମୁଁ ନିଷ୍ପାପର ଭାବରେ ତାହା କରେ, ଆଉ ତଥାପି, ପ୍ରଭୁ, ତୁମକୁ ନିଶ୍ଚିତ କଠୋର ହେବାକୁ ଅଛି। ଆମେ ଜାଣୁ ଯେ, ସଂଶୋଧନ କରିବା ହେଉଛି ପ୍ରେମ। ପ୍ରେମ ସଂଶୋଧନାତ୍ମକ ଅଟେ। ଏବଂ ମୁଁ ପ୍ରାର୍ଥନା କରେ। ଯେହେତୁ ସେହି କାରଣରୁ ତୁମେ ତୁମର ଲୋକମାନଙ୍କୁ ସଂଶୋଧନ କରିଥାଅ, କାରଣ ତୁମେ ସେମାନଙ୍କୁ ଭଲ ପାଅ, ଆଉ ପ୍ରତ୍ୟେକ ପାପ ନିମନ୍ତେ ଉତ୍ତର ଦେବାକୁ ଅଛି।

167 ଏବଂ, ପିତା, ମୁଁ ପ୍ରାର୍ଥନା କରୁଛି ଯେ ତୁମେ ବର୍ତ୍ତମାନ ଆମର ପାପଗୁଡିକୁ କ୍ଷମା କରିବ, ଯେତେବେଳେ ଆମେ ସେଗୁଡିକୁ ସ୍ୱୀକାର କରୁ। ହେ ପ୍ରଭୁ, ଆମେ ଆଶ୍ଚର୍ଯ୍ୟ କରି ବହୁତ ଦୂରକୁ ଚାଲି ଯାଇଛୁ। ପ୍ରଭୁ, ମୁଁ ଏହି ପେଣ୍ଟିକଷ୍ଟାଲ୍ ଲୋକମାନଙ୍କ ସହିତ ପରିଚିତ ଅଟେ। ମୁଁ—ମୁଁ ସେମାନଙ୍କ ମଧ୍ୟରୁ ଜଣେ। ଆଉ ମୁଁ—ମୁଁ ପ୍ରାର୍ଥନା କରୁଛି, ହେ ପରମେଶ୍ୱର, ଯେ ତୁମେ ଆମ ସମସ୍ତଙ୍କୁ କ୍ଷମା କରିବ। ଏବଂ ଏହି ନେତାମାନଙ୍କ ମଧ୍ୟରୁ କେତେକଙ୍କୁ ନିଅ ଓ ସେମାନଙ୍କୁ ଘୂରାଇ ଦିଅ, ଏବଂ—ଏବଂ ସେମାନଙ୍କୁ ଥରେ କାଲବରୀ ଆଡକୁ ଦେଖିବା ପାଇଁ ଦିଅ, ଆଉ ତା'ପରେ ସେମାନେ ଭୁଲିଯିବେ ଯେ ସେମାନଙ୍କୁ କଅଣ ହେବାକୁ ଥିଲା, ଜଣେ ପ୍ରେସବାଇଟର୍ କିମ୍ବା ଜଣେ ବିଶପ, କିଅବା ଏହା ଯାହାକିଛି ବି ହୋଇପାରେ, ଏବଂ ଏହା ଜାଣିବେ ଯେ ଏହି ରାଜ୍ୟରେ ଆମେ ବଡ଼ ନୋହୁଁ। ଆମେ ସମସ୍ତେ ପରମେଶ୍ୱରଙ୍କ ସନ୍ତାନ ଅଟୁ। ମୁଁ ପ୍ରାର୍ଥନା କରୁଛି ଯେ ତୁମେ ବର୍ତ୍ତମାନ ଆମକୁ ସାହାଯ୍ୟ କରିବ। ଆଜି, ଆମ ମଧ୍ୟରେ ନିଜକୁ ପରିଚିତ କରାଅ। ଆମେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ମାଗୁଛୁ। ଆମେନ୍।

168 ବର୍ତ୍ତମାନ ଆମେ ପ୍ରାର୍ଥନା ଧାଡି ଆରମ୍ଭ କରିବା ପୂର୍ବରୁ, ହୁଏତ ଏଠାରେ ଏପରି କେହି ଥିବେ ଯିଏକି ଏଠାରେ ଆଗରୁ କେବେ ଆସି ନ ଥିବେ। ମୁଁ ଜାଣେ ନାହିଁ ଯେ ଆପଣ କିଏ ଅଟନ୍ତି, କିନ୍ତୁ ପରମେଶ୍ୱର ଆପଣଙ୍କୁ ଜାଣନ୍ତି। ଯଦି ମୁଁ ସତ୍ୟ କହିଛି, ତେବେ ପରମେଶ୍ୱର ଏହାକୁ ଚିହ୍ନଟ କରନ୍ତୁ, ଯେ ଏହା ସତ୍ୟ କି ନୁହେଁ, ତାହାହିଁ ହେଉଛି ଏହାର ପ୍ରମାଣ। ଯଦି ସେ ମୃତ୍ୟୁରୁ ପୁନରୁତ୍ଥିତ ହୋଇଛନ୍ତି, ତେବେ ସେ ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି। ସେ ଯୋହନ 14:12 ରେ କହିଲେ, "ଯିଏ ବିଶ୍ୱାସ କରେ," ଏହା ନୁହେଁ ଯିଏ ବିଶ୍ୱାସ କରିବାର ଛଳନା କରେ। "ଯିଏ ମୋ'ଠାରେ ବିଶ୍ୱାସ କରେ, ମୁଁ ଯେଉଁ କାର୍ଯ୍ୟ କରେ, ସେ ମଧ୍ୟ ତାହା କରିବ।" ଏହା ଠିକ୍ କି?

169 କେହି ଜଣେ କହିଲେ, "'ତାହାଠାରୁ ବଡ଼ ତୁମେ କରିବ।'" ତାହା ଠିକ୍। କହିଲେ, "ତେବେ, ଆମେ ତ ସେହି ସୁସମାଚାରକୁ ପ୍ରଚାର କରୁ, ଯାହାକି ଅଧିକ ବଡ଼ ଅଟେ।"

170 ସେ କରିଥିବା କାର୍ଯ୍ୟଗୁଡ଼ିକ କେବଳ କରନ୍ତୁ, ଯାହାକି ମୋତେ ଏହା ପ୍ରମାଣ କରି ଦେବ, ଦେଖନ୍ତୁ, ତା'ପରେ ଆମେ ଅଧିକ ବଡ଼ ବିଷୟରେ ଆଲୋଚନା କରିବା। ମୁଁ ଆପଣମାନଙ୍କୁ ସେ ପୃଥିବୀରେ ରହିଥିବାବେଳେ କରିଥିବା କାର୍ଯ୍ୟଗୁଡ଼ିକ ଅପେକ୍ଷା ଅଧିକ ମହତ୍ କାର୍ଯ୍ୟମାନ ଦେଖାଇପାରେ ଯାହାକି ସେ ବର୍ତ୍ତମାନ କରୁଅଛନ୍ତି, ଆଉ ତାହା କେବଳ ସୁସମାଚାର ପ୍ରଚାର କରିବା ନୁହେଁ, କିଅବା; ତାହା ଚିହ୍ନ ଏବଂ ଚମତ୍କାରରେ ନୁହେଁ। ଏହା ପାଇଁ ସମୟ ନାହିଁ। କେବଳ ବିଶ୍ୱାସ କରନ୍ତୁ। ଏବଂ ସ୍ୱର୍ଗର ପରମେଶ୍ୱର, ଯିଏକି ଯୀଶୁ ଖ୍ରୀଷ୍ଟଙ୍କୁ ମୃତ୍ୟୁରୁ ପୁନରୁତ୍ଥିତ କଲେ ଏବଂ ତାହାଙ୍କୁ ଏଠାରେ ଜୀବନ୍ତ ଭାବରେ ଉପସ୍ଥାପନ କଲେ, ଆମମାନଙ୍କ ପାଖରେ, ଦୁଇ ହଜାର ବର୍ଷ ପରେ, ଏହି ବାର୍ତ୍ତାକୁ ଚିହ୍ନଟ କରନ୍ତୁ, ଯେ ଏହା ଠିକ୍ ଅଟେ। ସେହି ଚିହ୍ନକୁ ତ ପ୍ରୟୋଗ କରିବାକୁ ଅଛି।

171 ବର୍ତ୍ତମାନ, ଆପଣମାନେ ଯେଉଁମାନଙ୍କରକି ରୋଗ ଏବଂ ଅସୁବିଧାମାନ ଅଛି, ପ୍ରାର୍ଥନା କରନ୍ତୁ, ନିଷ୍ପାପର ଭାବରେ କେବଳ କୁହନ୍ତୁ, "ପ୍ରଭୁ, ମୁଁ ବିଶ୍ୱାସ କରେ ଆପଣ ଜଣେ ଏପରି ମହାଯାଜକ ଅଟନ୍ତି ଯାହାଙ୍କୁ ଆମର ଦୁର୍ବଳତାର ଅନୁଭବ ଦ୍ୱାରା ସ୍ପର୍ଶ କରା ଯାଇପାରେ।' ଏବଂ ଏଠାରେ ଏହି ସେବକଙ୍କ ଦ୍ୱାରା ଆମକୁ କୁହା ଯାଇଅଛି ଯେ ତୁମେ ଆମ ସହିତରେ ଅଛ, ଉପସ୍ଥିତ ଅଟ, ତାହାହେଲେ ମୁଁ ଚାହେଁ ତୁମେ ଆମ ସହିତରେ ଉପସ୍ଥିତ ରହି ନିଜକୁ ପରିଚିତ କରାଅ।" ବର୍ତ୍ତମାନ ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକେ, ପ୍ରାର୍ଥନା କରନ୍ତୁ।

172 ତେବେ ଏହା ପରମେଶ୍ୱରଙ୍କ ଉପରେ ନିର୍ଭର କରେ ଯେ କିଛି କୁହନ୍ତୁ। ଏହା କି ଏକ ସମୟ ଅଟେ! ଓଃ, ମୋର ପ୍ରଭୁ! ମୁଁ ଇଚ୍ଛା କରେ ଯେ ଆପଣ ଯଦି କେବଳ କିଛି ଜାଣିପାରନ୍ତେ, ଯେ ଯେତେବେଳେ ତାହା ଆସେ ସେତେବେଳେ ଆପଣ କିପରି ଅନୁଭବ କରନ୍ତି, ସମଗ୍ର ବିଶ୍ୱ ଆପଣଙ୍କର ହୋଇଯାଏ। ଆମେନ୍। କୌଣସି ଶୟତାନ କିଛି କରିବାକୁ ଯାଉ ନାହିଁ, ସେ ତ ଜଣେ ପରାଜିତ ପ୍ରାଣୀ ଅଟେ। ମୋର ପ୍ରଭୁ ଉପସ୍ଥିତ ଅଛନ୍ତି। ଏହା ସବୁକିଛି ଆମ ହାତରେ ଅଟେ। ଆମେନ୍।

ଦୟାକରି ପ୍ରକୃତରେ ଚୁପ୍ ରୁହନ୍ତୁ। ଚଲାବୁଲା କରନ୍ତୁ ନାହିଁ। ଚୁପ୍ କରି ବସି ଥାଆନ୍ତୁ।

173 ଆପଣ ଯେଉଁମାନେ ଚକ ଚେୟାରରେ, ଏବଂ ଜିନିଷଗୁଡ଼ିକରେ ଅଛନ୍ତି, ଆପଣ ନିଜକୁ ଅସହାୟ ବୋଲି ଭାବନ୍ତୁ ନାହିଁ। ବିଶ୍ୱାସ କରନ୍ତୁ। ଆପଣ—ଆପଣ, ଆପଣ ପ୍ରାର୍ଥନା ପଂକ୍ତି ଦେଇ ଗଲେ, ଏବଂ ବିଫଳ ଓ ବିଫଳ ହେଲେ। ଏହା ତ ସେହି ସେବକ ନୁହେଁ ଯିଏକି ଆପଣଙ୍କ ପାଇଁ ପ୍ରାର୍ଥନା କରିଥିଲେ, ବିଫଳ ହେଲେ। ଏହା ତ ଆପଣଙ୍କର ବିଶ୍ୱାସ ଅଟେ, ଏବଂ ଆପଣ ଭାବିବାକୁ ଆରମ୍ଭ କଲେଣି ଯେ ଆପଣ କିଛି କରିବାକୁ ଯାଉ ନାହାଁନ୍ତି। ଆପଣ ବିଶ୍ୱାସ କରନ୍ତୁ।

174 ଏଠାରେ, ଏଠାରେ ଏହି ଆଲୋକ ଅଛି, ଜଣେ ଅଶ୍ୱେତ ମହିଳାଙ୍କ ଉପରେ ଯିଏକି ଏଠାରେ ପଛରେ ବସିଛନ୍ତି, ଏହିପରି ତାଙ୍କର ହାତକୁ ଉଠାଇ ଠିଆ ହୋଇଛନ୍ତି। ହଁ ଆପଣ

ପ୍ରାର୍ଥନା କରୁଥିଲେ । ହଁ । କଅଣ ଆପଣ ମୋତେ ତାହାଙ୍କର ଭବିଷ୍ୟଦ୍‌ବକ୍ତା, କିମ୍ବା ତାହାଙ୍କର ସେବକ ବୋଲି ବିଶ୍ୱାସ କରନ୍ତି କି? ମୋତେ ତାହା କହିବା ଉଚିତ୍ ନୁହେଁ, କାରଣ ଏହା ଲୋକମାନଙ୍କୁ ବହୁତ ଅଧିକ ଝୁଣ୍ଟେଇ ପକାଇଥାଏ । ଆପଣଙ୍କର ଏକ ବହୁତ୍ ଉତ୍ତମ...

175 ଏଠାରେ ଜଣେ ଶ୍ୱେତ ପୁରୁଷ, ଅଶ୍ୱେତ ମହିଳା ଅଛନ୍ତି, ଠିକ ଯେପରି ଏହା ଆମର ପ୍ରଭୁ ଏବଂ କୂପରେ ଥିବା ସ୍ତ୍ରୀଲୋକ ପରି, ଦୁଇଟି ଭିନ୍ନ ଜାତି । ସେ ସେମାନଙ୍କୁ ଏହା ଜଣାଇଲେ ଯେ ଜାତିରେ କୌଣସି ପାର୍ଥକ୍ୟତା ନାହିଁ । ଆମ ବର୍ଣ୍ଣର ଏହା ସହିତ କୌଣସି ସମ୍ପର୍କ ନାହିଁ । ଆମେ ସମସ୍ତେ...ଆମେ ପରସ୍ପର ଜଣେ ଅନ୍ୟକୁ ରକ୍ତଦାନ କରିପାରିବା । ପରମେଶ୍ୱର, ଗୋଟିଏ ରକ୍ତରୁ, ସମସ୍ତ ଜାତିକୁ ସୃଷ୍ଟି କଲେ ।

176 ଆପଣଙ୍କର ମୁଣ୍ଡବିନ୍ଧା, ଜବରଦସ୍ତ ମୁଣ୍ଡବିନ୍ଧା ହେଉଅଛି । ତା'ପରେ ଆପଣ ନିଜ ହୃଦୟରେ ଏକ ବୋଝ ରଖିଛନ୍ତି, ତାହା ସେହି ପିଲା ପାଇଁ ଅଟେ । ଆଉ ଆପଣ...ଏହା ଦଳିତ ଅଟେ । [ଭଉଣୀ କୁହନ୍ତି, "ଆମେନ୍ ।"—ଅନୁ ।] ତାହା ଅବିକଳ ଠିକ୍ ଅଟେ । କଅଣ ଏହା ସତ କି? ["ଆମେନ୍ ।"] ତାହା ଠିକ୍ ।

177 ସେଠାରୁ ଆପଣଙ୍କଠାରେ ବସିଥିବା ଏହି ମହିଳା, ସେ ଆପଣଙ୍କ ସହିତ ପରିଚିତ ଥିବା ପରି ମନେହୁଏ, ଯାହାକି ଆପଣଙ୍କର ମାତା ଅଟନ୍ତି । [ଭଉଣୀ କୁହନ୍ତି, "ଆମେନ୍ ।"—ଅନୁ ।] ତାହା ଠିକ୍ । ["ପରମେଶ୍ୱରଙ୍କର ପ୍ରଶଂସା ହେଉ!"] ଏବଂ ତାଙ୍କ ସହିତ କିଛି ଗୋଟିଏ ସମସ୍ୟା ଅଛି ।

178 ହେ ନାରୀ, କଅଣ ଆପଣ ମୋତେ ବିଶ୍ୱାସ କରନ୍ତି? [ମାଆ କୁହନ୍ତି, "ଆମେନ୍ ।"—ଅନୁ ।] କଅଣ ଆପଣ କରନ୍ତି କି? ଆପଣଙ୍କର ସମସ୍ୟାଟି ଆପଣଙ୍କର ପାର୍ଶ୍ୱରେ ଯନ୍ତ୍ରଣାଦାୟକ ଅଟେ । ତାହା ଠିକ୍ । ଏହା ଆପଣଙ୍କର ଡାହାଣ ପାର୍ଶ୍ୱ ଅଟେ ଯାହା ଯନ୍ତ୍ରଣା ଦେଉଅଛି । କଅଣ ଏହା ଠିକ୍? ଯଦି ତାହା ଠିକ୍, ତେବେ ନିଜର ହାତ ଉଠାନ୍ତୁ । ଏହା ଆପଣଙ୍କୁ ଆଉ କଷ୍ଟ ଦେବାକୁ ଯାଉ ନାହିଁ । କଅଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ମୋତେ କହିପାରିବେ ଯେ ଆପଣ କିଏ ଅଟନ୍ତି? ଶ୍ରୀମତୀ ଲୋୱେଲ୍ । ["ଆମେନ୍ ।"] ସଠିକ୍ । ["ଆମେନ୍ ।"] ଠିକ ଅଛି, ନିଜର ମାର୍ଗରେ ଯାଆନ୍ତୁ, ପ୍ରଭୁ ଯୀଶୁ ଆପଣଙ୍କୁ ଆପଣଙ୍କର ଅନୁରୋଧ ଦିଅନ୍ତି ।

179 ଠିକ ସେଠାରେ ତାହାର ଶେଷରେ ଆଉ ଜଣେ ସାନ ଅଶ୍ୱେତ ମହିଳା ବସିଛନ୍ତି, ଦେଖୁଛନ୍ତି, ତାହା ଠିକ୍—ଠିକ୍ ତାହାଙ୍କୁ ଖଣ୍ଡ ଖଣ୍ଡ କରିବା ଭଳି ହେଉଅଛି । ସେ ମୋ ଆଡକୁ ଚାହିଁ ବସିଛନ୍ତି । ସେ ଏହାକୁ ବିଶ୍ୱାସ କରନ୍ତି । ତାହା, କଅଣ ଆପଣ ସେହି ବିଷୟକୁ ଠିକ ତାଙ୍କ ପାଖରେ ଥିବା ଦେଖୁ ନାହାଁନ୍ତି? ସେ କିଡନୀ ଜନିତ ସମସ୍ୟାରେ ପୀଡିତ ଅଟନ୍ତି । ତାହା ଠିକ୍ । ଏହା ବର୍ତ୍ତମାନ ସମାପ୍ତ ହୋଇଅଛି; ସେ ଆପଣଙ୍କୁ ସୁସ୍ଥ କରିଛନ୍ତି । ଆମେନ୍ ।

180 ଆପଣ କାହିଁକି ବିଶ୍ୱାସ କରୁ ନାହାଁନ୍ତି? "ଯଦି ତୁମେ ବିଶ୍ୱାସ କରିପାରିବ, ସମସ୍ତ ବିଷୟ ସମ୍ଭବ ।" କଅଣ ଆପଣ ଏହା ବିଶ୍ୱାସ କରନ୍ତି? [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ଅନୁ ।]

ଏଠାରେ ଅଛି...ଅଶ୍ଵେତ ଲୋକମାନଙ୍କୁ ଦେଖନ୍ତୁ! ଶ୍ଵେତ ବନ୍ଧୁଗଣ, ଆପଣଙ୍କର ବିଶ୍ୱାସ କାହିଁରେ ଅଛି?

181 ଠିକ ଏଠାରେ ଜଣେ ଅଶ୍ଵେତ ମହିଳା ବସିଛନ୍ତି, ମୋତେ ଠିକ୍ ଦେଖୁଛନ୍ତି, ଜଣେ ବିଶାଳକାୟ ମହିଳା। ସେ ଆଣ୍ଠୁରେ ଅସୁବିଧା ଭୋଗୁଛନ୍ତି। ସେ ଆହୁରି ଏକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ତାଙ୍କର ହୃଦୟ ଜନିତ ସମସ୍ୟା ଅଛି। ହଁ। ଏବଂ ତାଙ୍କର ଦୁର୍ବଳତା, ଧଡ଼ ଧଡ଼ କରିବା ଏବଂ ସେପରି ବିଷୟମାନ ରହିଛି, ବିଶେଷତଃ ଯେତେବେଳେ ଆପଣ ଶୋଇବାକୁ ଚେଷ୍ଟା କରୁଛନ୍ତି, ଘାବରା ହେଲା ଭଳିଆ ଲାଗେ। ଦେଖନ୍ତୁ? ଗତକାଲି ରାତିରେ ଏହା ଘଟିଛି। ମନେରଖନ୍ତୁ, ମୁଁ ଆପଣଙ୍କର ମସ୍ତିଷ୍କ ପଢୁ ନାହିଁ, କିନ୍ତୁ ମୁଁ ଜାଣେ ଯେ ଆପଣ କେଉଁ ବିଷୟରେ ପ୍ରାର୍ଥନା କଲେ। ଆପଣ ଆଜି ହିଁ ତାହା ଚାଲି ଯାଉ ବୋଲି ଚାହାଁନ୍ତି, ଏବଂ ସେ ଆପଣଙ୍କ ପାଇଁ ଉତ୍ତର ଦେଇଛନ୍ତି। ବର୍ତ୍ତମାନ ଆପଣ ବଡ଼ କଷ୍ଟରେ ଉଠି ସୁଦ୍ଧା ପାରୁ ନାହାଁନ୍ତି, କାରଣ ଆପଣଙ୍କର ଆର୍ଥ୍ରାଇଟିସ୍ ଅଛି। ତାହା ଠିକ୍ ଅଟେ। ଏବଂ ତାହାପରେ, ଅନ୍ୟ ଏକ ବିଷୟ, ଆପଣଙ୍କର ଏକ ପେଟ ସମସ୍ୟା ଅଛି, ଯାହାକି ପେଟ ଭିତରେ ଏକ ବୃଦ୍ଧି ଅଟେ। ତାହା ସତ୍ୟ ଅଟେ। ବର୍ତ୍ତମାନ କଅଣ ଆପଣ ମୋତେ ତାହଙ୍କର ଭବିଷ୍ୟଦ୍‌ବକ୍ତା ବୋଲି ବିଶ୍ୱାସ କରନ୍ତି କି? ଯାହା ବି ହେଉ, ମୁଁ ଏହାକୁ କହିବି। ବିଶ୍ୱାସ କରନ୍ତୁ, ଏବଂ ଆପଣ ଭଲ ହୋଇଯିବେ।

182 *ଆପଣଙ୍କର* ପେଟ ସମସ୍ୟା ବିଷୟରେ କଅଣ? କଅଣ ଆପଣ ବିଶ୍ୱାସ କରନ୍ତି କି ପରମେଶ୍ୱର ଆପଣଙ୍କର ପେଟ ସମସ୍ୟାକୁ, ସେଠାରେ ବସିଥିବା ଅବସ୍ଥାରେ, ମଧ୍ୟ, ସୁସ୍ଥ କରିବେ? ଆପଣ ଏହାକୁ ବିଶ୍ୱାସ କରନ୍ତି କି? ଠିକ୍ ଅଛି, ତାହାହେଲେ ଆପଣ ନିଜର ପେଟର ଆରୋଗ୍ୟତାକୁ ପାଇପାରନ୍ତି। ଆମେନ୍।

183 ହେ ନାରୀ, କଅଣ ଆପଣ ଧୂମପାନ ଛାଡିବାକୁ ଚାହୁଁଛନ୍ତି? କଅଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ଆପଣଙ୍କୁ ଧୂମପାନ ତ୍ୟାଗ କରାଇବେ? ଦୀର୍ଘ ସମୟ ଧରି ଚେଷ୍ଟା କରୁଛନ୍ତି। ଆପଣଙ୍କର ପେଟ ସମସ୍ୟା, ମଧ୍ୟ ଅଛି; ସିଗାରେଟ୍ ଛାଡିବାକୁ ଚେଷ୍ଟା କରୁଛନ୍ତି। ତାହା ହିଁ ଆପଣଙ୍କୁ ପେଟ ସମସ୍ୟାରେ ପକାଉଅଛି। କଅଣ ଆପଣ ସେଗୁଡିକୁ ଛାଡିବେ କି? ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ମୁଁ ଆପଣଙ୍କୁ ସେଗୁଡିକଠାରୁ ବିରକ୍ତ କରେ, କାରଣ ତାହାଙ୍କୁ ଛୁଇଁବାର ଆପଣଙ୍କର ବିଶ୍ୱାସ ହେତୁରୁ।

ମୁଁ ଆପଣଙ୍କୁ ପରମେଶ୍ୱରଙ୍କୁ ବିଶ୍ୱାସ କରିବାକୁ ଆହ୍ୱାନ କରୁଛି!

184 ଏଠାରେ ଜଣେ ସାନ ମହିଳା ସେଠାରେ ବସି ତାଙ୍କ ପାଇଁ ପ୍ରାର୍ଥନା କରୁଛନ୍ତି...କର୍କଟ ରୋଗରେ ପୀଡିତ ଡାକ୍ତରଖାନାରେ ଜଣେ ପ୍ରିୟଜନଙ୍କ ନିମନ୍ତେ। ଠିକ୍। ଏହା ଜଣେ ମାମୁଁ ଅଟନ୍ତି। ତାହା ଠିକ୍। ଆପଣ ମଧ୍ୟ...ଆପଣ ଜଣେ ସେବକର ପତ୍ନୀ ଅଟନ୍ତି। ଆପଣ ନିଜର ସମସ୍ତ ହୃଦୟ ସହିତରେ ବିଶ୍ୱାସ କରନ୍ତୁ, ସେହି ବ୍ୟକ୍ତି ଭଲ ହୋଇଯିବେ।

185 ମୁଁ ଆପଣଙ୍କୁ ପରମେଶ୍ୱରଙ୍କଠାରେ ବିଶ୍ୱାସ କରିବାକୁ ଆହ୍ୱାନ କରୁଛି! ତାହା କଅଣ ଅଟେ? ଯୀଶୁ ଖ୍ରୀଷ୍ଟଙ୍କ ପରିଚୟ । ଆପଣ କୁହନ୍ତି, "ଖ୍ରୀଷ୍ଟ କ'ଣ ଅଟନ୍ତି?"

186 ସେ ହେଉଛନ୍ତି ବାକ୍ୟ । "ଆଦ୍ୟରେ ବାକ୍ୟ ଥିଲା, ବାକ୍ୟ ପରମେଶ୍ୱରଙ୍କ ସହିତରେ ଥିଲା । ଏବଂ ବାକ୍ୟ ଶରୀରରୂପ ଧାରଣ କଲେ ଏବଂ ଆମ ମଧ୍ୟରେ ବାସ କଲେ ।" "ବାକ୍ୟ ଦ୍ୱି-ଧାର ଖଣ୍ଡଠାରୁ ତୀକ୍ଷ୍ଣତର, ହୃଦୟର ଚିନ୍ତା ଏବଂ ଉଦ୍ଦେଶ୍ୟର ସୂକ୍ଷ୍ମ ବିଚାରକ ଅଟେ ।" କଅଣ ଆପଣ ଦେଖିପାରୁ ନାହାଁନ୍ତି ଯେ ଶେଷ ଦିନରେ ବାକ୍ୟ ଆମମାନଙ୍କ ମଧ୍ୟରେ ଆସିଅଛି? ଏହା ତ ପବିତ୍ରଆତ୍ମା ଅଟନ୍ତି ଯିଏକି ପରମେଶ୍ୱରଙ୍କ ବାକ୍ୟକୁ ନିଅନ୍ତି ଏବଂ ଯୀଶୁ ଖ୍ରୀଷ୍ଟଙ୍କୁ ଚିହ୍ନିତ କରାନ୍ତି, ଯାହାକି ସେହି ଚିହ୍ନ ଅଟେ । ଆମେନ୍ । କଅଣ ଆପଣ ବିଶ୍ୱାସ କରନ୍ତି? [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ଅନୁ ।]

187 କେତେ ଜଣ ପ୍ରାର୍ଥନା କାର୍ଡ ପାଇଛନ୍ତି? *ଏହି* ପାର୍ଶ୍ୱରେ ଥିବା ସମସ୍ତେ ଯେଉଁମାନେକି ପ୍ରାର୍ଥନା କାର୍ଡ ପାଇଛନ୍ତି, *ଏଠାରେ* ଏହି ଧାଡିରେ ଛିଡ଼ା ହୁଅନ୍ତୁ । ସେହି ପାର୍ଶ୍ୱରେ ଥିବା ସମସ୍ତେ, କେବଳ ଛିଡା ହୁଅନ୍ତୁ, କେବଳ ସେହି ପାର୍ଶ୍ୱ ଏଠାରେ ଏହି ଗଳିରେ ଛିଡା ହୁଅନ୍ତୁ । ନା, କେବଳ ଡାହାଣ-ହାତର ଗଳିରେ, ଦୟାକରି, ଠିକ ସେଠାରେ । ସାହାଯ୍ୟକାରୀମାନେ, ଆପଣଙ୍କର ସ୍ଥାନକୁ ଯାଆନ୍ତୁ । ତେବେ ଯେତେବେଳେ ସେମାନଙ୍କର ହୋଇଯିବ, ଅନ୍ୟମାନେ ଠିଆ ହୋଇଯିବେ, ସେମାନେ ଆସିବା ପରେ, ତା'ପରେ ଅନ୍ୟ ପାର୍ଶ୍ୱ ସହିତ ଅଦଳବଦଳ କରିବେ । ବର୍ତ୍ତମାନ ସମସ୍ତେ ଭକ୍ତି ସହକାରେ ରୁହନ୍ତୁ ।

188 ପବିତ୍ରଆତ୍ମା ଏହି ସଭାକୁ ଅଧିକାର କରି ନେଲେ, ତେଣୁ ପ୍ରମାଣ କରିବା ହେତୁ ଯଥେଷ୍ଟ କୁହାଗଲା ଏବଂ କରାଗଲା । କେତେ ଲୋକ ବିଶ୍ୱାସ କରନ୍ତି ଯେ ସେ ଏଠାରେ ଅଛନ୍ତି? କେତେ ଲୋକ ବିଶ୍ୱାସ କରନ୍ତି ଯେ ତାହା ସେହି ଚିହ୍ନ ଅଟେ? କେତେ ଲୋକ ବିଶ୍ୱାସ କରନ୍ତି ଯେ ଏହା ବାକ୍ୟ ଅଟେ? [ମଣ୍ଡଳୀ ଆନନ୍ଦ କରିବା ଆରମ୍ଭ କରନ୍ତି—ଅନୁ ।] ଦେଖନ୍ତୁ, କେତେଜଣ ଜାଣନ୍ତି ଯେ ଏବ୍ରୀ ପୁସ୍ତକ କୁହେ, ଯେ, "ପରମେଶ୍ୱରଙ୍କ ବାକ୍ୟ ହୃଦୟରେ ଥିବା ଚିନ୍ତାଧାରାଗୁଡିକୁ ବିଚାର କରେ"? କେତେ ଜଣ ତାହା ଜାଣନ୍ତି? କେତେ ଜଣ ଜାଣନ୍ତି ଯେ ସେହି କାରଣରୁ ହିଁ ଯୀଶୁ ସେମାନଙ୍କ ହୃଦୟରେ ଥିବା ଚିନ୍ତାଧାରାକୁ ଜାଣିପାରିଥିଲେ, ଯେହେତୁ ସେ ବାକ୍ୟ ଥିଲେ? କେତେ ଲୋକ ଏହା ବିଶ୍ୱାସ କରନ୍ତି? କେତେ ଲୋକ ବିଶ୍ୱାସ କରନ୍ତି ଯେ ଭବିଷ୍ୟଦ୍‌ବକ୍ତାମାନଙ୍କ ସହିତ ତାହା ହିଁ ଥିଲା? ସେମାନେ ହିଁ ସେହି ଲୋକ ଥିଲେ ଯାହାଙ୍କ ପାଖକୁ ବାକ୍ୟ ଆସିଥିଲା । ତେବେ ଯଦି ବାକ୍ୟ ଆମ ପାଖକୁ ଫେରି ଆସେ, କଅଣ ତାହା ସେହି ସମାନ କାର୍ଯ୍ୟ କରିବ ନାହିଁ କି? ତେବେ କିପରି ଭାବରେ ସେହି ବାକ୍ୟ ଯାହାକି ବାକ୍ୟକୁ ଚିହ୍ନଟ କରେ, ସେହି ବାକ୍ୟ ଦ୍ୱାରା ଭୁଲ ହୋଇପାରେ? ଓଃ, ଦୟା କର! ଭକ୍ତି ସହକାରେ ରୁହନ୍ତୁ!

189 ଆରେ, ଏଠାରେ ବସିଥିବା ଏହି ମହିଳା ଜଣକ, ତାଙ୍କ ହୃଦୟରେ ମଧ୍ୟ, କିଛି ଗୋଟାଏ ଅଛି । ମୁଁ ବୁଲୁ ବୁଲୁ ଏହାକୁ ଧରି ପକାଇଲି । କଅଣ ଆପଣ ଶ୍ରୀମତୀ ଗ୍ରାଣ୍ଟ ନୁହଁନ୍ତି କି? ମୁଁ ଏହା

କେବେ ଜାଣି ନ ଥିଲି । କିନ୍ତୁ ଆପଣ ଶ୍ରୀମତୀ ଗ୍ରାଣ୍ଟ ଅଟନ୍ତି, କାରଣ ମୁଁ ଆପଣଙ୍କୁ ଏହା ସହିତ ଦେଖୁଛି । ଆପଣ ଅଧୀର ହୋଇଯାଆନ୍ତି ଯାହା ଆପଣଙ୍କୁ ବ୍ୟଥିତ କରୁଛି । ଆପଣଙ୍କର ଅଛି, ଆପଣଙ୍କର ପୁଅର ଆଉ କିଛି ଗୋଟାଏ ଅଛି...ତା'ର ରକ୍ତ, ଏପରିକି, ଝରୁଛି । ମୁଁ ଏହାକୁ ବିଶ୍ୱାସ କରିବା ନିମନ୍ତେ ଆପଣଙ୍କୁ ଆହ୍ୱାନ କରୁଛି! ଆମେନ୍ । ସେ ପରିସ୍ଥିତିର ସ୍ୱାମୀ ଅଟନ୍ତି । ସେ ମୃତ୍ୟୁର ସ୍ୱାମୀ ଅଟନ୍ତି ।

ଆସନ୍ତୁ ପ୍ରାର୍ଥନା କରିବା ।

190 ପ୍ରଭୁ ଯୀଶୁ, ଯେତେବେଳେକି ତୁମର ଉପସ୍ଥିତି ଆମକୁ ଅଭିଷେକ କରୁଛି, ଏଠାରେ ଏହି ଭବନରେ, ଏବଂ ଆମେ ଜାଣୁ ଯେ ଏହା ପବିତ୍ରଆତ୍ମା ଅଟନ୍ତି, ହେ ପ୍ରଭୁ, ମୁଁ ପ୍ରାର୍ଥନା କରେ ଯେ ତୁମେ ପ୍ରତ୍ୟେକ ସେହି ବ୍ୟକ୍ତିଙ୍କୁ ସୁସ୍ଥ କରିବ ଯିଏକି ଏହି ରୁମାଲଗୁଡିକୁ ପିନ୍ଧେ ।

191 ଥରେ, ଆମେ ବାଇବଲରେ ଶିକ୍ଷା ପାଇଛୁ, ଯେ ତୁମର ଲୋକମାନେ, ଠିକ୍ କର୍ତ୍ତବ୍ୟ ନିର୍ବାହର ପଥରେ, ସୂଫ ସାଗରକୁ ପାର କରୁଥିଲେ, ଏବଂ ସେହି ସମୁଦ୍ର ପ୍ରତିଜ୍ଞାତ ଦେଶକୁ ଯିବା ସେମାନଙ୍କ ବାଟରେ, ଛିଡ଼ା ହୋଇଗଲା । ପରମେଶ୍ୱର କ୍ରୋଧିତ ଆଖିରେ, ସେହି ଅଗ୍ନି ସ୍ତମ୍ଭ ଦେଇ ତଳକୁ ଚାହିଁଲେ, ଏବଂ ସେହି ସମୁଦ୍ର ଭୟଭୀତ ହୋଇଗଲା, ଓ ପଛକୁ ଫେରିଗଲା, ଏବଂ ଇସ୍ରାଏଲ ଠିକ୍ କର୍ତ୍ତବ୍ୟ ପଥରେ, ପ୍ରତିଜ୍ଞାତ ଦେଶକୁ ଚାଲିଗଲେ ।

192 ହେ ପ୍ରଭୁ ପରମେଶ୍ୱର, ହେବାକୁ ଦିଅ ଯେ ତୁମର ଆଖି ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ଦେଇ, ଏଠାରେ ଥିବା ଏହି ଚିହ୍ନକୁ ଦେଖୁ ଯାହାକି ଆମେ ଆଜି ଏହି ରୁମାଲଗୁଡିକ ଉପରେ ଧରିଅଛୁ । ଏବଂ ହେବାକୁ ଦିଅ ଯେସମସ୍ତେ ଏହାକୁ ପିନ୍ଧିବେ, ଅସୁସ୍ଥତା ଭୟଭୀତ ହୋଇଯାଉ, ତାହା ପଛକୁ ଫେରିଯାଉ ଏବଂ ତୁମର ଲୋକମାନେ ଅତିକ୍ରମ କରି ଉତ୍ତମ ସ୍ୱାସ୍ଥ୍ୟର ପ୍ରତିଜ୍ଞାକୁ ଚାଲିଯାଆନ୍ତୁ । "ବିଶ୍ୱାସର ପ୍ରାର୍ଥନା ରୋଗୀଙ୍କୁ ଉଦ୍ଧାର କରିବ ।" ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ତାହା ସେପରି ହେଉ । ଆମେନ୍ ।

193 ଏଠାରେ କେତେଜଣ ବିଶ୍ୱାସ କରୁଥିବା ମେଥୋଡିଷ୍ଟ ପ୍ରଚାରକ, ବାପ୍‌ଟିଷ୍ଟ ପ୍ରଚାରକ, ପ୍ରେସବିଟେରିଆନ୍ ପ୍ରଚାରକଗଣ, ବାପ୍‌ଟିଷ୍ଟ ପ୍ରଚାରକଗଣ, ଲୁଥରାନ୍, କିମ୍ବା ପେଣ୍ଟିକଷ୍ଟାଲ୍ ଅଛନ୍ତି? ଆପଣମାନଙ୍କ ମଧ୍ୟରୁ କେତେଜଣ ଏହା ସତ୍ୟ ବୋଲି ବିଶ୍ୱାସ କରନ୍ତି? ତେବେ ଆମେ ଅସୁସ୍ଥମାନଙ୍କ ପାଇଁ ପ୍ରାର୍ଥନା କରୁଥିବାବେଳେ ଏଠାକୁ ଆସନ୍ତୁ ଏବଂ ମୋ ପାଖରେ ଛିଡା ହୁଅନ୍ତୁ । ହେ ସମସ୍ତ ପ୍ରଚାରକଗଣ ଯେଉଁମାନେକି ବିଶ୍ୱାସ କରନ୍ତି, ଏଠାକୁ ଆସନ୍ତୁ ।

194 ଏହା ଠିକ ଅଟେ, ନୁହେଁ କି? ଭାଇ ଗ୍ରାଣ୍ଟ, କଅଣ ଠିକ୍ ଅଟେ? [ଭାଇ ଗ୍ରାଣ୍ଟ କୁହନ୍ତି, "ନିଶ୍ଚିତ ।"—ଅନୁ ।] ଉ-ହୁ ।

195 ଭାଇ, ଏଠାକୁ ତଳକୁ ଆସନ୍ତୁ । ଭାଇ ଗ୍ରାଣ୍ଟଙ୍କର ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବାର ଏକ ସେବାକାର୍ଯ୍ୟ ଅଛି । ଜଣେ ସାହସୀକ ବ୍ୟକ୍ତି, ଜଣେ ଭଲ ମଣିଷ, ଏପରି ଜଣେ ବ୍ୟକ୍ତି ଯାହାଙ୍କର ପରମେଶ୍ୱର ଶୁଣନ୍ତି ଏବଂ ପ୍ରାର୍ଥନାର ଉତ୍ତର ଦିଅନ୍ତି, ଭାଇ ଗ୍ରାଣ୍ଟ । ମୁଁ ଆଜି ତାଙ୍କ

ଚାରିପାଖରେ ମୋ ବାହୁକୁ ଦେବା ପାଇଁ ଆଉ ତାହା କହିବା ପାଇଁ ଖୁସି ଅଟେ, ଏବଂ ମୋର ଭାଇ । ବର୍ତ୍ତମାନ ସେ ମୋ ସହିତ ପ୍ରାର୍ଥନା କରିବାକୁ ଏଠାରେ ତଳକୁ ଓହ୍ଲାଇବାକୁ ଯାଉଛନ୍ତି ।

196 ଯେତେବେଳେ ଆପଣ ଏହି ଧାଡି ଦେଇ ଆସିବେ, ଠିକ୍ ଯେପରିକି ଆପଣ କ୍ରୁଶ ତଳେ ଆସିଥାଆନ୍ତି । ଭାଇମାନେ, ଠିକ ଏଠାରେ ଦୁଇଟି ଧାଡି କରନ୍ତୁ, ଠିକ ଏଠାରେ । ଦୁଇଟି ଧାଡି ତିଆରି କରନ୍ତୁ; କିଛି ଏଠାରେ ଉପରେ, କିଛି ସେଠାରେ ତଳେ ।

197 ଭାଇ ରୟ ବୋର୍ଡର୍ସ, ଆପଣ କେଉଁଠାରେ ଅଛନ୍ତି? ଭାଇ ରୟ ବୋର୍ଡର୍ସ, ମୁଁ ଭାବିଲି ସେ ଏଠାରେ ଅଛନ୍ତି । [କେହି ଜଣେ କୁହନ୍ତି, "ସେ ଠିକ୍ ଆସିଯିବେ ।"—ଅନୁ ।]

198 ଏଠାରେ ଏହି, ସେବକମାନଙ୍କୁ ଦେଖନ୍ତୁ, କଅଣ ଦେଖିବେ କି! ସେଠାରେ ଦେଖନ୍ତୁ । ଭାଇମାନେ, ମୋତେ ତାହା ଭଲ ଅନୁଭବ କରାଏ । କ୍ରୁଶର ସେବକଗଣ, ସେହି ବ୍ୟକ୍ତି ଯେଉଁମାନେ କି ଏଠାରେ ନିଜକୁ ବାର୍ତ୍ତା ସହିତ ଚିହ୍ନଟ କରାଇବା ପାଇଁ ଠିଆ ହୋଇଛନ୍ତି । କ'ଣ ଘଟିତ ହୋଇପାରେ?

199 ତେବେ, ଦେଖନ୍ତୁ, ଏହାକୁ ବର୍ତ୍ତମାନ ସେବକମାନଙ୍କ ଉପରେ ଲଦି ଦିଅନ୍ତୁ ନାହିଁ । ସେମାନେ ନିଜକୁ ଚିହ୍ନଟ କରିବା ପାଇଁ ଆସିଛନ୍ତି । ଯେତେବେଳେ ଆପଣ ଏଠାରୁ ଦେଇ ଅତିକ୍ରମ କରନ୍ତି, ପରିଚ-...ନିଜ ଆଗରେ ସେହି ଚିହ୍ନକୁ ଧରି ରଖନ୍ତୁ, "ପ୍ରଭୁ ଯୀଶୁ, ମୁଁ ମୋର ପାପଗୁଡିକୁ ସ୍ୱୀକାର କରିଅଛି । ଏହାର ପ୍ରତିବଦଳରେ, ତୁମେ ମୋତେ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଦେଇଛ । ମୁଁ ଏକ କ୍ରୟ ବସ୍ତୁ ଅଟେ । ପାପ, ଅସୁସ୍ଥତା କିମ୍ବା ଅନ୍ୟ କିଛି ମୋତେ ଏଠାରୁ ଧରି ରଖିପାରିବ ନାହିଁ । ମୁଁ ଠିକ୍ ଗତି କରୁଛି ।" ଏହାକୁ, ଓଃ, ନିଜ ଆଗରେ ଧରି ରଖନ୍ତୁ, ଏବଂ ଏଠାରୁ ଅତିକ୍ରମ କରନ୍ତୁ, ଏବଂ ପରମେଶ୍ୱର ଆପଣଙ୍କୁ ସୁସ୍ଥ କରିବେ ଏବଂ ଆପଣ ଏଠାରୁ ଆନନ୍ଦରେ ବାହାରକୁ ଯିବେ, ଖୁସି ହୋଇ ଏବଂ ସୁସ୍ଥ ହୋଇ । କଅଣ ଆପଣ ଏହାକୁ ବିଶ୍ୱାସ କରନ୍ତି? [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ଅନୁ ।]

200 ବର୍ତ୍ତମାନ ଏଠାରେ ଥିବା ପ୍ରତ୍ୟେକ ବ୍ୟକ୍ତି, ଆସନ୍ତୁ, ମୁଣ୍ଡ ନୁଆଁଇବା, ଯେତେବେଳେ ଏକ ସଙ୍ଗରେ ଅଛୁ । କଅଣ ଘଟିବ ଆମେ ଜାଣି ନାହୁଁ । ଆମେ କେବଳ ଜାଣି ହିଁ ନାହୁଁ । ଆଜି ଅପରାହ୍ନରେ କୌଣସି ଅସୁସ୍ଥ ବ୍ୟକ୍ତିଙ୍କୁ ଏହି ଭବନ ଛାଡିକି ଯିବାର କୌଣସି କାରଣ ନାହିଁ । ସେହି ଚିହ୍ନକୁ ନିଜ ହୃଦୟରେ ଧରି ରଖି, ଠିକ ଏହି ପ୍ରାର୍ଥନା ଧାଡି ଦେଇ ଚାଲି ଯାଆନ୍ତୁ, ଯେଉଁଠାରେକି ସେବକମାନେ, ଯେଉଁମାନେକି ସେମାନଙ୍କର ଜୀବନକୁ ସେବା—ସେବା ପ୍ରତି ଉତ୍ସର୍ଗ କରିଛନ୍ତି, ଏଠାରେ ଛିଡା ହେବାକୁ ଯାଉଛନ୍ତି, ଏବଂ ଆପଣମାନେ ଯାଉଥିବା ବେଳେ ଆପଣମାନଙ୍କ ଉପରେ ହାତ ରଖିବାକୁ ଯାଉଛନ୍ତି ।

ଆପଣ କୁହନ୍ତି, "ଭାଇ ବ୍ରାନହାମ୍, ଆପଣ କଅଣ ପାଇଁ ତାହା କଲେ?"

201 ମୁଁ ଚାହେଁ ଆପଣମାନେ, ସମସ୍ତେ, ଏହା ଠିକ୍ ଜାଣନ୍ତୁ...ଯେ ମୁଁ ଆରୋଗ୍ୟଦାତା ନୁହେଁ । ଏହି ବ୍ୟକ୍ତିମାନଙ୍କ ପାଖରେ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବାର ଠିକ ସେତିକି ଅଧିକାର ଅଛି ଯେତିକି ଅନ୍ୟ କାହାରି ପାଖରେ ଅଛି । ସତ କହିବାକୁ ଗଲେ, ମୁଁ ବିଶ୍ୱାସ କରେ

ଯେ ପରମେଶ୍ୱର ମୋର ପ୍ରାର୍ଥନାର ଉତ୍ତର ଦେବା ପୂର୍ବରୁ ସେମାନଙ୍କର ପ୍ରାର୍ଥନାକୁ ଉତ୍ତର ଦେବେ । ମୁଁ କ୍ଳାନ୍ତ ହୋଇଯାଇଛି ଓ ଥକି ଯାଇଛି, ଏବଂ ସବୁକିଛି । ମୁଁ—ମୁଁ ବିଶ୍ୱାସ କରେ ଯେ ସେ ସେମାନଙ୍କର ପ୍ରାର୍ଥନାଗୁଡିକୁ ଉତ୍ତର ଦେବେ । ଏବଂ ଏଠାରେ ସେମାନେ ନିଜକୁ ଚିହ୍ନଟ କରାଇବା ପାଇଁ, ଠିକ ଏହାର ମଧ୍ୟରେ ଛିଡ଼ା ହୋଇଛନ୍ତି, ଏବଂ ସେମାନଙ୍କର ସ୍ଥାନ ନେବାକୁ ଲଜ୍ଜିତ ନୁହଁନ୍ତି । ମୁଁ ସେପରି ବ୍ୟକ୍ତିଙ୍କୁ ପ୍ରଶଂସା କରେ ।

202 ବର୍ତ୍ତମାନ, ଭାଇମାନେ, ମୁଁ ଆପଣଙ୍କର ଅନୁଭବକୁ ଜାଣେ । ମୁଁ, ମୁଁ ଆପଣଙ୍କ ସହିତରେ ଜଣେ ଅଟେ । ମୁଁ ହିଁ ସେହି ଜଣକ ଅଟେ ଯିଏକି ଆପଣମାନଙ୍କ ସହିତରେ ମୋର ଜାଲକୁ ବୁଣିଛି, ଏଠାରେ ଟେକ୍ସାସଠାରେ, ଯେପରିକି ସେହି ମାଛମାନଙ୍କ ମଧ୍ୟରୁ ପ୍ରତ୍ୟେକକୁ ଧରିବାକୁ ଚେଷ୍ଟା କରେ ଯାହାକୁ ସେଠାରେ ବାହାରେ, ପରମେଶ୍ୱର ଜୀବନ ପାଇଁ ନିରୂପଣ କରିଛନ୍ତି । ମୁଁ ମୋର ସବୁଠୁ ଭଲ କାମ କରୁଛି । ମୁଁ ଆପଣମାନଙ୍କ ସହିତରେ, ଶତ ପ୍ରତିଶତ ଅଛି । ବେଳେବେଳେ ମୁଁ ସଂଗଠନ ଏବଂ ବିଷୟ ପ୍ରଭୃତିରେ ଗାଳିଗୁଲଜ ଓ ତିରସ୍କୃତ କରେ । ଏହାର ଅର୍ଥ ନୁହେଁ ଯେ ମୋର ଭାଇ, ମୁଁ ତୁମ ବିରୁଦ୍ଧରେ ଅଛି । ମୋର ଅଭିପ୍ରାୟ ହେଉଛି ମୁଁ ସେହି ବ୍ୟବସ୍ଥା ବିରୁଦ୍ଧରେ ଅଟେ ଯାହାକି କୌଣସି ଧାର୍ମିକ ଶିକ୍ଷା ହେତୁରୁ, ଆମକୁ ଭାଇ ହେବା ଠାରୁ ପୃଥକ କରେ । ଆମେ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଦ୍ୱାରା ଭାଇ ଅଟୁ । ଆମେ ସେହି ସମାନ ଚିହ୍ନ ଧରିଅଛୁ । ଆମେ ସେହି ସମାନ ରକ୍ତ ପାଇଅଛୁ, ତେଣୁ ଆସନ୍ତୁ ଏହାକୁ ବିଶ୍ୱାସ କରିବା । ଭାଇମାନେ, ଆମେ ସମସ୍ତେ ସେହି ରକ୍ତ ତଳେ, ଆମେ ସେଠାରେ ସାକ୍ଷାତ କରିପାରୁ (କଅଣ ଆମେ କରିପାରିବା ନାହିଁ?) ।

203 ତେବେ, ମୁଁ ଜଣେ ବାପ୍‌ଟିଷ୍ଟ ଭାବରେ ନିଯୁକ୍ତ ହୋଇଥିଲି । ବୋଧହୁଏ ଆପଣ ଜଣେ ମେଥୋଡିଷ୍ଟ, କିମ୍ବା ଲୁଥରାନ୍, କିମ୍ବା ପ୍ରିସବିଟେରିଆନ୍, ପେଣ୍ଟିକଷ୍ଟାଲ୍, ଏକତ୍ୱବାଦ, ଦ୍ୱିତ୍ୱବାଦ, ତ୍ରିତ୍ୱବାଦ, କିମ୍ବା ଆପଣଙ୍କର ଯାହା ଅଛି, ଚର୍ଚ୍ଚ ଅଫ୍ ଗଡ, ଏହା ଯାହା କିଛି ବି ହେଉ । ତାହା କୌଣସି ପାର୍ଥକ୍ୟତା ଆଣେ ନାହିଁ । ଆମେ ସେମାନଙ୍କ ସହିତ ଛୋଟ ଛୋଟ ବିଷୟ ଉପରେ ସହମତ ହୋଇପାରୁ ନାହିଁ, ତାହାହେଲେ ଆସନ୍ତୁ ସେଗୁଡିକୁ ଭୁଲିଯିବା ।

204 ଏପରି କିଛି ଯାହା ଉପରେ ଆମେ ସହମତ ହୋଇପାରିବା, ଯେ ଆମର ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟ ଆମର ପାପଗୁଡିକ ପାଇଁ ମରିଥିଲେ, ପୁନରୁତଥିତ ହୋଇଥିଲେ ଓ ଆମକୁ ଚିହ୍ନ ଦେଲେ । ଏହି ଧାଡି ଦେଇ ଯାଉଥିବା ଏହି ଅସୁସ୍ଥ ଭାଇ ଓ ଭଉଣୀମାନଙ୍କୁ ଧରି ରଖିବା ପାଇଁ, ଆମେ ଆମର ପ୍ରାର୍ଥନାଗୁଡିକ ସହିତ ଏଠାରେ ଛିଡ଼ା ହୋଇଅଛୁ । ମୁଁ ମୋର ସମସ୍ତ ହୃଦୟ ସହିତ ଏହାକୁ ବିଶ୍ୱାସ କରିବାକୁ ଯାଉଛି ।

205 ମୁଁ ଦେଖିଲି ଯେ କିଛି ଗୋଟାଏ ଠିକ୍ ସେହି ସମୟରେ ଘଟିତ ହେଲା । ଆମେନ୍ । ମୁଁ ଜାଣେ ଯେ ଆପଣମାନେ ଭାବୁଛନ୍ତି ଯେ ମୁଁ ପାଗଳ ଅଟେ, କିନ୍ତୁ ମୁଁ ଭଲ ପାଗଳ ଅନୁଭବ କରୁଅଛି । ମୁଁ କେବଳ ଆଶା କରେ ଯେ ମୁଁ ଠିକ ଏହିପରି ଭାବରେ ରହିପାରେ । ହଁ ଆଜ୍ଞା । ମୁଁ କେବଳ ଏହିପରି ଭାବରେ ଚମତ୍କାର ଅନୁଭବ କରେ ।

ଆସନ୍ତୁ ପ୍ରାର୍ଥନା କରିବା ।

206 ପ୍ରଭୁ ଯୀଶୁ, ମୁଁ ଏହି ଭାଇମାନଙ୍କ ସହିତ ନିଜକୁ ଚିହ୍ନିତ କରାଇବା ପାଇଁ, ଏହି ମଞ୍ଚରୁ, ତଳକୁ, ଓହ୍ଲାଇ ଯାଉଅଛି । ମୁଁ ସେମାନଙ୍କ ସହିତ ନିଜକୁ ଚିହ୍ନଟ କରୁଛି, ତାହା ସହିତ ଆମେ ସମସ୍ତେ ଆମର ଚିହ୍ନକୁ ନିଜ ହାତରେ ଏବଂ ହୃଦୟରେ ଧରିଅଛୁ । ଯେତେବେଳେ ଆମେ ତୁମର ଆଦେଶ ପାଳନ କରୁ, "ରୋଗୀମାନଙ୍କ ଉପରେ ହାତ ରଖ, ଆଉ ସେମାନେ ସୁସ୍ଥ ହେବେ ।" ଏଠାରେ ଯାଉଥିବା ପ୍ରତ୍ୟେକ ବ୍ୟକ୍ତି, ସେମାନଙ୍କର ଚିହ୍ନକୁ ଉପସ୍ଥାପନ କରନ୍ତୁ, ଯେ ସେମାନେ ପବିତ୍ରଆତ୍ମାକୁ ପାଇଛନ୍ତି, ଯେ ସେମାନେ ପରମେଶ୍ୱରଙ୍କ ଜଣେ ନୂଆ-ଜନ୍ମ ପାଇଥିବା ସନ୍ତାନ ଅଟନ୍ତି, ଯେ ସେମାନେ ଏହାକୁ ନିଜର ସମ୍ପୂର୍ଣ୍ଣ ହୃଦୟ ସହିତରେ ବିଶ୍ୱାସ କରନ୍ତି । ଏବଂ ସେମାନେ ତାହା ଦେଇ ଗଲା ବେଳକୁ, ଏହା ହେଉ ଯେ ସେମାନେ ସେହି ରୋଗକୁ ଏବଂ ସେମାନଙ୍କର ଶରୀରର ଦୁଃଖକୁ ଅଭିଶାପ ଦିଅନ୍ତୁ । ଏବଂ ସେମାନେ ଏହା ଜାଣି ଆନନ୍ଦରେ ଏଠାରୁ ବାହାରକୁ ଯାଆନ୍ତୁ, ଯେ ସେମାନଙ୍କର ବିଶ୍ୱାସ ସେମାନଙ୍କୁ ସମ୍ପୂର୍ଣ୍ଣ ଭାବରେ ସୁସ୍ଥ କରିଅଛି ।

207 ଏବଂ, ପ୍ରଭୁ ପରମେଶ୍ୱର, ଯେତେବେଳେ ଆମେ, ପୁରାତନ ନିୟମକୁ ରଖିଲୁ, ବଳିଦାନ ଉପରେ ଆମର ହାତକୁ ରଖିଲୁ, ଯେପରିକି ବଳିଦାନ ସହିତ ନିଜକୁ ଚିହ୍ନିତ କରୁ, ଆମେ ଯୀଶୁଙ୍କ ଉପରେ ନିଜର ହାତକୁ ରଖୁଛୁ ଏବଂ ତାହାଙ୍କ ସହିତ ନିଜକୁ ଚିହ୍ନିତ କରୁଅଛୁ । ସେ ବର୍ତ୍ତମାନ ସେବାକାର୍ଯ୍ୟରେ ଆମ ଉପରେ ହାତ ରଖି, ଚିହ୍ନ ଓ ଚମତ୍କାରମାନ ଦ୍ୱାରା, ନିଜକୁ ଆମ ସହିତ ପରିଚିତ କରାଉଛନ୍ତି । ଏବଂ ଆମେ ରୋଗୀମାନଙ୍କ ଉପରେ ନିଜର ହାତକୁ ରଖୁଅଛୁ, ଯେପରିକି ଆମର ବିଶ୍ୱାସକୁ ସେମାନଙ୍କ ସହିତ ଜଡିତ କରି, ସେମାନଙ୍କ ସହିତ ନିଜକୁ ଚିହ୍ନିତ କରୁ । ଅସୁସ୍ଥତାକୁ ଯିବାକୁ ହିଁ ପଡିବ, ଏବଂ ଏହା ହେଉ ଯେ ତାହା ଯୀଶୁ ଖ୍ରୀଷ୍ଟଙ୍କ ନାମରେ ହେଉ, ଯେତେବେଳେକି ଆମେ ଏହାକୁ ଗ୍ରହଣ କରିବା ନିମନ୍ତେ ଏଠାକୁ ଯାଉଅଛୁ ।

ସମସ୍ତ ମଣ୍ଡଳୀ ପ୍ରାର୍ଥନା କରନ୍ତୁ ।

208 ରୟ କିମ୍ବା କେହି ଜଣେ ଏଠାକୁ ଆସନ୍ତୁ ଏବଂ ଏହି ମାଇକ୍ରୋଫୋନ୍ ପାଖରେ ଠିଆ ହୁଅନ୍ତି, ଏବଂ ଧାଡିଗୁଡ଼ିକୁ ସିଧା କରନ୍ତୁ ।

209 ଦେଖନ୍ତୁ, ଆପଣ ବର୍ତ୍ତମାନ ଏଠାରୁ ଯିବାବେଳେ, ବିଶ୍ୱାସ କରି ଆସନ୍ତୁ, ପ୍ରାର୍ଥନା କରି ଆସନ୍ତୁ । ଆମେ କେବଳ ରୋଗୀମାନଙ୍କ ଉପରେ ହାତ ରଖିବାକୁ ଯାଉଅଛୁ । ଠିକ୍ ତାହା ଦେଇ ଆସନ୍ତୁ । ପ୍ରାର୍ଥନା କରନ୍ତୁ । ଯେତେବେଳେ ଆପଣ ଏହି ସେବକମାନଙ୍କ ଧାଡି ଦେଇ ଯାଆନ୍ତି, ଯଦି ଆପଣ ସାହାରା ବାଡି ଉପରେ ଚାଲୁଛନ୍ତି, ସେଗୁଡିକୁ ତଳେ ରଖି ଦିଅନ୍ତୁ ଏବଂ ଚାଲିଯାଆନ୍ତୁ । ଯଦି ଆପଣଙ୍କୁ କର୍କଟ, ଅସୁସ୍ଥତା ଅଛି, କୁହନ୍ତୁ, "ଡାକ୍ତର ଯାହା କରି ପାରିଥାଆନ୍ତା ତାହା ସବୁକିଛି କରିଛି, ସେ ଯାହା କରି ପାରିଥାଆନ୍ତା ତାହା କରିଛି, ଏବଂ ସେ କହୁଛନ୍ତି ଯେ ମୋତେ ମରିବାକୁ ପଡିବ । ମୁଁ ମରିବାକୁ ଯାଉ ନାହିଁ । ଏଠାରେ ମୋର ଚିହ୍ନ ଅଛି, ପ୍ରଭୁ । ତୁମେ ମୋତେ ସତୁରୀ ବର୍ଷ ପ୍ରତିଜ୍ଞା କରିଛ । ମୁଁ ଏହା କରି, ଠିକ ଏହା ଦେଇ ଯାଉଅଛି ।"

ଦେଖନ୍ତୁ, ତାହା କରନ୍ତୁ । ଆପଣ ଏହା କରିବେ କି? [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ଅନୁ ।] ଯୀଶୁଙ୍କ ନାମରେ, ଏହା ସେହିପରି ହେଉ । ଆମେନ୍ ।

210 ଠିକ ଅଛି, ଧାଡିକୁ ବଢ଼ିବାକୁ ଦିଅନ୍ତୁ । [ଭାଇ ବ୍ରାନହାମ୍ ଏବଂ ସେବକମାନେ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରନ୍ତି, ଯେତେବେଳେକି ଜଣେ ଭାଇ *କେବଳ ବିଶ୍ୱାସ କର* ଏବଂ ଅନ୍ୟାନ୍ୟ ଗୀତ ଗାଇବାରେ ମଣ୍ଡଳୀକୁ ଆଗେଇ ନିଅନ୍ତି । ଟେପରେ ରିକ୍ତ ସ୍ଥାନ—ଅନୁ ।]

ମୁଁ ବିଶ୍ୱାସ କରେ!
ମୋର ସମସ୍ତ ସନ୍ଦେହ ସେହି ନିର୍ଝରରେ କବର ଦିଆଗଲା ।

211 କଅଣ ଆପଣ ଏହାକୁ ବିଶ୍ୱାସ କରନ୍ତି? [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ଅନୁ ।] ଆମେନ୍ । ଓଃ, ସେ ଚମତ୍କାର ନୁହଁନ୍ତି କି? ["ଆମେନ୍ ।"] ସେମାନଙ୍କ ମଧ୍ୟରୁ କେତେକ ସେହି ଖଟ ଏବଂ ଷ୍ଟ୍ରେଚରରେ ଥିଲେ, ଠିକ ଉଠି ପଡ଼ିଲେ ଓ ଚାଲିଗଲେ; ସେଗୁଡ଼ିକୁ ଠିକ ସେଠାରେ ପଡ଼ି ରହିବା ପାଇଁ ଛାଡି ଦେଲେ, ଓ ଚାଲିଗଲେ । ଓଃ, ବର୍ତ୍ତମାନ ଏହା ସମସ୍ତେ ସୁସ୍ଥ ହୋଇପାରିବେ, ଯେଉଁମାନେ ଏହାକୁ ବିଶ୍ୱାସ କରିବେ । ଆପଣ ବିଶ୍ୱାସ କରନ୍ତି କି? ["ଆମେନ୍ ।"]

212 ଆସନ୍ତୁ ଆମକୁ ଗୀତର କର୍ଡ ଦିଅନ୍ତୁ, *ମୁଁ ତାହାଙ୍କୁ ପ୍ରେମ କରେ,* କଅଣ ଦେବେ କି, ଭଉଣୀ; ସେହି ପୁରୁଣା ଗୀତ, "ମୁଁ ତାହାଙ୍କୁ ପ୍ରେମ କରେ, ମୁଁ ତାହାଙ୍କୁ ପ୍ରେମ କରେ କାରଣ..."? ଆସନ୍ତୁ ଆମେ ସମସ୍ତେ କେବଳ ନିଜର ସ୍ୱର, ଏବଂ ଆମର ହାତ, ହୃଦୟ, ପରମେଶ୍ୱରଙ୍କ ନିକଟରେ ଉତ୍ତୋଳନ କରିବା, ଏବଂ ଗୀତ ଗାଇବା, "ମୁଁ ତାହାଙ୍କୁ ପ୍ରେମ କରେ, ମୁଁ ତାହାଙ୍କୁ ପ୍ରେମ କରେ, କାରଣ ସେ ପ୍ରଥମେ ମୋତେ ପ୍ରେମ କଲେ ।" ସମସ୍ତେ ବର୍ତ୍ତମାନ ।

ମୁଁ ତାହାଙ୍କୁ ପ୍ରେମ କରେ, ମୁଁ ତାହାଙ୍କୁ ପ୍ରେମ କରେ
କାରଣ ସେ ପ୍ରଥମେ ମୋତେ ପ୍ରେମ କଲେ
ଓ କ୍ରୟ କରିନେଲେ ମୋହର ଉଦ୍ଧାରକୁ
କାଲ-...ଉପରେ

213 ଜଣେ ମହିଳା, ଚକ ଚେୟାରରୁ ଉଠି, ଦୁଇ ଜଣଙ୍କ ସହଯୋଗରେ ଏଠାରେ ଚଲା ବୁଲା କରୁଛନ୍ତି । "ମୁଁ..." ଆସନ୍ତୁ ପରମେଶ୍ୱରଙ୍କ ନିକଟରେ ଆମର ହାତଗୁଡ଼ିକୁ ହଲାଇବା, "ମୁଁ ତାହାଙ୍କୁ ପ୍ରେମ କରେ!"

ମୁଁ ତାହାଙ୍କୁ ପ୍ରେମ କରେ
କାରଣ ସେ ପ୍ରଥମେ ମୋତେ ପ୍ରେମ କଲେ
ଓ କ୍ରୟ କରିନେଲେ ମୋହର ଉଦ୍ଧାରକୁ
କାଲବରୀର ଉପରେ...

ଆସନ୍ତୁ ବର୍ତ୍ତମାନ, ସମସ୍ତେ ତାହାଙ୍କୁ କେବଳ ପ୍ରଶଂସା କରିବା!

214 ପରମେଶ୍ୱରଙ୍କର ଗୌରବ ହେଉ! ପ୍ରଭୁ ଯୀଶୁ, ତୁମର ଉତ୍ତମତା, ତୁମର ଉପସ୍ଥିତି ପାଇଁ, ଆମେ ତୁମକୁ କିପରି ଧନ୍ୟବାଦ ଦେଉଅଛୁ। ଓଃ, ପ୍ରଭୁ, ସେହି ଚିହ୍ନ ପାଇଁ ଆମେ ତୁମକୁ ଧନ୍ୟବାଦ ଦେଉଅଛୁ। ଆମେମାନେ ପରିତ୍ରାଣ ପାଇଅଛୁ ଏବଂ ଆତ୍ମା ଦ୍ୱାରା ପରିପୂର୍ଣ୍ଣ ହୋଇଅଛୁ, ପବିତ୍ରଆତ୍ମା ବର୍ତ୍ତମାନ ଆମ ଶରୀରଗୁଡିକୁ ବର୍ଦ୍ଧିଷ୍ଣୁ କରୁଛନ୍ତି। ପିତା, ଏଥିପାଇଁ ଆମେ ତୁମକୁ କିପରି ଧନ୍ୟବାଦ ଦେଉଅଛୁ! ଓଃ, ଯୀଶୁଙ୍କ ନାମରେ ଆମେ ତୁମକୁ ଧନ୍ୟବାଦ ଦେଉଅଛୁ। ଆମେନ୍। ଆମେନ୍।

215 ସମସ୍ତେ ହାତ ମିଶାନ୍ତୁ, କୁହନ୍ତୁ, "ପରମେଶ୍ୱରଙ୍କ ପ୍ରଶଂସା ହେଉ!" ପରସ୍ପର ସହିତ ହାତ ମିଶାନ୍ତୁ, କୁହନ୍ତୁ, "ପରମେଶ୍ୱରଙ୍କ ପ୍ରଶଂସା ହେଉ! ପରମେଶ୍ୱରଙ୍କ ପ୍ରଶଂସା ହେଉ!" (...?...) ଠିକ୍ ଅଛି, ବର୍ତ୍ତମାନ, ସମସ୍ତେ ଏକାଠି:

ମୁଁ ତାହାଙ୍କୁ ପ୍ରେମ କରେ,

ହାତ ଉଠାନ୍ତୁ, ହୃଦୟ ଉତ୍ତୋଳନ କରନ୍ତୁ।

ମୁଁ...

ଏହାକୁ ନିଜର ହୃଦୟରୁ କେବଳ ପ୍ରକାଶ କରନ୍ତୁ।

କାରଣ ସେ ପ୍ରଥମେ ମୋତେ ପ୍ରେମ କଲେ (ଆପଣ ବରଖାସ୍ତ କରିବାକୁ ଯାଉଛନ୍ତି କି?)
ଓ କ୍ରୟ କରିନେଲେ ମୋହର ଉଦ୍ଧାରକୁ
କାଲବରୀ ବୃକ୍ଷ ଉପରେ।

216 ତେବେ ଆସନ୍ତୁ ପ୍ରକୃତ ଭକ୍ତି ସହକାରେ ମୁଣ୍ଡଗୁଡିକୁ ନୁଆଁଇବା, ଯେତେବେଳେକି ମୁଁ ବର୍ତ୍ତମାନ ସଭାକୁ ବରଖାସ୍ତ କରିବା ପାଇଁ ଭାଇ ଗ୍ରାଣ୍ଟକୁ ଦେଉଅଛି; ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ଧନ୍ୟବାଦ ଦେଉଅଛି। ପ୍ରଥମେ, ପ୍ରଭୁଙ୍କୁ ତାହାଙ୍କର ଉତ୍ତମତା, ତାହାଙ୍କର ଦୟା, ଏବଂ ଆଶ୍ୱାସନା ପାଇଁ ଧନ୍ୟବାଦ ଦେଉଅଛି ଯେ ମୁଁ ଆଶା କରେ ଯେ ଯାହା ଆମେ ଆପଣଙ୍କ ହୃଦୟରେ ଛାଡିଅଛୁ, ଯେ ଆମେ ଏଠାରେ ଏକୁଟିଆ ନାହୁଁ। ଆମର ମହାନ ମୁଖ୍ୟ କପ୍ତାନ ଆମ ମଧ୍ୟରେ ଅଛନ୍ତି। ମହାରାଜାଙ୍କର ଚିତ୍କାର ଶିବିରରେ ଅଛି। ଏବଂ ତାହାଙ୍କର ମହାନ ଶକ୍ତି ଏବଂ ତାହାଙ୍କର ମହାନ ଦୟା ଦେଖିବା ପାଇଁ, ଆମେ ପ୍ରଭୁଙ୍କୁ ଧନ୍ୟବାଦ ଦେଉଅଛୁ। ଏବଂ ବର୍ତ୍ତମାନ ଆସନ୍ତୁ ଭକ୍ତି ସହକାରେ ଆମର ମୁଣ୍ଡଗୁଡିକୁ ନୁଆଁଇବା। ଭାଇ ଗ୍ରାଣ୍ଟ।

**ଟୋକନ୍ ଅବା ସେହି ଚିହ୍ନ** ORI64-0308

(The Token)

ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ମାର୍ଚ୍ଚ ୫, 1964, ରବିବାର ଅପରାହ୍ନରେ, ଯୁକ୍ତରାଷ୍ଟ୍ର ଆମେରିକାର, ଟେକ୍ସାସ ପ୍ରଦେଶର, ଡାଲାସ ସହରର ସୋଲ୍ସ ହାର୍ବର ଟେମ୍ପଲଠାରେ, ପ୍ରଚାର କରାଯାଇଥିଲା, ମ୍ୟାଗ୍ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟ ଛାଣ୍ଟ ନ କରି ଇଂରାଜୀ ଭାଷାରେ ଛପାଯାଇଅଛି । ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା ।

ORIYA

©2022 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.

For more information or for other available material, please contact:



Voice Of God Recordings
P.O. Box 950, Jeffersonville, Indiana 47131 U.S.A.
www.branham.org